بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସଂଖ୍ୟା 31

ସାପ୍ତାହିକ ବଦର

The Weekly BADAR Qadian କାଦିଆନ

ODIA

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

02 ଅଗଷ୍ଟ 2018    02 ଜହୁର୍ 1397 ହି.ଶ    19 ଜୁଲ୍‌କାଦା 1439 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

يٰۤاَيُّهَا الَّذِيۡنَ اٰمَنُوۡۤا اَنۡفِقُوۡا مِمَّا رَزَقۡنٰكُمۡ مِّنۡ قَبۡلِ اَنۡ يَّاۡتِىَ يَوۡمٌ لَّا بَيۡعٌ فِيۡهِ وَلَا خُلَّةٌ وَّلَا شَفَاعَةٌ ؕ وَالۡكٰفِرُوۡنَ هُمُ الظّٰلِمُوۡنَ ۝

(سورۃ البقرۃ :255)

**ଅନୁବାଦ** - ହେ ବିଶ୍ୱାସକାରୀମାନେ ! ଯେଉଁଦିନ କୌଣସି ପ୍ରକାର କ୍ରୟ-ବିକ୍ରୟ, ବନ୍ଧୁତା ଓ ସୁପାରିଶ ଚଳିବ ନାହିଁ ସେଦିନର ଆଗମନ ପୂର୍ବରୁ ଆମ୍ଭେ ତୁମ୍ଭମାନଙ୍କୁ ଯାହା ଦେଇଅଛୁ ସେଥିରୁ (ଯଥାସମ୍ଭବ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ) ବ୍ୟୟ କର ଏବଂ ଏହାକୁ (ଅର୍ଥାତ୍ ଏହି ଆଦେଶକୁ) ଅବଜ୍ଞା କରୁଥିବା ବ୍ୟକ୍ତିମାନେ ହିଁ (ନିଜ ଉପରେ) ଅତ୍ୟାଚାର କରୁଛନ୍ତି ।

(ବକ୍ରାଃ : ୨୫୫)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍‌ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍‌ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

ମୁଁ ତୁମକୁ ସତ୍ୟ କହୁଅଛି କି ଯେଉଁ ବ୍ୟକ୍ତି ପବିତ୍ର କୋରାନ୍‌ର ସାତଶହ ହୁକୁମ୍ (ନିର୍ଦ୍ଦେଶ) ମଧ୍ୟରୁ ଗୋଟିଏ ଛୋଟିଆ ହୁକୁମ୍‌କୁ ମଧ୍ୟ ଟାଳିଦିଏ ସେ ନଜାତ୍ (ମୋକ୍ଷ)ର ଦ୍ୱାରକୁ ନିଜ ହାତରେ ନିଜପାଇଁ ବନ୍ଦ୍ କରିଥାଏ । ବାସ୍ତବିକ ଏବଂ ସମ୍ପୂର୍ଣ୍ଣ ନଜାତ୍‌ର ମାର୍ଗ ପବିତ୍ର କୋରାନ୍ ହିଁ ଖୋଲି ଦେଇଛି (ଏତଦ୍‌ବ୍ୟତୀତ) ବାକି ସବୁ ଏହାର ପ୍ରତିବିମ୍ବ ଥିଲେ । ତେଣୁ ତୁମେ ପବିତ୍ର କୋରାନ୍‌କୁ ଗଭୀର ଅନୁଧ୍ୟାନର ସହିତ ପାଠ କର ଏବଂ ତାକୁ ବହୁତ ପ୍ରେମ କର । ଏପରି ପ୍ରେମ କି ତୁମେ କାହାକୁ କରିନଥିବ ।

## କଶ୍‌ତିନୁହ୍ ପୁସ୍ତକରୁ ସୟଦ୍‌ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

ମୁଁ ଶୁଣିଛି କି ତୁମମାନଙ୍କ ମଧ୍ୟରୁ କିଛି ଲୋକେ ହଦିସ୍‌କୁ ମାନୁନାହାଁନ୍ତି । ଯଦି ସେମାନେ ଏପରି କରୁଛନ୍ତି ତେବେ ସେମାନେ ଭୀଷଣ ଭୁଲ୍ କରୁଛନ୍ତି । ମୁଁ ଏ ଶିକ୍ଷା ଦେଇନାହିଁ କି ଏପରି କର ବରଂ ମୋର ଧର୍ମ ହେଉଛି ଏହା କି ତିନୋଟି ଜିନିଷ ଅଛି ଯାହା ତୁମମାନଙ୍କ ହିଦାୟତ୍ ନିମନ୍ତେ ଈଶ୍ୱର ତୁମକୁ ପ୍ରଦାନ କରିଛନ୍ତି । ସର୍ବପ୍ରଥମେ ହେଉଛି ପବିତ୍ର କୋରାନ୍ । ଯେଉଁଥିରେ ଈଶ୍ୱରଙ୍କ ଏକେଶ୍ୱରବାଦ, ପ୍ରତାପ ଓ ମହାନତାର ଚର୍ଚ୍ଚା କରାଯାଇଛି ଓ ଯେଉଁଥିରେ ସେହି ମତଭେଦ ଗୁଡିକର ସମାଧାନ କରାଯାଇଛି ଯାହା ୟୁହୁଦୀ ଏବଂ ନସାରା (ଇସାଇ) ମାନଙ୍କ ଭିତରେ ଥିଲା । ଯେପରିକି ଏ ମତଭେଦ ଓ ଭୁଲ୍ ବୁଝାମଣା ଅର୍ଥାତ୍ ଇସା ଇବ୍‌ନେ ମରିୟମ୍ ସଲିବ (କୃଶ) ମାଧ୍ୟମରେ ହତ୍ୟା ହୋଇଛନ୍ତି ଓ ସେ (ଏଥିଯୋଗୁ) ଲାନତି (ଅଭିଶାପଗ୍ରସ୍ତ) ହେଲେ ଓ ଅନ୍ୟ ନବୀମାନଙ୍କ ପରି ତାଙ୍କର ରଫା (ଆଧ୍ୟାତ୍ମିକ ଉନ୍ନତି) ହୋଇନାହିଁ । ସେହିପରି ପବିତ୍ର କୋରାନ୍‌ରେ ମନା କରାଯାଇଛି କି ଈଶ୍ୱରଙ୍କ ବ୍ୟତୀତ ତୁମେ ଅନ୍ୟ କାହାର ଉପାସନା କରନାହିଁ । ନା ମନୁଷ୍ୟର ନା ପଶୁପକ୍ଷୀଙ୍କର ନା ସୂର୍ଯ୍ୟର ନା ଚନ୍ଦ୍ରର ନା କୌଣସି ନକ୍ଷତ୍ରର ଓ ନା ଆସବାବର ଓ ନା ନିଜର (ଉପାସନା) । ସୁତରାଂ ତୁମେ ସାବଧାନ ହୋଇଯାଅ ଏବଂ ଈଶ୍ୱରଙ୍କ ଶିକ୍ଷା ଓ ପବିତ୍ର କୋରାନ୍‌ର ଶିକ୍ଷାର ବିରୋଧରେ ଗୋଟିଏ ପାଦ ମଧ୍ୟ ଉଠାଓ ନାହିଁ । ମୁଁ ତୁମକୁ ସତ୍ୟ କହୁଅଛି କି ଯେଉଁ ବ୍ୟକ୍ତି ପବିତ୍ର କୋରାନ୍‌ର ସାତଶହ ହୁକୁମ୍ (ନିର୍ଦ୍ଦେଶ) ମଧ୍ୟରୁ ଗୋଟିଏ ଛୋଟିଆ ହୁକୁମ୍‌କୁ ମଧ୍ୟ ଟାଳିଦିଏ ସେ ନଜାତ୍ (ମୋକ୍ଷ)ର ଦ୍ୱାରକୁ ନିଜ ହାତରେ ନିଜପାଇଁ ବନ୍ଦ୍ କରିଥାଏ । ବାସ୍ତବିକ ଏବଂ ସମ୍ପୂର୍ଣ୍ଣ ନଜାତ୍‌ର ମାର୍ଗ ପବିତ୍ର କୋରାନ୍ ହିଁ ଖୋଲି ଦେଇଛି (ଏତଦ୍‌ବ୍ୟତୀତ) ବାକି ସବୁ (ପୁସ୍ତକ)ଏହାର ପ୍ରତିବିମ୍ବ ଥିଲେ । ତେଣୁ ତୁମେ ପବିତ୍ର କୋରାନ୍‌କୁ ଗଭୀର ଅନୁଧ୍ୟାନର ସହିତ ପାଠ କର ଏବଂ ତାକୁ ବହୁତ ପ୍ରେମ କର । ଏପରି ପ୍ରେମ ଯାହା ତୁମେ କାହାକୁ କରିନଥିବ କାରଣ ଯେପରି ଈଶ୍ୱର୍* ମୋତେ ସମ୍ବୋଧନ କରି କହିଛନ୍ତି କି *ଅଲ୍‌ଖୈରୋ କୁଲ୍ଲୁହୁ ଫିଲ୍ କୁର୍‌ଆନ୍* ଅର୍ଥାତ୍ ସବୁ ପ୍ରକାରର ଉତମତା ପବିତ୍ର କୋରାନ୍‌ରେ ଭରି ରହିଛି ଓ ଏହା ହିଁ ହେଉଛି ସତ୍ୟ । ଏପରି ଲୋକମାନଙ୍କ ଉପରେ ଦୁଃଖ ଲାଗୁଛି ଯେଉଁମାନେ ଆଉ କାହାରିକୁ ଏହା ଉପରେ ଅଗ୍ରାଧିକାର ଦେଉଛନ୍ତି । ତୁମର ସମସ୍ତ ସଫଳତା ଓ ନଜାତ୍ (ମୋକ୍ଷ/ମୁକ୍ତି)ର ସ୍ରୋତ ପବିତ୍ର କୋରାନ୍‌ରେ ରହିଛି । ଏପରି କୌଣସି ଧର୍ମୀୟ ଆବଶ୍ୟକତା ତୁମର ନାହିଁ ଯାହା ପବିତ୍ର କୋରାନ୍‌ରେ ମିଳୁନଥିବ । ତୁମ ଇମାନ୍‌ର ସମର୍ଥକ ବା ଖଣ୍ଡନ କୟାମତ୍ ଦିନ ପବିତ୍ର କୋରାନ୍ କରିବ ଓ ପବିତ୍ର କୋରାନ୍ ବ୍ୟତୀତ ଆକାଶ ତଳେ ଆଉ କୌଣସି ପୁସ୍ତକ ନାହିଁ ଯିଏ କୋରାନ୍ ବ୍ୟତୀତ ପ୍ରତ୍ୟକ୍ଷ ରୂପେ ତୁମକୁ ହିଦାୟତ୍ ଦେଇପାରିବ । ଈଶ୍ୱର ତୁମ ଉପରେ ବହୁତ ଅନୁଗ୍ରହ କରିଛନ୍ତି କି ପବିତ୍ର କୋରାନ୍ ପରି ପୁସ୍ତକ ତୁମକୁ ପ୍ରଦାନ କରିଛନ୍ତି । ମୁଁ ତୁମକୁ ସତ୍ୟ କହୁଅଛି ଯେଉଁ ପୁସ୍ତକଟି ତୁମ ଉପରେ ପଢ଼ାଯାଇଛି ଯଦି ତାହା ଇସାଇମାନଙ୍କ ଉପରେ ପଢ଼ାଯାଇଥାଆନ୍ତା ତେବେ ସେମାନେ ହଲାକ୍ ହୋଇନଥାନ୍ତେ ଏବଂ ଏହି ନେମତ୍ (ପୁରସ୍କାର) ଏବଂ ହିଦାୟତ୍ ଯାହା ତୁମକୁ ଦିଆଯାଇଛି, ଯଦି ୟୁହୁଦୀମାନଙ୍କୁ ତୌରାତ୍ ଦିଆ ନଯାଇ ଏହା ଦିଆଯାଇଥାଆନ୍ତା ତେବେ ସେମାନଙ୍କ ମଧ୍ୟରୁ କିଛି ଫିର୍‌କା କୟାମତ୍‌ର ଅମାନ୍ୟକାରୀ ହୋଇନଥାନ୍ତେ । ତେଣୁ ଏହି ନେମତ୍‌ର ସମ୍ମାନ କର, ଯାହା ତୁମକୁ ଦିଆଯାଇଅଛି । ଏହା ହେଉଛି ଅତ୍ୟନ୍ତ ପ୍ରିୟ ନେମତ୍, ଏହା ବହୁତ ବଡ଼ ସମ୍ପତି, ଯଦି ପବିତ୍ର କୋରାନ୍ ନ ଆସିଥାନ୍ତା ତେବେ ସଂସାର ଗୋଟିଏ ଖରାପ ମାଂସ ପିଣ୍ଡୁଳା ପରି ରହିଥାଆନ୍ତା । ପବିତ୍ର କୋରାନ୍ ହେଉଛି ସେହି ପୁସ୍ତକ ଯାହା ସମ୍ମୁଖରେ ସମସ୍ତ ହିଦାୟତ୍ ହେଉଛି ନ୍ୟୁନ । ଇଞ୍ଜିଲ୍‌କୁ ଆଣିବାବାଲା ସେହି ରୁହୁଲ୍ କୁଦୁସ୍ ଥିଲା ଯିଏ କପୋତ ରୂପରେ ପ୍ରକାଶ ହୋଇଥିଲା ଓ ଯିଏ ଗୋଟିଏ ଦୁର୍ବଳ ପକ୍ଷୀ ଅଟେ, ଯାହାକୁ ବିଲେଇ ମଧ୍ୟ ଧରିପାରେ । ତେଣୁ ଇସାଇମାନେ ଦିନକୁ ଦିନ ଦୁର୍ବଳତାର ଗାଡ଼ ଭିତରେ ପଡ଼ିଚାଲିଲେ ଓ ଆଧ୍ୟାତ୍ମିକତା ତାଙ୍କଠାରେ ବାକି ରହିଲା ନାହିଁ । କାରଣ ସେମାନଙ୍କ ବିଶ୍ୱାସର ସମସ୍ତ ଆଧାର କପୋତ ଉପରେ ଥିଲା । କିନ୍ତୁ ପବିତ୍ର କୋରାନ୍‌ର ରୁହୁଲ୍ କୁଦୁସ୍ ଏପରି ମହାନ୍ ରୂପରେ ପ୍ରକାଶ ହୋଇଥିଲା ଯିଏ ପୃଥିବୀରୁ ନେଇ ଆକାଶ ପର୍ଯ୍ୟନ୍ତ ନିଜ ଅସ୍ତିତ୍ୱ ଦ୍ୱାରା ସମସ୍ତ ବ୍ରହ୍ମାଣ୍ଡକୁ ଭରି ନେଇଥିଲା । ସୁତରାଂ କେଉଁଠି କପୋତ ଓ ଆଉ କେଉଁଠି ମହାନ୍ ପ୍ରକାଶ ଯାହା ବିଷୟରେ ପବିତ୍ର କୋରାନ୍‌ରେ ମଧ୍ୟ ଚର୍ଚ୍ଚା ହୋଇଛି । ପବିତ୍ର କୋରାନ୍ ଗୋଟିଏ ସପ୍ତାହରେ ମନୁଷ୍ୟକୁ ପବିତ୍ର କରିପାରେ । ଯଦି କୌଣସି ପ୍ରକାରର ପ୍ରତିବନ୍ଧକ ନାହିଁ (ତେବେ) ପବିତ୍ର କୋରାନ୍ ତୁମକୁ ନବୀମାନଙ୍କ ପରି କରିପାରେ, ଯଦି ତୁମେ ନିଜେ ତା ଠାରୁ ଦୂରେଇ ନଯାଓ । ପବିତ୍ର କୋରାନ୍ ବ୍ୟତୀତ କୌଣସି ପୁସ୍ତକ ପ୍ରାରମ୍ଭରେ ହିଁ ନିଜର ପଢ଼ିବାବାଲାଙ୍କୁ ଏ ଦୁଆ ଶିଖାଇନାହିଁ ଓ ଏ ଆଶା ଦେଇନାହିଁ କି *ଏହେଦେନସ୍ ସିରାତଲ୍ ମୁସ୍‌ତକୀମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଆଲୈହିମ୍* ଅର୍ଥାତ୍ ଆମମାନଙ୍କୁ ସେହି ପୁରସ୍କାରର ମାର୍ଗ ଦେଖାଅ ଯେଉଁ ପୁରସ୍କାରକୁ ତୁମ ପୂର୍ବରୁ ଥିବା ଲୋକମାନଙ୍କୁ ଦିଆଯାଇଥିଲା, ଯେଉଁମାନେ ନବୀ ଓ ରସୁଲ୍ ଓ ସିଦିକ୍ ଓ ଶହିଦ୍ ଏବଂ ସ୍ୱାଲେହ ହୋଇଥିଲେ । ତେଣୁ ନିଜର ସାହସକୁ ଉଚ୍ଚ କରିନିଅ ଓ ପବିତ୍ର କୋରାନ୍‌ର ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରନାହିଁ କାରଣ ସେ ତୁମକୁ ସେହି ସବୁ ପୁରସ୍କାର ଦେବାକୁ ଚାହୁଁଛି ଯାହା ପୂର୍ବରୁ ଲୋକମାନଙ୍କୁ ଦିଆଯାଇଥିଲା । କଣ ସେ ବନି ଇସ୍‌ରାଇଲ୍‌ର ଦେଶ ଓ ବନି ଇସ୍‌ରାଇଲ୍‌ର ବଇତୁଲ୍ ମୋକଦସ୍ ତୁମକୁ ପ୍ରଦାନ କରିନାହିଁ, ଯାହା ଆଜିପର୍ଯ୍ୟନ୍ତ ତୁମ କବ୍‌ଜାରେ ରହିଛି । ତେଣୁ ହେ ବିଶ୍ୱାସରେ ଅବହେଳିତ (ଲୋକେ) ଓ ଦୁର୍ବଳ ସାହସ (ରଖିଥିବା ଲୋକେ) କଣ ତୁମେ ଏହା ଭାବୁଛ କି ତୁମ ଈଶ୍ୱର ପାର୍ଥିବ ରୂପେ ବନି ଇସ୍‌ରାଇଲ୍‌ର ସମସ୍ତ ସମ୍ପତିର ନିର୍ବାହକ ତୁମମାନଙ୍କୁ ତ କରିଦେଲେ କିନ୍ତୁ ଆଧ୍ୟାତ୍ମିକ ରୂପେ ତୁମକୁ ନିର୍ବାହକ କରିପାରିଲେ ନାହିଁ ବରଂ ତୁମପାଇଁ ଈଶ୍ୱର ତାଙ୍କଠାରୁ ଅଧିକା ବୈଭବ ପ୍ରଦାନ କରିବା ପାଇଁ ଇଚ୍ଛା କରିଛନ୍ତି । ଈଶ୍ୱର ସେମାନଙ୍କ ଆଧ୍ୟାତ୍ମିକ ଓ ପାର୍ଥିବ ସମ୍ପତି ସବୁର ତୁମକୁ ଉତରାଧିକାରୀ ବନାଇଲେ । କିନ୍ତୁ ତୁମର ଉତରାଧିକାରୀ ଆଉ ଅନ୍ୟ କେହି ହେବେନାହିଁ, ଯେପର୍ଯ୍ୟନ୍ତ କୟାମତ ନଆସିଛି । ଈଶ୍ୱର ତୁମକୁ ଓ୍ୱହି ଏବଂ ଏଲ୍‌ହାମ୍ (ଐଶ୍ୱରିକ ବାଣୀ)ର ପୁରସ୍କାର ଏବଂ ଈଶ୍ୱରଙ୍କ ସହିତ ସମ୍ବୋଧନ ଓ ବାର୍ତାଳାପ କରିବା ପୁରସ୍କାରରୁ ତୁମକୁ କଦାପି ବଂଚିତ ରଖିବେ ନାହିଁ । ସେ ତୁମ ଉପରେ ସେହି ସବୁ ପୁରସ୍କାର ଗୁଡିକୁ ପୂରଣ କରିବ, ଯାହା ତୁମ ପୂର୍ବରୁ ଥିବା ଲୋକମାନଙ୍କୁ ଦିଆଯାଇଥିଲା କିନ୍ତୁ ଯେଉଁ ବ୍ୟକ୍ତି ଧୃଷ୍ଟତାର ସହିତ ଈଶ୍ୱରଙ୍କ ଉପରେ ମିଥ୍ୟାରୋପ ଲଗାଇବ ଓ କହିବ କି ଈଶ୍ୱରଙ୍କ ଓ୍ୱହି (ସ୍ୱର୍ଗବାଣୀ) ମୋ ଉପରେ ଅବତୀର୍ଣ୍ଣ ହୋଇଛି ବୋଲି ଯେବେ କି ବାସ୍ତବରେ ତାହା ଅବତୀର୍ଣ୍ଣ ହୋଇନଥିବ ବା ଏହା କହିବ କି ଈଶ୍ୱରଙ୍କ ସହିତ ସମ୍ବୋଧନ ଓ ବାର୍ତାଳାପର ସୌଭାଗ୍ୟ ମୋତେ ପ୍ରାପ୍ତ ହୋଇଛି ବୋଲି ଯେବେ କି ତାହା ବାସ୍ତବରେ ହୋଇନଥିବ ତେବେ ମୁଁ ଈଶ୍ୱର ଏବଂ ତାଙ୍କ ଦେବଦୂତମାନଙ୍କୁ ସାକ୍ଷୀ ରଖି କହୁଛି କି ସେ ହଲାକ୍ (ନିଃଶେଷ) କରିଦିଆଯିବ କାରଣ ସେ ନିଜ ସୃଷ୍ଟିକର୍ତାଙ୍କ ଉପରେ ମିଥ୍ୟା ଆରୋପ ଲଗାଇଛି, ଧୋକା ଦେଇଛି ଓ ଭୀଷଣ ଧୃଷ୍ଟତାକୁ ପ୍ରକାଶ କରିଛି । ତେଣୁ ତୁମେ ଏପରି କଥାକୁ ଭୟ କର । ସେହି ଲୋକମାନଙ୍କ ଉପରେ ଲାନତ୍ (ଅଭିଶାପ) ଯେଉଁମାନେ ମିଛ ସ୍ୱପ୍ନ ବନାଉଛନ୍ତି ଓ (ଈଶ୍ୱରଙ୍କ ସହିତ) ସମ୍ବୋଧନ ଓ ବାର୍ତାଳାପ କରିବାର ମିଥ୍ୟା ଦାବୀ କରୁଛନ୍ତି । ଯେପରିକି ସେମାନେ ଏହା ମନରେ ଭାବୁଛନ୍ତି କି ଈଶ୍ୱର ନାହାଁନ୍ତି । କିନ୍ତୁ ଈଶ୍ୱରଙ୍କ ଭୀଷଣ ଦଣ୍ଡ ତାଙ୍କୁ ମିଳିବ ଓ ସେମାନଙ୍କର ଖରାପ ଦିନଗୁଡିକ ତାଙ୍କଦ୍ୱାରା ଟଳିପାରିବ ନାହିଁ । ତେଣୁ ତୁମେ ସତ୍ୟ ଏବଂ ସଠିକ ଏବଂ ତକ୍‌ଓ୍ୱା (ନିଷ୍ଠା) ଓ ଈଶ୍ୱରଙ୍କ ସହିତ ପ୍ରେମରେ ଉନ୍ନତି କର ଏବଂ ନିଜର କାମକୁ ଏପରି ବୁଝିନିଅ ଯେଉଁପର୍ଯ୍ୟନ୍ତ ଜୀବନ ଅଛି (ସେପର୍ଯ୍ୟନ୍ତ କରି ଚାଲିବ) । ପୁଣି ତୁମମାନଙ୍କ ମଧ୍ୟରୁ ସେ ଯାହାଙ୍କ ସପକ୍ଷରେ ଚାହିଁବେ ତାଙ୍କୁ ସମ୍ବୋଧନ ଓ ବାର୍ତାଳାପ କରିବାର ସୌଭାଗ୍ୟ ପ୍ରଦାନ କରିବେ । ତୁମକୁ ଏପରି ମଧ୍ୟ ଆଶା ରଖିବା ଉଚିତ୍ ନୁହେଁ ଯଦ୍ୱାରା ନିଜର ଆଶା ଓ ଅଭିଳାଶା ପାଇଁ ସଇତାନ୍‌ର ସିଲ୍‌ସିଲା ଆରମ୍ଭ ନ ହୋଇଯାଉ । ଏହାଦ୍ୱାରା ଅନେକ ଲୋକ ହଲାକ୍ ହୋଇଯାଉଛନ୍ତି । ତେଣୁ ତୁମେ ସେବା ଓ ଉପାସନାରେ ଲାଗି ରୁହ । ତୁମର ସମସ୍ତ ଚେଷ୍ଟା ଏଥିରେ ନିୟୋଜିତ ହେବା ଉଚିତ୍ କି ତୁମେ ଈଶ୍ୱରଙ୍କ ସମସ୍ତ ନିର୍ଦ୍ଦେଶାବଳୀ ଗୁଡିକ ଉପରେ ପରିଚାଳିତ ହୁଅ ଏବଂ ବିଶ୍ୱାସରେ ଉନ୍ନତି ଚାହିଁ (ଏହା) ନଜାତ୍ ପାଇଁ ନା କି ଏଲ୍‌ହାମ୍ (ଐଶିବାଣୀ)କୁ ଦେଖାଇବା ପାଇଁ ।

*ଦ୍ୱିତୀୟ ମାଧ୍ୟମ ହିଦାୟତ୍ ପାଇବା ପାଇଁ ହେଉଛି ସୁନ୍ନତ୍ ଅର୍ଥାତ୍ ସେହି ପବିତ୍ର ନମୁନା ଯାହାକୁ ଆଁ ହଜ୍‌ରତ୍ ସ:ଆ:ସ ନିଜ କାର୍ଯ୍ୟ ଦ୍ୱାରା କରି ଦେଖାଇଛନ୍ତି । ଉଦାହରଣ ସ୍ୱରୂପ ନମାଜ ପଢ଼ି ଦେଖାଇଛନ୍ତି କି ଏହିପରି ନମାଜ ହେବା ଉଚିତ୍ ଓ ରୋଜା ରଖିକରି ଦେଖାଇଛନ୍ତି କି ଏହିପରି ରୋଜା ରଖିବା ଉଚିତ୍ । ଏହାର ନାମ ହେଉଛି ସୁନ୍ନତ୍ । ଅର୍ଥାତ୍ ନବୀଙ୍କ ନୀତ ଯେଉଁଥିରେ ଈଶ୍ୱରଙ୍କ କଥନକୁ କାର୍ଯ୍ୟରେ କରି ଦେଖାଇଛନ୍ତି । ସୁନ୍ନତ୍ ହେଉଛି ଏହାର ନାମ । ହିଦାୟତ୍‌ର ତୃତୀମ ମାଧ୍ୟମ ହେଉଛି ହଦିସ୍ ଯାହା ଆପଣ ସ:ଆ:ସଙ୍କ ପରେ ଆପଣଙ୍କ କଥନକୁ ଏକତ୍ରିତ କରାଯାଇଛି । ଏବଂ ହଦିସ୍‌ର ସ୍ଥାନ ପବିତ୍ର କୋରାନ୍ ଓ ସୁନ୍ନତ୍ ଠାରୁ କମ୍ ଅଟେ । କାରଣ ଅଧିକାଂଶ ହଦିସ୍ ହେଉଛି ଜନ୍ନି (ଆନୁମାନିକ) । କିନ୍ତୁ ଯଦି ତାହା ସହିତ ସୁନ୍ନତ ଥିବ ତେବେ ସେ ତାକୁ ସୁନିଶ୍ଚିତ କରିଦେବ । (କଶ୍‌ତିନୁହ୍ ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୨୬-୨୮)

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ...

ବହୁତ ଆନନ୍ଦିତ ଓ ଏଠାରେ ଗୋଟିଏ ସୁନ୍ଦର୍ ମସ୍‌ଜିଦ୍ ନିର୍ମାଣ ହୋଇଛି ।

ଜଣେ ପ୍ରଫେସର୍ ପ୍ରଶ୍ନ ପଚାରିଲେ କି ଆପଣ ''Aichi Prefecture'' ର ଇଲାକାରେ ନିଜର ମସ୍‌ଜିଦ୍ ନିର୍ମାଣ କରିଛନ୍ତି । ଏହି ଇଲାକାରେ ମସ୍‌ଜିଦ୍ ନିର୍ମାଣ କରିବାର କଣ ବିଶେଷତ୍ୱ ଅଛି ?

ଏହି ପ୍ରଶ୍ନର ଉତ୍ତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆମେ ବହୁତ ସମୟରୁ ମସ୍‌ଜିଦ୍ ନିମନ୍ତେ ଯାଗା ଖୋଜୁଥିଲୁ । ଆମେ ନାଗୋୟା ସହରରେ ଏଥିପାଇଁ ଯାଗା ଖୋଜୁଥିଲୁ । ସୌଭାଗ୍ୟ ବସତଃ ଏହି ଯାଗାଟି ଆମକୁ ମିଳିଗଲା ଓ ଆମେ ଏହାକୁ କିଣିନେଲୁ । ଆମର କୌଣସି ଏପରି ବିଶେଷ ଏଜେଣ୍ଡା ନଥିଲା କି ଆମେ ଏହି ବିଶେଷ ଇଲାକାରେ ହିଁ ଯାଗା କିଣିବୁ ବୋଲି ।

ଆଉଗୋଟିଏ ପ୍ରଶ୍ନର ଉତ୍ତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଆଁ ହଜରତ୍ ସ:ଆ:ସ ଏ ପେଶ୍‌ଗୋଇ କରିଥିଲେ କି ଇସ୍‌ଲାମ୍ ଉପରେ ଗୋଟିଏ ଏପରି ମଧ ସମୟ ଆସିବ କି ଇସ୍‌ଲାମ୍ କେବଳ ନାମରେ ହିଁ ସିମିତ ରହିଯିବ ଇସ୍‌ଲାମ୍‌ର ଶିକ୍ଷାକୁ ଭୁଲାଇ ଦିଆଯିବ ଓ ସେହି ଶିକ୍ଷା ଉପରେ ଅମଲ କରାଯିବ ନାହିଁ । ଯେବେ ଏପରି ସମୟ ଆସିବ ସେତେବେଳେ ଅଲ୍ଲାହ୍‌ତାଲା ମୁସଲମାନ୍‌ମାନଙ୍କ ହିଦାୟତ୍ ନିମନ୍ତେ ମସିହ୍ ମଉଦ୍ ଓ ଇମାମ୍ ମେହ୍‌ଦୀଙ୍କୁ ପ୍ରେରଣ କରିବେ । ଆମେ ଏହା ବିଶ୍ୱାସ ରଖୁଛୁ କି ଉକ୍ତ ପେଶ୍‌ଗୋଇ ମୁତାବକ, ଯେଉଁଥିରେ ମସିହ୍ ମଉଦ୍ ଏବଂ ଇମାମ୍ ମେହ୍‌ଦୀ ଇସ୍‌ଲାମ୍‌କୁ ପୁନର୍ବାର ଜୀବିତ କରହିବା ପାଇଁ ଆସିବାର ଥିଲା, ସେ ଆସି ସାରିଛନ୍ତି । ଆମ ନିକଟରେ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସ ହେଉଛନ୍ତି ସେହି ଇମାମ୍ ମେହ୍‌ଦୀ ଓ ମସିହ୍ ମଉଦ୍ ।

ଆମର ଏ ବିଶ୍ୱାସ କି ଆସିବାକୁ ଥିବା ମସିହ୍ ଓ ମେହ୍‌ଦୀ ଆଁ ହଜରତ୍ ସ:ଆ:ସଙ୍କ କାର୍ଯ୍ୟକୁ ହିଁ ଆଗକୁ ବଢ଼ାଇବେ । ସୁତରାଂ ଜମାତ୍ ଅହେମଦୀୟାର ପ୍ରତିଷ୍ଠାତା ଆଁ ହଜରତ୍ ସ:ଆ:ସଙ୍କ କାର୍ଯ୍ୟକୁ ଆଗକୁ ବଢ଼ାଇଲେ । ଆପଣ ଆ:ସ ଲୋକମାନଙ୍କୁ ଇସ୍‌ଲାମ୍‌ର ଅସଲ ଓ ବାସ୍ତବିକ ଶିକ୍ଷା ବିଷୟରେ ପରିଚିତ କରାଇଲେ । ପବିତ୍ର କୋରାନ୍‌ର ଶିକ୍ଷାଗୁଡିକୁ ପ୍ରକାଶ କଲେ ଓ ଇସ୍‌ଲାମ୍ ପ୍ରତି ଅଭିହିତ ହେଉଥିବା ଯେଉଁ ସବୁ ଭୁଲ୍ ଶିକ୍ଷାଗୁଡିକ ପ୍ରଚଳନ ହୋଇଯାଇଥିଲା, ସେଗୁଡିକର ସୁଧାର କଲେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଜମାତ୍ ଅହେମଦୀୟାର ସ୍ଥାପନାର ଶୁଭାରମ୍ଭ ଭାରତର ପଞ୍ଜାବ ପ୍ରଦେଶର ଗୋଟିଏ ଗ୍ରାମ କାଦିଆନରୁ ହୋଇଥିଲା । ପ୍ରଥମେ ଏହି ଜମାତ୍ ଭାରତରେ ପ୍ରସାର ହେଲା । ପୁଣି ସେଠାରୁ ଦୁନିଆର ଅନ୍ୟଦେଶଗୁଡିକୁ ଓ ମହାଦେଶ ଗୁଡିକରେ ପହଂଚିଲା । ୧୯୧୩ ମସିହାରେ ବ୍ରିଟେନ୍‌ରେ ଜମାତ୍ ସ୍ଥାପନ ହେଲା । ୧୯୨୧ ମସିହାରେ ଆଫ୍ରିକାରେ ସ୍ଥାପନ ହେଲା । ଏଠି ଜାପାନ୍‌ରେ ୧୯୩୫ ମସିହାରେ ଆମର ପ୍ରଥମ ମୁବଲିଗ୍ ଆସିଲେ । ଆମେରିକାରେ ୧୯୨୦-୨୧ରେ ଜମାତ୍ ସ୍ଥାପନ ହୋଇସାରିଛି । ବର୍ତ୍ତମାନ ଏହିବର୍ଷ ମରିସସ୍‌ରେ ଜମାତ୍ ପ୍ରତିଷ୍ଠା ହେବାର ୧୦୦ ବର୍ଷ ପୁର୍ତ୍ତୀ କରିସାରିଛି । ସେ ନିଜର ଶତବାର୍ଷୀକି ଜୁବୁଲି ଉତ୍ସବ ପାଳନ କରୁଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏହିପରି ଆମେ ଆରମ୍ଭରୁ ହିଁ ଆନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟ କରୁଅଛୁ ଏବଂ ବର୍ତ୍ତମାନ ଦୁନିଆର ବିଭିନ୍ନ ଦେଶରେ ଆମ ମିଶିନାରୀ ଅଛନ୍ତି ସେ ସେଠାରେ ସେଂଟର ସ୍ଥାପନ ହୋଇସାରିଛି ।

ଆଉଗୋଟିଏ ପ୍ରଶ୍ନର ଉତ୍ତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଦୀନ୍ ମାମଲାରେ କୌଣସି ବାଧବାଧକତା ନାହିଁ । ଆମର କାମ ହେଉଛି ମିଶିନାରୀ ୱର୍କ୍ । ଆମେ ତବ୍‌ଲିଗ୍ କରୁଛୁ ଓ ଇସ୍‌ଲାମ୍‌ର ସଚ୍ଚା ଓ ବାସ୍ତବିକ ଶିକ୍ଷାର ବାର୍ତ୍ତାକୁ ଅନ୍ୟମାନଙ୍କ ପର୍ଯ୍ୟନ୍ତ ପହଂଚାଉଛୁ କି ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନ ଓ ତାର ଅଧିକାର ଗୁଡିକୁ ପ୍ରଦାନ କର । ପ୍ରତ୍ୟେକ ମନୁଷ୍ୟ ଅନ୍ୟ ମନୁଷ୍ୟର ଅଧିକାରକୁ ପ୍ରଦାନ କରୁ । ଜଣେ ଅନ୍ୟଜଣଙ୍କୁ ସମ୍ମାନ କରୁ, ମାନବଜାତିର ସେବା କରୁ, ସାହାଯ୍ୟ କରୁ ଏବଂ ଅନ୍ୟମାନଙ୍କର ଅଧିକାରକୁ ପ୍ରଦାନ କରୁ । ଜଣେ ଅନ୍ୟଜଣଙ୍କର ଧ୍ୟାନ ରଖୁ । ଏ ସବୁ ହେଉଛି ସେହି ବାର୍ତ୍ତା ଯାହାକୁ ଆମେ ପ୍ରତ୍ୟେକ ସ୍ଥାନରେ ପହଂଚାଉଛୁ ଓ ସେଥିଯୋଗୁ ଆମେ ସଂଖ୍ୟାରେ ମଧ ବଢ଼ି ଚାଲିଛୁ । ଆମେ ଆଫ୍ରିକାରେ ମଧ କାମ କରୁଛୁ । ଆଫ୍ରିକାର ଗରିବ ଇଲାକାରେ ଆମେ ଡାକ୍ତରଖାନା ପ୍ରତିଷ୍ଠା କରିଛୁ, ସ୍କୁଲ୍ ମଧ ଖୋଲିଛୁ, ଯେଉଁ ସ୍କୁଲ୍‌ରେ ଆମେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଶିକ୍ଷା ପ୍ରଦାନ କରୁଛୁ ଓ ଗରିବପିଲା ମାନଙ୍କୁ ମାଗଣା ଶିକ୍ଷା ଦେଉଅଛୁ । ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟତୀତ ଜନତାଙ୍କ ସ୍ୱାର୍ଥ ପାଇଁ ଆମେ ମଧ କାର୍ଯ୍ୟ କରି ଚାଲିଛୁ । ଏବେ ଆମେ ସେଠାରେ ପିଇବା ପାଇଁ ବିଶୁଦ୍ଧଜଳ ଯୋଗାଇ ଦେଉଛୁ ଏବଂ କିଛି ଅନ୍ୟାନ୍ୟ ଆବଶ୍ୟକତାକୁ ମଧ ପୂରଣ କରୁଅଛୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆମେ ଦୁଇପ୍ରକାରର କାମ କରୁଅଛୁ । ପ୍ରଥମତଃ ଲୋକମାନେ ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନନ୍ତୁ ଓ ଇଶ୍ୱରଙ୍କର ଅଧିକାରକୁ ପ୍ରଦାନ କରନ୍ତୁ । ଦ୍ୱିତୀୟତଃ ପ୍ରତ୍ୟେକ ମନୁଷ୍ୟ ଅନ୍ୟ ମନୁଷ୍ୟର ଅଧିକାରକୁ ପ୍ରଦାନ କରୁ ଓ ପ୍ରତ୍ୟେକ ବ୍ୟକ୍ତି ଅନ୍ୟମାନଙ୍କ ସହିତ ପ୍ରେମ ଓ ସୌହାର୍ଦ୍ଧ୍ୟର ସହିତ ବ୍ୟବହାର କରୁ । ଜଣେ ଅନ୍ୟଜଣକର ଆବଶ୍ୟକତାକୁ ଧ୍ୟାନ ରଖୁ ଓ ଆମ୍ଭେ ମାନବସେବାର କାର୍ଯ୍ୟକୁ ନିଜ କାର୍ଯ୍ୟଦ୍ୱାରା କରି ଦେଖାଉଛୁ ।

ଆଉଜଣେ ପ୍ରଫେସର୍ ପ୍ରଶ୍ନ ପଚାରିଲେ କି ପ୍ୟାରିସ୍ (ଫ୍ରାନ୍ସ)ରେ ଯେଉଁ ସନ୍ତ୍ରାସବାଦ ଆକ୍ରମଣ କରାଯାଇଛି ସେ ବିଷୟରେ ହଜୁର୍ କଣ କହିବେ ?

ଏହି ପ୍ରଶ୍ନର ଉତ୍ତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏପରି ଆକ୍ରମଣ କରୁଥିବା ଲୋକେ ହେଉଛନ୍ତି ଅତ୍ୟାଚାରୀ । ଇସ୍‌ଲାମ୍ ଏହିପରି ବର୍ବରକାଣ୍ଡ କରିବାକୁ ଅନୁମତି ଦେଉନାହିଁ । ପବିତ୍ର କୋରାନ୍ କହୁଛି କି ବିନା କାରଣରେ କାହାକୁ ହତ୍ୟା କରିବା, କାହାର ଜୀବନ ନେବା ହେଉଛି ଏପରି କାର୍ଯ୍ୟ ଯେପରି ସମଗ୍ର ମାନବଜାତିର ଜୀବନ ନେବା । ଇସ୍‌ଲାମ୍ ନାମରେ ଯେଉଁ ପ୍ରକାର ଆକ୍ରମଣ କରାଯାଉଛି ଓ ହତ୍ୟା ଓ ବର୍ବରକାଣ୍ଡ କରାଯାଉଛି ସେ ସବୁ କଦାପି ଇସ୍‌ଲାମ୍ ଶିକ୍ଷାର ଅନ୍ତର୍ଭୁକ୍ତ ନୁହେଁ । ଇସ୍‌ଲାମ୍‌ର ଶିକ୍ଷା ତ ହେଉଛି ଶାନ୍ତି ଓ ସୌହାର୍ଦ୍ଧ୍ୟର ଶିକ୍ଷା । ଏବେ ବାମାକୋ (Bamako) ମାଲି ଦେଶରେ ମଧ ସେହିପରି ସନ୍ତ୍ରାସବାଦ ଆକ୍ରମଣର ଘଟଣା ଘଟିଛି ଯାହା ସମ୍ପୂର୍ଣ୍ଣ ରୂପେ ଅତ୍ୟାଚାର ଅଟେ ।

ଆଉଜଣେ ପ୍ରଫେସର୍ ପ୍ରଶ୍ନ କଲେ କି କଣ ଆପଣ ଦିନରେ ପାଂଚବେଳା ନମାଜ ପାଠ କରୁଛନ୍ତି ?

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଆମେ ହେଉଛୁ ମୁସଲମାନ୍ । ତେଣୁ ଆମେ ପାଠ କରୁଛୁ । ସେଇଥିପାଇଁ ଆମେ ମସ୍‌ଜିଦ୍ ନିର୍ମାଣ କରିଛୁ କି ପାଂଚବେଳା ନମାଜ ଏଠାରେ ପଢ଼ାଯିବ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଲୋକମାନେ ହଜ୍‌ର ଉପାସନା ସମ୍ପାଦନ କରିବା ପାଇଁ ମକ୍କା ଯାଉଛନ୍ତି । କିନ୍ତୁ ଆମକୁ କହୁଛନ୍ତି କି ଆମେ ମୁସଲମାନ୍ ନୁହଁନ୍ତି । ସେଇଥିପାଇଁ ଆମେ ହଜ୍ କରିବା ପାଇଁ ଯାଇପାରିବୁ ନାହିଁ । କିନ୍ତୁ ଆମ ମାନଙ୍କ ମଧ୍ୟରୁ ଯେଉଁମାନଙ୍କୁ ମୌକା ମିଳୁଛି ସେ ଯାଇ ହଜ୍ କରି ଆସୁଛନ୍ତି । ଆମର ପ୍ରଥମ ଖଲିଫା ମଧ ହଜ୍ କରିଥିଲେ, ଦ୍ୱିତୀୟ ଖଲିଫା ମଧ ହଜ୍ କରିଥିଲେ । ବହୁତ ଅହେମଦୀମାନେ ହଜ୍ କରୁଛନ୍ତି । ମୋତେ ମୌକା ମିଳିନାହିଁ, ଯେବେ ମୋତେ ମିଳିବ ଇନ୍‌ଶାଅଲ୍ଲାହ୍ ମୁଁ ଯାଇ ହଜ୍ କରି ଆସିବି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଆମେ ଯେଉଁ ପାଂଚବେଳା ନମାଜ ପଢୁଛୁ ସେଗୁଡିକର ସମୟ ହେଉଛି ଏପରି- ଗୋଟିଏ ନମାଜ ସକାଳବୋଳ ସୂର୍ଯ୍ୟୋଦୟର କିଛି ସମୟ ପୂର୍ବରୁ ପାଠ କରାଯାଏ । ଦ୍ୱିତୀୟ ନମାଜ୍‌ଟି ଦ୍ୱିପ୍ରହରରେ ପାଠ ହୁଏ । ଆଉଗୋଟିଏ ଦ୍ୱିପ୍ରହର ଗଡିଯିବାର କିଛି ସମୟପରେ ପାଠ କରାଯାଏ । ଆଉଗୋଟିଏ ସୂର୍ଯ୍ୟାସ୍ତ ହେବା ପରେ ପାଠ କରାଯାଏ । ଏବଂ ଯେଉଁ ପଂଚମ ନମାଜଟି ଅଛି ତାହା ସୂର୍ଯ୍ୟ ଅସ୍ତ ହେବାର ୧ ରୁ ଦେଢ଼ଘଂଟା ପରେ ରାତିରେ ପାଠ କରାଯାଏ । ଆମେ ଅଲ୍ଲାହ୍‌ତାଲାଙ୍କ ଦୟାବଳରୁ ପାଂଚବେଳା ନମାଜ ପାଠ କରୁଛୁ ।

ଆଉଜଣେ ପ୍ରଫେସର୍ ପ୍ରଶ୍ନ କଲେ କି କଣ ମୁସଲମାନ୍ ମାନେ ସୁଅର୍ (ଘୁଷୁରି) ଖାଆନ୍ତି ନାହିଁ ?

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଇସ୍‌ଲାମ୍ ସୁଅର୍‌କୁ ହରାମ୍‌କୁ ଅଭିହିତ କରିଛି ଓ ଏହାକୁ ଖାଇବା ପାଇଁ ମନା କରିଛି । କିନ୍ତୁ ପବିତ୍ର କୋରାନ୍‌ରେ ଏହା ମଧ ଲେଖାଯାଇଛି କି ଯଦି ଆପଣ ଭୋକରେ ମରୁଥିବେ ଓ ଆପଣଙ୍କ ନିକଟରେ ଖାଇବା ପାଇଁ କିଛି ନଥିବ ତ ଏହିପରି ଅବସ୍ଥାରେ ଜୀବନ ବଂଚାଇବା ପାଇଁ ସୁଅର୍‌ର ମାଂସ କିଛିଟା ଖାଇପାରିବେ । ଯଦ୍ୱାରା ଜୀବନ ବଂଚିଯିବ । ଇସ୍‌ଲାମ୍‌ର ଶିକ୍ଷା ଏତେ କଠୋର ନୁହେଁ ।

ୟୁନିଭର୍‌ସିଟିର ପ୍ରଫେସର୍‌ଗଣ ଓ ଶିକ୍ଷାର୍ଥୀମାନଙ୍କ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ହୋଇଥିବା ଏହି ସାକ୍ଷାତ୍‌କାର୍ ୫ଟା ପର୍ଯ୍ୟନ୍ତ ଜାରି ରହିଲା ।

**(ବହ୍‌ୱାଲା ଅଖ୍‌ବାର୍ ବଦର୍ ୭ ଜାନୁଆରୀ ୨୦୧୬)**

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ଅନ୍ୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତ୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଲ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

# ଖୁତ୍‌ବା ଜୁମା

ହଜ୍‌ରତ୍ ଅମ୍ମାର୍ ର:ଅଙ୍କ ସିରତ୍ (ଜିବନୀ) ବିଷୟରେ ବିଗତ ଖୁତ୍‌ବାରେ ବର୍ଣ୍ଣନା କରାଯାଇଥିବା ବିଷୟ ବସ୍ତୁ ବ୍ୟତୀତ ଆଉ କିଛି ଅଧିକା ରିୱାୟତ୍‌ର ବର୍ଣ୍ଣନା । ସେହିପରି ହଜ୍‌ରତ୍ ଅବୁ ଲୁବାବାଃ ବିନ୍ ଅବ୍‌ଦୁଲ୍ ମୁନ୍‌ଜର୍‌ଙ୍କ ଅବସ୍ଥା ଓ ତାଙ୍କ ସିରତ୍‌ର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା । ଦୀନ୍‌ର ଜ୍ଞାନ ଆହରଣ କରିବା, ପବିତ୍ର କୋରାନ୍‌ର ଜ୍ଞାନକୁ ଶିଖିବା ଏହା ବର୍ତମାନ ଜମାତର ପ୍ରତ୍ୟେକ ବ୍ୟକ୍ତିଙ୍କ ନିମନ୍ତେ ସହଜ ହୋଇଯାଇଛି ଓ ଅଲ୍ଲାଃତାଲା ଏ ଯୁଗରେ ଏମ୍.ଟି.ଏ ମାଧ୍ୟମରେ ଆମକୁ ଗୋଟିଏ ଏପରି ଜରିଆ ପ୍ରଦାନ କରିଛନ୍ତି ଯାହା ଦ୍ୱାରା ଆମେ ଯଦି ଚାହିଁବା ତେବେ ଦୀନୀ ଜ୍ଞାନ ଆହରଣ କରିପାରିବା । ସେଥିରେ ପବିତ୍ର କୋରାନ୍‌ର ଦରସ୍ ହେଉଛି, ହଦିସ୍‌ର ଦରସ୍ ହେଉଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକ ଗୁଡ଼ିକର ଦରସ୍ ହେଉଛି, ଖୁତ୍‌ବା ଆସୁଛି, ଅନ୍ୟ ଅଭିଭାଷଣ ଗୁଡ଼ିକ ପ୍ରସାରଣ କରାଯାଉଛି, ଜଲ୍‌ସାର ପ୍ରସାରଣ କରାଯାଉଛି । ତେବେ ଅତି କମ୍‌ରେ ଏ ଦୃଷ୍ଟିକୋଣରୁ ଯଦି ଆମେ ନିଜକୁ ମଧ୍ୟ ଓ ନିଜ ସନ୍ତାନମାନଙ୍କୁ ମଧ୍ୟ ଏହି ମାଧ୍ୟମ ସହିତ ଯୋଡ଼ିଦେବା ତେବେ ଏହା ତର୍‌ବିୟତ୍‌ର ଗୋଟିଏ ଭଲ ମାଧ୍ୟମ ହେବ । ଖିଲାଫତ୍ ସହିତ ସମ୍ପର୍କ ସ୍ଥାପନ ହେଉଛି । ପ୍ରତ୍ୟେକ ପ୍ରକାରର ଫିତ୍‌ନା ଫସାଦ୍ (ବିଭ୍ରାଟ) ରୁ ଏହା ବଂଚାଉଛି ମଧ୍ୟ ଓ ଧାର୍ମିକ ଜ୍ଞାନକୁ ବଢ଼ାଉଛି । ସେଇଥିପାଇଁ ଏଥିପ୍ରତି ଜମାତ୍‌ର ଲୋକମାନଙ୍କୁ ବହୁତ ଧ୍ୟାନ ଦେବା ଉଚିତ ହେବ କି ଅଲ୍ଲାଃତାଲା ଏମ୍.ଟି.ଏ ର ଯେଉଁ ମାଧ୍ୟମକୁ ଯୋଗାଇ ଦେଉଛନ୍ତି ତା ସହିତ ନିଜକୁ ଯୋଡ଼ିବା । ମୋକରମ୍ କାଜି ସାବାନ୍ ଅହେମଦ୍ ଖାନ୍ ସାହେବ୍ ସୁପୁତ୍ର କାଜି ମହମ୍ମଦ୍ ସଲ୍‌ମାନ୍ ସାହେବ୍ ଲାହୋର୍ (ପାକିସ୍ତାନ) ଠାରେ ଶାହାଦତ୍ ଓ ।ତାଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଓ ଯନାଜାଃ ଗାଏବ୍ । ମୋକରମା ଅମତୁଲ୍ ହଇ ବେଗମ୍ ସାହିବା ସୁପୁତ ସେଠ୍ ମହମ୍ମଦ୍ ଗୌସ୍ ସାହେବ୍‌ଙ୍କ ଦେହାନ୍ତ ଓ ତାଙ୍କର ଉତମ ଗୁଣାବଳୀର ଚର୍ଚ୍ଚା ଓ ନମାଜ ଯନାଜାଃ ହାଜିର୍ (ଉପସ୍ଥିତ)

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]

## (ପ୍ରଦତ୍ତ: ୨୯ ଜୁନ୍ ୨୦୧୮ ଅନୁଯାୟୀ ୨୯ ଏହ୍‌ସାନ୍ ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ۔
اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ଗତ ଖୁତବାରେ ମୁଁ ହଜରତ ଅମାର ର.ଅଙ୍କ ସମ୍ବନ୍ଧରେ କହିଥିଲି ଆଜି ତାଙ୍କର ଆଉ କିଛି କଥା ବର୍ଣ୍ଣନା କରିବି ।

ହଜରତ ହସନ ର.ଅ କୁହନ୍ତି ହଜରତ ଉମ୍‌ରୋ ବିନ୍ ଆସ୍ କହିଲେ ହଜୁର ସ.ଆ ଦେହତ୍ୟାଗ କରିବା ପର୍ଯ୍ୟନ୍ତ ଯେଉଁ ବ୍ୟକ୍ତିଙ୍କୁ ଭଲ ପାଉଥିଲେ, ମୁଁ ଆଶା କରୁ ନାହିଁ କି ଅଲ୍ଲାଃ ତାଙ୍କୁ ନର୍କଗାମୀ କରିଦେବେ । ଲୋକମାନେ କହିଲେ କି ଆମେ ଦେଖୁଥିଲୁ ଯେ ଆଁ ହଜ୍‌ରତ୍ ସ:ଆ:ସ ତୁମକୁ ପ୍ରେମ କରୁଥିଲେ ଓ ତୁମକୁ ଆମିଲ୍ ବନାଉଥିଲେ । ଏଥିରେ ହଜ୍‌ରତ୍ ଉମ୍‌ରୋ ବିନ୍ ଆସ୍ କହିଲେ କି ଅଲ୍ଲାଃ ହିଁ ସଠିକ୍ ଜାଣିଛନ୍ତି ଯେ ଆପଣ ସ:ଆ:ସ ମୋତେ ପ୍ରେମ କରୁଥିଲେ ବା ମୋ ହୃଦୟକୁ ଖୁସି କରାଇବା ପାଇଁ ଏପରି କରୁଥିଲେ କିନ୍ତୁ ଆମ୍ଭେ ଆପଣ ସ:ଆ:ସଙ୍କୁ ଜଣେ ବ୍ୟକ୍ତିଙ୍କୁ ପ୍ରେମ କରିବାର ଦେଖୁଥିଲୁ । ଏଥିରେ ଲୋକମାନେ କହିଲେ ସେ ବ୍ୟକ୍ତି କିଏ ଥିଲେ ? ହଜ୍‌ରତ୍ ଉମ୍‌ରୋ ବିନ୍ ଆସ୍ କହିଲେ ଅମାର ବିନ୍ ୟାସିର୍ ଏପରି ବ୍ୟକ୍ତିତ୍ୱ ଥିଲେ ଯାହାଙ୍କୁ ହଜୁର ସ.ଆ ସର୍ବଦା ଭଲ ପାଉଥିଲେ । ଲୋକମାନେ ଏହା ଶୁଣି କହିଲେ କି ସଫିନ୍ ଯୁଦ୍ଧରେ ତୁମେମାନେ ତ ତାଙ୍କୁ ଶହିଦ କରିଥିଲ । ହଜ୍‌ରତ୍ ଉମ୍‌ରୋ ବିନ୍ ଆସ୍ ସେ ସମୟରେ ଅମୀର୍ ମାୱିୟାଙ୍କ ତରଫ୍‌ଦାରୀ କରୁଥିଲେ । ତେବେ ହଜ୍‌ରତ୍ ଉମ୍‌ରୋ ବିନ୍ ଆସ୍ କହିଲେ କି ଇଶ୍ୱରଙ୍କ ରାଣ । ଆମେ ହିଁ ତାଙ୍କୁ ହତ୍ୟା କରିଛୁ ।

ଆଉଗୋଟିଏ ରିୱାୟତ୍‌ରେ ହଜ୍‌ରତ୍ ଉମ୍‌ରୋ ବିନ୍ ଆସ୍ କୁହନ୍ତି ଦୁଇ ଜଣଙ୍କ ସମ୍ବନ୍ଧରେ ମୁଁ ସାକ୍ଷୀ ଅଟେ କି ହଜୁର ସ.ଆ ନିଜ ଦେହାନ୍ତ ପର୍ଯ୍ୟନ୍ତ ସେମାନଙ୍କୁ ଭଲ ପାଉଥିଲେ ସେମାନେ ହେଲେ ହଜରତ ଅବଦୁଲ୍ଲାଃ ବିନ୍ ମସଉଦ୍ ଓ ହଜରତ ଅମାର ବିନ୍ ୟାସିର୍ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୧୯୯, ଅମାର୍ ବିନ୍ ୟାସିର୍, ମୁଦ୍ରଣ- ଦାରୁଲ୍ କୁତୁବ୍ ଅଲ୍ ଇଲ୍‌ମିୟା, ବେରୁତ ୧୯୯୦)

ଅବୁବକର୍ ବିନ୍ ମହମ୍ମଦ୍ ବିନ୍ ଉମ୍‌ରୋ ବିନ୍ ହଜମ୍ ନିଜ ବାପାଙ୍କ ଠାରୁ ରିୱାୟତ୍ କରୁଛନ୍ତି କି ଯେବେ ହଜ୍‌ରତ୍ ଅମାର୍ ବିନ୍ ୟାସିର୍ ର:ଅଙ୍କୁ ଶହିଦ୍ କରିଦିଆଗଲା ସେତେବେଳେ ଉମ୍‌ରୋ ବିନ୍ ହଜମ୍ ହଜ୍‌ରତ୍ ଉମ୍‌ରୋ ବିନ୍ ଆସ୍‌ଙ୍କ ନିକଟକୁ ଆସିଲେ ଓ କହିଲେ କି ଅମାର୍ ର:ଅଙ୍କୁ ଶହିଦ୍ କରିଦିଆଯାଇଛି ଓ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଏକଥା କହିବାର ଶୁଣିଛି କି ତାଙ୍କୁ ବିଦ୍ରୋହୀ ଗୋଷ୍ଠୀ ଶହିଦ୍ କରିବେ । ଏଥିରେ ହଜ୍‌ରତ୍ ଉମ୍‌ରୋ ଘାବରେଇକି ଉଠିଲେ ଓ ହଜ୍‌ରତ୍ ମାୱିୟାଙ୍କ ନିକଟକୁ ଗଲେ । ହଜ୍‌ରତ୍ ମାୱିୟା ତାଙ୍କୁ ଏ ଅବସ୍ଥାରେ ଦେଖି ପଚାରିଲେ କି ସବୁକିଛି ଠିକ୍ ଅଛି ତ ? ସେ କହିଲେ କି ହଜ୍‌ରତ୍ ଅମାର୍ ବିନ୍ ୟାସିର୍‌ଙ୍କୁ ଶହିଦ୍ କରିଦିଆଯାଇଛି । ଏଥିରେ ହଜ୍‌ରତ୍ ମାୱିୟା ପଚାରିଲେ କି ଅମାର୍‌କୁ ଶହିଦ୍ କରିଦିଆଗଲା ତ ପୁଣି କଣ ହେଲା ? ହଜ୍‌ରତ୍ ଉମ୍‌ରୋ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଏହା କହିବାର ଶୁଣିଛି କି ତାଙ୍କୁ ବିଦ୍ରୋହୀ ଗୋଷ୍ଠୀ ହତ୍ୟା କରିବେ । ଏଥିରେ ମାୱିୟା କହିଲେ କଣ ଆମେ ତାଙ୍କୁ ଶହିଦ୍ କରିଛୁ କି ? ତାଙ୍କୁ ତ ହଜ୍‌ରତ୍ ଅଲୀ ର:ଅ ଏବଂ ସେମାନଙ୍କ ସାଥିମାନେ ମରାଇ ଦେଇଛନ୍ତି । ଯେଉଁମାନେ ତାଙ୍କୁ ଆଣି ଆମ ଭାଲି ସମ୍ମୁଖରେ ବା ଆମ ତରବାରି ସମ୍ମୁଖରେ ପକାଇଦେଲେ ।

(ଅଲ୍ ମୁସ୍ତଦ୍‌ରକ୍ ଅଲସ୍ ସହି ହୈନି, ଖଣ୍ଡ-୩, ପୃଷ୍ଠା-୪୭୪....ହଦିସ୍ ୫୭୨୬....୧୯୯୭)

ସେ ଯାହା ହେଉନା କାହିଁକି ହଜ୍‌ରତ୍ ଉମ୍‌ରୋ ବିନ୍ ଆସ୍‌ଙ୍କ ଭିତରେ ପୁଣ୍ୟ ଥିଲା । ସେଥିଯୋଗୁ ତାଙ୍କୁ ଚିନ୍ତା ଘାରିଲା । କିନ୍ତୁ ଅମୀର୍ ମାୱିୟା ଏକଥାକୁ ଏତେ ଗୁରୁତ୍ୱ ଦେଲେ ନାହିଁ । ସେ ଯାହା ହେଉ ସାହାବା ମାନଙ୍କୁ ବହୁତ ଚିନ୍ତା ଲାଗି ରହୁଥିଲା । ଯେବେ ସେମାନଙ୍କୁ କୌଣସି ପ୍ରକାର ରିୱାୟତ୍ ପହଂଚିଥିଲା ବା ନିଜେ ସେମାନେ କେବେ ଶୁଣିଥିବେ କି ଆଁ ହଜ୍‌ରତ୍ ସ:ଆ:ସ କାହା ବିଷୟରେ କୌଣସି ସତର୍କବାଣୀ କରିଛନ୍ତି ବା କୌଣସି ଖୁସିର ଖବର ଦେଇଛନ୍ତି ।

ହଜରତ ଆଏଶା ର.ଅ ହଜରତ ଅମାରଙ୍କ ସମ୍ବନ୍ଧରେ କହିଲେ- "ସେ ଆମୁଳେ ଚୁଳେ ବିଶ୍ୱାସରେ ଭରି ରହିଥିଲେ ।" (ଫଜାଇଲ୍ ସାହାବା ର:ଅ ଲେଖକ ଇମାମ୍ ଅହେମଦ୍ ବିନ୍ ହମ୍ବଲ୍, ପୃଷ୍ଠା-୫୨୦ ଫଜାଏଲ୍ ସୟଦ୍‌ନା ଅମାର୍ ବିନ୍ ୟାସର୍....୨୦୧୬)

ଏକଦା ହଜରତ ଖବାବ୍ ହଜରତ ଉମର ର.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ହଜରତ ଉମର ର.ଅ ତାଙ୍କୁ କହିଲେ ମୋ ନିକଟବର୍ତୀ ହୋଇଯାଅ କାରଣ ଏହି ମଜଲିସ୍‌ରେ ହଜରତ ଅମାରଙ୍କୁ ବାଦ ଦେଲେ ଆପଣଙ୍କ ବ୍ୟତୀତ ଏହାର ଅନ୍ୟ କେହି ଅଧିକାରୀ ନୁହନ୍ତି । ତାପରେ ହଜରତ ଖବାବ୍ ହଜରତ ଉମରଙ୍କୁ ନିଜ ଅଣ୍ଟାର କ୍ଷତ ଚିହ୍ନ ଦେଖାଇଲେ ଯାହାକି ଅମାନ୍ୟକାରୀମାନେ ତାଙ୍କୁ ପହଂଚାଇଥିଲେ । (ସୁନନେ ଇବ୍‌ନେ ମାଜା କିତାବୁସ୍ ସୁନ୍ନା ବାବ୍ ଫଜାଇଲେ ଖବାବ୍ ହଦିସ୍ ନଂ-୧୫୩)

ହଜରତ ଉମର ତାଙ୍କୁ ବହୁତ ସମ୍ମାନ କରୁଥିଲେ କାରଣ ସେ ଆରମ୍ଭରୁ (ଇସଲାମ ସ୍ୱୀକାର କରିବା ଯୋଗୁଁ) ବହୁତ କଷ୍ଟ ସହ୍ୟ କରିଥିଲେ ଏବଂ ଏଥିସହିତ ହଜରତ ଅମାରଙ୍କ ସମ୍ବନ୍ଧରେ କହିଲେ କି ସେ ମଧ୍ୟ ଅତ୍ୟଧିକ କଷ୍ଟ ସହ୍ୟ କରିଛନ୍ତି ।

ଆଉ ଗୋଟିଏ ରିୱାୟତ୍ ହଜ୍‌ରତ୍ ଅମାର୍ ର:ଅଙ୍କ ପ୍ରସଙ୍ଗରେ ହଜ୍‌ରତ୍ ଅଲୀ ର:ଅଙ୍କ ସାକ୍ଷଦେବା ସମ୍ବନ୍ଧରେ ମଧ୍ୟ ଅଛି ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ପେଶ୍‌ଗୋଇ ସମ୍ବନ୍ଧୀୟ । ହଜ୍‌ରତ୍ ଅମାର୍ ବିନ୍ ୟାସିର୍‌ଙ୍କ ଠାରୁ ବର୍ଣ୍ଣିତ କି ଏକଦା ଜାତୁଲ୍ ଅଶିରା ଯୁଦ୍ଧରେ ମୁଁ ଓ ହଜ୍‌ରତ୍ ଅଲୀ ର:ଅ ଯାତ୍ରା କରିବା ସମୟରେ ସାଥିରେ ଥିଲୁ । ଯେବେ ରସୁଲୁଲ୍ଲାଃ ସ:ଆ:ସ ଗୋଟିଏ ସ୍ଥାନରେ ରାସ୍ତାରେ ରହିଲେ ଆମେ ବନୁ ମୁଦ୍‌ଲିଜ୍‌ଙ୍କ କିଛି ଲୋକମାନଙ୍କୁ ଦେଖିଲୁ ଯେଉଁମାନେ ନିଜ ବଗିଚାର ଝରଣାରେ କାମ କରୁଥିଲେ । ହଜ୍‌ରତ୍ ଅଲୀ ର:ଅ ମୋତେ କହିବାକୁ ଲାଗିଲେ କି ଆସ ସେହି ଲୋକମାନଙ୍କୁ ନିକଟକୁ ଯାଇ ଦେଖିବା କି ସେମାନେ କିପରି କାମ କରୁଛନ୍ତି । ସୁତରାଂ ଆମେ ସେମାନଙ୍କ ନିକଟକୁ ଗଲୁ । କିଛି ସମୟ ଆମେ ତାଙ୍କର କାମକୁ ଦେଖିଲୁ । ତାପରେ ଆମକୁ ନିଦ ଆସିଗଲା । ସୁତରାଂ ମୁଁ ଏବଂ ହଜ୍‌ରତ୍ ଅଲୀ ର:ଅ ସେହି ବଗିଚା ଭିତରକୁ ପଶି ମାଟି ଉପରେ ଶୋଇଗଲୁ ଇଶ୍ୱରଙ୍କ ରାଣ ଆମକୁ ରସୁଲୁଲ୍ଲାଃ ସ:ଆ:ସ ହିଁ ଆସି ଉଠାଇ ଜଗାଇଦେଲେ । ଆପଣ ସ:ଆ:ସ ଆମ ପାଦ୍‌କୁ ହଲାଉଥିଲେ ଓ ଆମେ ମାଟିରେ ଲଟପଟ ହୋଇଯାଇଥିଲୁ । ସେହିଦିନ ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଅଲୀଙ୍କୁ କହିଲେ କି ହେ ଅବୁ ତୁରାବ୍ ! ଏହା ଏଇଥିପାଇଁ କହିଲେ କି ତାଙ୍କୁ ଦେଖାଯାଉଥିଲା କି ସେମାନେ ମାଟିରେ ଲଟପଟ ହୋଇଯାଇଛନ୍ତି । ଆପଣ ସ:ଆ:ସ କହିଲେ କି କଣ ମୁଁ ତୁମକୁ ସେହି ଦୁଇଜଣ ଲୋକଙ୍କ ବିଷୟରେ ବତାଇବି ନାହିଁ । ଯେଉଁ ଦୁଇଜଣ ଲୋକମାନଙ୍କ ଭିତରେ ସବୁଠାର ଅଧିକା ଅଭାଗା । ଆମେ କହିଲୁ କାହିଁକି ନୁହେଁ ହେ ରସୁଲୁଲ୍ଲାଃ ! ଆପଣ ସ:ଆ:ସ କହିଲେ ଜଣେ ହେଉଛନ୍ତି ସମୁଦ କୌମ୍‌ର ସେହି ଲାଲ୍ ଓ ଧଳା ରଙ୍ଗର ବ୍ୟକ୍ତି ଯିଏ ଓଟର କଚଟିକୁ କାଟିଦେଇଥିଲା । ଓ ଦ୍ୱିତୀୟ ବ୍ୟକ୍ତି ହେଉଛି ସେ ବ୍ୟକ୍ତି ହେ ଅଲୀ ଯିଏ ତୁମ ମୁଣ୍ଡକୁ ଆକ୍ରମଣ କରିବ ଓ ତୁମ ଦାଢ଼ିକୁ ରକ୍ତ ରଞ୍ଜିତ କରିଦେବ । (ମସନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୬, ପୃଷ୍ଠା-୨୬୧, ହଦିସ୍ ଅମାର୍‌ବିନ୍ ୟାସିର୍, ହଦିସ - ୧୮୫୧୧....... ୧୯୯୮) ।

ଅବୁ ମିଜ୍‌ଲଜ୍ କହୁଛନ୍ତି କି ଏକଦା ହଜରତ ଅମାର ବିନ୍ ୟାସିର ସଂକ୍ଷିପ୍ତ ନମାଜ ପାଠ କଲେ ତାଙ୍କୁ କେହି ଜଣେ ଏହାର କାରଣ ପଚାରିବାରୁ ସେ କହିଲେ ମୁଁ ହଜୁର ସ.ଆଙ୍କ ନମାଜ ପାଠ କରିବାରେ ତିଳେ ମାତ୍ର ଫରକ୍ କରିନାହିଁ । (ମସନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୬, ପୃଷ୍ଠା-୨୬୨, ହଦିସ୍ ଅମାର୍‌ବିନ୍ ୟାସିର୍, ହଦିସ - ୧୮୫୧୪....... ୧୯୯୮) ।

ଏହି ଘଟଣାର ବର୍ଣ୍ଣନା ଏପରି ମଧ୍ୟ ମିଳୁଛି କି ଏକଦା ହଜରତ ଅମାର ବିନ୍ ୟାସିର୍ ଆମକୁ ବେଶ୍ ସଂକ୍ଷିପ୍ତ ନମାଜ ପାଠ କରାଇଲେ ସେଥିରେ ଲୋକ ଆଶ୍ଚର୍ଯ୍ୟାନ୍ୱିତ ହେଲେ । ହଜରତ ଅମାର ପଚାରିଲେ କ'ଣ ମୁଁ ରକୁ ଓ ସୁଜୁଦ୍ ସମ୍ପୂର୍ଣ୍ଣ ପାଠ କରିନାହିଁ ସେମାନେ ଉତର ଦେଲେ କାହିଁକି ନୁହେଁ । ହଜରତ ଅମାର କହିଲେ ମୁଁ ଏହି (ନମାଜ)ରେ ଏକ ଦୁଆ କଲି ଯାହାକି ହଜୁର ସ.ଆ (ଅଧିକାଂଶ ସମୟରେ) କରୁଥିଲେ ଏବଂ ତାହା ଏହିକି ଯେ, ***ହେ ଅଲ୍ଲାଃ ! ଭବିଷ୍ୟତର ଖବର ତୁମକୁ ଜଣା ଏବଂ ସମଗ୍ର ସୃଷ୍ଟି ଉପରେ ତୁମର ଆଧିପତ୍ୟ ରହିଛି । ତୁମେ ମୋତେ ସେପର୍ଯ୍ୟନ୍ତ ଜୀବିତ ରଖ ଯେପର୍ଯ୍ୟନ୍ତ ତୁମ ଜ୍ଞାତରେ ମୋର ଜୀବିତ ରହିବା ମୋ ପାଇଁ ଫଳପ୍ରଦ ହେବ । ଏବଂ ମୋତେ ସେତେବେଳେ ମୃତ୍ୟୁ ଦିଅ ଯେତେବେଳେ ମରିବା ମୋ ପାଇଁ ଫଳପ୍ରଦ ହେବ । ହେ ଅଲ୍ଲାଃ ! ମୁଁ ବର୍ତମାନ ଓ ଭବିଷ୍ୟତରେ ତୁମଠାରୁ ତୁମର ଭୟ ଭିକ୍ଷା କରୁଅଛି ଏବଂ ଉତ୍ୟକ୍ତ ଓ ପ୍ରସନ୍ନତା ସମୟରେ ସତ୍‌ବଚନ କହିବାର ଶକ୍ତି କାମନା କରୁଅଛି ଏବଂ ଅଭାବ ଓ ସ୍ୱଚ୍ଛଳ ଅବସ୍ଥାରେ ନିରାଡ଼ମ୍ବରମୟ ମାର୍ଗ ଆପଣାଇବା ଏବଂ ତୁମ ମୁଖରେ ପୂର୍ଣ୍ଣ ଆନନ୍ଦମୟ ଦୃଶ୍ୟ ଓ ତୁମ ସାନିଧ ଲାଭ କରିବାର ଆଗ୍ରହ ଭିକ୍ଷା କରୁଅଛି । ମୁଁ କୌଣସି ପ୍ରକାରର ଯନ୍ତ୍ରଣା ପ୍ରଦାନକାରୀ ବିଷୟ ଓ ପଥଭ୍ରଷ୍ଟକାରୀ ବିଭ୍ରାଟରୁ ତୁମ ଶରଣ କାମନା କରୁଅଛି ହେ ପ୍ରଭୁ ! ଆମକୁ ବିଶ୍ୱାସର ସୌନ୍ଦର୍ଯ୍ୟତାରେ ବିମଣ୍ଡିତ କରିଦିଅ ଆମକୁ ସତ୍‌ପଥ ପ୍ରାପ୍ତକାରୀ ଲୋକମାନଙ୍କ ନିମେନ୍ତ ପଥପ୍ରଦର୍ଶକ କରିଦିଅ ।***

(ମସନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୬, ପୃଷ୍ଠା-୨୬୨, ହଦିସ୍ ଅମାର୍‌ବିନ୍ ୟାସିର୍, ହଦିସ - ୧୮୫୧୫....... ୧୯୯୮) ।

ଏହା ମଧ୍ୟ ରିୱାୟତ୍‌ରେ ଆସୁଛି କି ହଜ୍‌ରତ୍ ଅମାର୍ ବିନ୍ ୟାସିର୍ ର:ଅ ପ୍ରତ୍ୟେକ ଜୁମାରେ ମେମ୍ବର୍ ଉପରେ ସୁରା ୟାସିନ୍ ତିଲାୱତ୍ କରୁଥିଲେ ।

(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୧୯୩, ଅମାର୍ ବିନ୍ ୟାସିର୍, ମୁଦ୍ରଣ- ଦାରୁଲ୍ କୁତୁବ୍ ଅଲ୍ ଇଲ୍‌ମିୟା, ବେରୁତ ୧୯୯୦)

ହାରିସ୍ ବିନ୍ ସୁୱେଦ୍ କହୁଛନ୍ତି କି ଜଣେ ବ୍ୟକ୍ତି ହଜ୍‌ରତ୍ ଉମର୍ ର:ଅଙ୍କ ନିକଟରେ ହଜ୍‌ରତ୍ ଅମାର୍ ର:ଅଙ୍କ ବିଷୟରେ ଚୁଗୁଲି କଲା ଅର୍ଥାତ୍ ଅଭିଯୋଗ କଲା । ହଜ୍‌ରତ୍ ଅମାର୍ ର:ଅଙ୍କୁ ଯେତେବେଳେ

ଏକଥା ଜଣାପଡ଼ିଲା ସେ ଦୁଆ ପାଇଁ ନିଜର ହାତକୁ ଉଠାଇ କହିଲେ- ହେ ଅଲ୍ଲାଃ ! ଯଦି ସେହି ବ୍ୟକ୍ତିଜଣକ ମୋ ଉପରେ ମିଥ୍ୟାରୋପ ଲଗାଇଛି ତେବେ ତାକୁ ଏ ଦୁନିଆରେ ସମ୍ପନ୍ନତା ପ୍ରଦାନ କର ଓ ତାର ପରକାଳକୁ ଶେଷ କରିଦିଅ ।

(ତବକାତୁଲ୍ କୁବ୍ରା, ଖଣ୍ଡ-୩, ପୃଷ୍ଠା-୧୯୪, ଅମାର୍ ବିନ୍ ୟାସିର୍, ମୁଦ୍ରଣ- ଦାରୁଲ୍ କୁତୁବ୍ ଅଲ୍ ଇଲ୍ମିୟା, ବେରୁତ ୧୯୯୦)

ଅବୁ ନଓ୍ୱଫିଲ୍ ବିନ୍ ଅବି ଅକରବ୍ କୁହନ୍ତି ହଜରତ ଅମାର ବିନ୍ ୟାସିର୍ ସବୁଠାରୁ ଅଧିକ ନିରବ ଏବଂ ସବୁଠାରୁ କମ୍ କଥା କହୁଥିବା ବ୍ୟକ୍ତି ଥିଲେ ସେ କହୁଥିଲେ ମୁଁ ବିଭ୍ରାଟରୁ ରକ୍ଷା ପାଇବା ନିମନ୍ତେ ଅଲ୍ଲାଃଙ୍କ ଶରଣ ଭିକ୍ଷା କରୁଅଛି ।

(ତବକାତୁଲ୍ କୁବ୍ରା, ଖଣ୍ଡ-୩, ପୃଷ୍ଠା-୧୯୪, ଅମାର୍ ବିନ୍ ୟାସିର୍, ମୁଦ୍ରଣ- ଦାରୁଲ୍ କୁତୁବ୍ ଅଲ୍ ଇଲ୍ମିୟା, ବେରୁତ ୧୯୯୦)

ଖୈସ୍ମା ବିନ୍ ଅବି ସବରାଃ କୁହନ୍ତି ମୁଁ ମଦିନା ଆସିଲି ଓ ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କଲି କି ମୋତେ କୌଣସି ପୁଣ୍ୟବନ୍ତ ବ୍ୟକ୍ତିଙ୍କ ସଙ୍ଗତ ପ୍ରଦାନ କର ଅତଏବ ଅଲ୍ଲାଃ ମୋତେ ହଜରତ ଅବୁ ହୁରେରାଃଙ୍କ ସଙ୍ଗତ ପ୍ରଦାନ କଲେ । ହଜରତ ଅବୁ ହୁରେରାଃ ମୋତେ ପଚାରିଲେ ତୁମେ କେଉଁ ଅଂଚଳର ଅଟ ମୁଁ ଉତର ଦେଲି କୁଫା ଅଂଚଳର । ମୁଁ ଜ୍ଞାନ ଓ ପୁଣ୍ୟ ଅର୍ଜନ କରିବା ନିମନ୍ତେ ଏଠାକୁ ଆସିଅଛି । ହଜରତ ଅବୁ ହୁରେରାଃ କହିଲେ କ'ଣ ତୁମ ନିକଟରେ ମୁଜାବୁଦ୍ ଦାଓ୍ୱାତ୍ (ଯାହାଙ୍କ ଦୁଆ ଗ୍ରହଣୀୟ ହୋଇଥାଏ) ଅର୍ଥାତ୍ ହଜରତ ସାଦ ବିନ୍ ଅବି ଓ୍ୱକାସ, ହଜୁର ସ.ଆଙ୍କ ଜଳ ଓ ଜୋତାର ତତ୍ତ୍ୱାବଧାରକ ହଜରତ ଅବଦୁଲ୍ଲାଃ ବିନ୍ ମସଉଦ୍ ହଜୁର ସ.ଆଙ୍କ ଅନ୍ତରଙ୍ଗ ହଜରତ ହୁଜେଫା ବିନ୍ ୟମାନ୍ ଏବଂ ଅମାର ବିନ୍ ୟାସିର୍ ଯାହାଙ୍କ ସମ୍ବନ୍ଧରେ ହଜୁର ସ.ଆଙ୍କ ପବିତ୍ର ବଚନ ରହିଛି କି ଅଲ୍ଲାଃତାଲା ତାଙ୍କୁ ସୈତାନ କବଳରୁ ନିଜ ସୁରକ୍ଷା ପ୍ରଦାନ କରିଛନ୍ତି ଏବଂ ଦୁଇଟି ପୁସ୍ତକ ଇନଜିଲ୍ ଓ କୁରଆନ୍ର ଜ୍ଞାନ ରଖୁଥିବା ହଜରତ ସଲମାନ ଉପସ୍ଥିତ ନାହାନ୍ତି କି ? (ଅଲ୍ ମୁସ୍ତଦ୍ରକ୍ ଅଲସ୍ ସହି ହୀନ୍, ଖଣ୍ଡ-୩, ପୃଷ୍ଠା-୪୮୧...ମୋନାକିବ୍ ଅମାର୍ ବିନ୍ ୟାସିର୍ ହଦିସ୍ ୫୭୪୬... ୧୯୯୭) ଯେତେବେଳେ ଏମାନେ ସମସ୍ତେ ଉପସ୍ଥିତ ଅଛନ୍ତି ତେବେ ସେମାନଙ୍କଠାରୁ ତୁମେ କାହିଁକି ଉପକୃତ ହେଲ ନାହିଁ ।

ମହମ୍ମଦ ବିନ୍ ଅଲୀ ବିନ୍ ହନ୍ଫିୟା ବର୍ଣ୍ଣନା କରିଛନ୍ତି ହଜରତ ଅମାର ବିନ୍ ୟାସିର୍ ସେତେବେଳେ ହଜୁର ସ.ଆଙ୍କ ନିକଟରେ ଉପସ୍ଥିତ ହେଲେ ଯେତେବେଳେ ଆପଣ ରୋଗାକ୍ରାନ୍ତ ଥିଲେ ହଜୁର ତାଙ୍କୁ କହିଲେ କ'ଣ ମୁଁ ତୁମକୁ ସେହି ଦମ୍ କରିବା ଶିଖାଇବି ଯାହାକି ଜିବରିଲ୍ ମୋତେ ଶିଖାଇଛନ୍ତି । ହଜରତ ଅମାର କହିଲେ- ଆଜ୍ଞା (ଶିଖାନ୍ତୁ) ସେତେବେଳେ ହଜୁର ସ.ଆ ଏହି ଦମ୍ (କରିବା) ଶିଖାଇଲେ **ବିସ୍ମିଲ୍ଲାହି ଅର୍ରକିକା ଓ୍ୱଲ୍ଲାହି ୟଶ୍ଫିକା ମିନ୍ କୁଲ୍ଲେ ଦାଇଁ ୟୁଜିକକହୁ** ଅର୍ଥାତ ମୁଁ ଅଲ୍ଲାଃଙ୍କ ନାମ ନେଇ ତୁମକୁ ଦମ୍ କରୁଅଛି ଅଲ୍ଲାଃ ତୁମକୁ ସେ ସମସ୍ତ ରୋଗରୁ ସୁସ୍ଥ ରଖନ୍ତୁ ଯାହା ତୁମକୁ କଷ୍ଟ ପ୍ରଦାନ କରୁଅଛି ତୁମେ (ଏହି ଦୁଆ)କୁ ପଢ଼ିଚାଲ ଏବଂ ଖୁସି ହୋଇଯାଅ । (ଅଲ୍ ମୁସ୍ତଦ୍ରକ୍ ଅଲସ୍ ସହି ହୀନ୍, ଖଣ୍ଡ-୩, ପୃଷ୍ଠା-୪୮୧-୪୮୨...ମୋନାକିବ୍ ଅମାର୍ ବିନ୍ ୟାସିର୍ ହଦିସ୍ ୫୭୪୮... ୧୯୯୭)

ହଜରତ ଅନସ୍ ର.ଅ କୁହନ୍ତି ହଜୁର ସ.ଆ କହିଲେ ବୈକୁଣ୍ଠ ହଜରତ ଅଲ୍ଲୀ, ହଜରତ ଅମାର, ହଜରତ ସୁଲେମାନ ଓ ହଜରତ ବିଲାଲ ର.ଅଙ୍କ ଅଭିଳାଷୀ ଅଟେ ।

(ଅଲ୍ ଇସ୍ତିଆବ୍ ଖଣ୍ଡ-୩, ପୃଷ୍ଠା-୧୧୩୮, ଅମାର୍ ବିନ୍ ୟାସିର୍ ର:ଅ....ବେରୁତ ୧୯୯୨)

ହଜରତ ହୁଜେଫା ର.ଅ କୁହନ୍ତି ଆମେ ହଜୁର ସ.ଆଙ୍କ ନିକଟରେ ବସିଥିଲୁ ଆପଣ କହିଲେ ମୋତେ ଜଣା ନାହିଁ ମୁଁ ତୁମ ନିକଟରେ କେତେ ଦିନ (ଜୀବିତ) ରହିବି । ତୁମେ ଏହି ଲୋକମାନଙ୍କ ନେତୃତ୍ୱରେ ପରିଚାଳିତ ହେବ । ଆପଣ ସ:ଆ:ସ ହଜରତ ଅବୁବକର୍ ଓ ଉମର ର.ଅଙ୍କ ଆଡ଼କୁ ଇଶାରା କରି କହିଲେ । ଏବଂ ହଜରତ ଅମାରଙ୍କ ମାର୍ଗକୁ ଆପଣାଇବ ଏବଂ ଇବନେ ମସଉଦ୍ ଯାହା ତୁମକୁ କହିବେ ସେଥିରେ ସହମତ ହୋଇଯିବ । (ସୁନତେ ତିରିମିଜି ଅବୁଆବୁଲ୍ ମନାକିବ୍ ବାବ୍ ମନାକିବ୍ ଅମାର୍ ବିନ୍ ୟାସିର୍ ହଦିସ୍- ୩୭୯୯)

ହଜ୍ରତ୍ ଅମାର୍ ର:ଙ୍କ ସମ୍ବନ୍ଧରେ ପଛ ସପ୍ତାହାର ଏ ଚର୍ଚ୍ଚା କରାଯାଇଥିଲା କି ହଜ୍ରତ୍ ଅମାର୍ ର:ଅ ବିଭ୍ରାଟକାରୀମାନଙ୍କ ଧୋକାରେ ଫସିଯାଇଥିଲେ । ଯେବେ ହଜ୍ରତ୍ ଉସ୍ମାନ୍ ତାଙ୍କୁ ଗଭର୍ଣ୍ଣରଙ୍କ ତହ୍କିକ୍ କରିବା ପାଇଁ ପଠାଇଥିଲେ ସେତେବେଳେ ସେ ବିଭ୍ରାଟକାରୀ ଗୋଷ୍ଠୀଙ୍କ ନିକଟକୁ ଚାଲିକଲେ ଓ ସଠିକ୍ ରୂପେ ତହ୍କିକ୍ (ଅନୁସନ୍ଧାନ) ହେଲାନାହିଁ । ତେବେ ଏକଥାକୁ ବର୍ଣ୍ଣନା କରି ହଜ୍ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ଗୋଟିଏ ସ୍ଥାନରେ ଲେଖିଛନ୍ତି କି ହଜରତ ଉସମାନ ଓ ଖିଲାଫତ୍ ବିରୁଦ୍ଧରେ ଯେଉଁ ବିଭ୍ରାଟ ସୃଷ୍ଟି ହୋଇଥିଲା ତାହା ଏଥିନିମନ୍ତେ ହୋଇଥିଲା କି ସେହି ଲୋକମାନଙ୍କ ପ୍ରଶିକ୍ଷଣ ସଠିକ୍ ହୋଇନଥିଲା ଏବଂ ସେମାନେ ଖୁବ୍ କମ୍ କେନ୍ଦ୍ରକୁ ଆସୁଥିଲେ ସେମାନଙ୍କର ଧାର୍ମିକ ଓ କରୁଆନ୍ର ଜ୍ଞାନ ଖୁବ କମ୍ ଥିଲା । ସେଥିପାଇଁ ହଜୁର୍ ଜମାଅତର ଲୋକମାନଙ୍କୁ ନିର୍ଦ୍ଦେଶ ଦେଲେ କି ଏଥିରୁ ତୁମକୁ ଶିକ୍ଷା ହାସଲ କରିବା ଉଚିତ୍ । ଅତଃ ପ୍ରଥମତଃଃ କୁରଆନ୍ର ଶିକ୍ଷା ହାସଲ କର ମର୍କଜ (କେନ୍ଦ୍ର) ସହିତ ସର୍ବଦା ସମ୍ପର୍କ ରଖ ଧାର୍ମିକ ଜ୍ଞାନ ହାସଲ କର ଯଦ୍ୱାରା ଜମାଅତରେ କୌଣସି ବିଭ୍ରାଟ ଦେଖାଦେଲେ ସେଥିରୁ ତୁମେ ସୁରକ୍ଷିତ ରହିପାରିବ । (ଉଦ୍ଧୃତ ଅନ୍ୱାରେ ଖିଲାଫତ୍, ଅନ୍ୱାରୁଲ୍ ଉଲୁମ୍ ଖଣ୍ଡ-୩, ପୃଷ୍ଠା-୧୭୧)

ତେଣୁ ଏକଥାକୁ ଆମେ ସର୍ବଦା ମନେରଖିବା ଉଚିତ୍ । ସମସ୍ତେ ତ ମର୍କଜ ଆସିପାରିବେ ନାହିଁ ଓ ଏହିପରି ଖିଲାଫତ୍ ସହିତ ନିଜି ସମ୍ପର୍କ ସ୍ଥାପନ ହୋଇପାରିବ ନାହିଁ । କିନ୍ତୁ ଗୋଟିଏ କଥା ହେଉଛି ନିଶ୍ଚିତ ରୂପେ ଦୀନ୍ର ଜ୍ଞାନ ଶିଖିବା । ପବିତ୍ର କୋରାନ୍ର ଜ୍ଞାନ ଶିଖିବା ପ୍ରତ୍ୟେକଙ୍କ ପାଇଁ ଏବେ ସହଜ ହୋଇଯାଇଛି । ଅଲ୍ଲାଃତାଲା ଆମକୁ ଏହି ଯୁଗରେ M.T.A ରୂପରେ ଏକ ଏପରି ବ୍ୟବସ୍ଥା ପ୍ରଦାନ କରିଛନ୍ତି ଯାହା ମାଧ୍ୟମରେ ଆମେ ଆଗ୍ରହ ପ୍ରକାଶ କଲେ ଧାର୍ମିକ ଜ୍ଞାନ ଅର୍ଜନ କରିପାରିବା । ଏଥିରେ କୁରଆନ୍ ଓ ହଦିସ୍ର ଦରସ୍ ପ୍ରସାରିତ ହୋଇଥାଏ । ହଜରତ ମସିହ ମଉଦ ଆ.ସଙ୍କ ପୁସ୍ତକର ଦରସ୍ ଓ ଖୁତବା ପ୍ରସାରିତ ହୋଇଥାଏ । ଖିଲାଫତ୍ ସହ ସମ୍ପର୍କ ସ୍ଥାପନ ହୋଇଥାଏ । ଦ୍ୱିତୀୟରେ ଖିଲାଫତ୍ ରହିଛି, ଜଲସା ଆଦି ଦ୍ୱାରା ଅତିକମ୍ରେ ନିଜକୁ ଓ ନିଜ ସନ୍ତାନସନ୍ତତିଙ୍କୁ ଏଥିସହିତ ଯୋଡ଼ନ୍ତୁ କାରଣ ଏହା ପ୍ରଶିକ୍ଷଣର ବହୁତ ବଡ଼ ଓ ଉତମ ମାଧ୍ୟମ ଅଟେ ଏବଂ ଏହା ସମସ୍ତ ପ୍ରକାରର ବିଭ୍ରାଟ ଓ ବିଶୃଙ୍ଖଳାରୁ ସୁରକ୍ଷା ପ୍ରଦାନ କରିଥାଏ । ଧାର୍ମିକ ଜ୍ଞାନ ଅଭିବୃଦ୍ଧି କରିବାରେ ଜମାଅତର ସଦସ୍ୟମାନଙ୍କୁ ଏଥିପ୍ରତି ବେଶ୍ ଧ୍ୟାନ ଦେବା ଆବଶ୍ୟକ କି ଅଲ୍ଲାଃତାଲା M.T.Aର ମାଧ୍ୟମ ଆମକୁ ପ୍ରଦାନ କରିଛନ୍ତି, ଏଥିସହିତ ନିଜକୁ ଯୋଡ଼ନ୍ତୁ ।

ହଜୁର ଅନଓ୍ୱର ଅ.ବ ହଜୁର ସ.ଆଙ୍କ ଆଉ ଜଣେ ସାହାବି ହଜରତ ଅବୁ ଲବାବାଃ ବିନ୍ ଅବଦୁଲ୍ ମନଜର୍ଙ୍କ ଜୀବନୀ ବର୍ଣ୍ଣନା କଲେ । ହଜ୍ରତ୍ ଅବୁ ଲୁବାବାଃ ର:ଅଙ୍କ ନାମ ସମ୍ବନ୍ଧରେ ମତଭେଦ ରହିଛି ଅର୍ଥାତ୍ ତାଙ୍କର ନାମ ବଶିର୍ ବୋଲି କିଛି ଲୋକେ କହିଥାନ୍ତି ଓ ଇବ୍ନେ ଇସ୍ହାକ୍ଙ୍କ ନିକଟରେ ତାଙ୍କର ନାମ ହେଉଛି ରଫାଆ । ଅଲ୍ଲାମା ଜମ୍ହଶ୍ରିଙ୍କ ନିକଟରେ ତାଙ୍କର ନାମ ହେଉଛି ମର୍ଓ୍ୱାନ୍ । ସେ ଯାହା ହେଉ ସେ ଅନସାର୍ ଦଳର ଅଓ୍ୱସ୍ କବିଲାର ଥିଲେ ଏବଂ ସେହି ବାରଜଣ ଖବରଦାତାଙ୍କ ମଧ୍ୟରୁ ଥିଲେ ତଥା ବୟତେ ଉକବାରେ ମଧ୍ୟ ସାମିଲ ଥିଲେ ।

ବଦର ଯୁଦ୍ଧରେ ହଜୁର ସ.ଆ ନିଜ ପଛରେ ହଜରତ ଅବଦୁଲ୍ଲା ବିନ୍ ଉମ୍ମେ ମକତୁମ୍ଙ୍କୁ ମଦିନାର ଅମିର କରିଥିଲେ । କିନ୍ତୁ ଯେତେବେଳେ ଆପଣ ରୁହା ସ୍ଥାନରେ ପହଂଚିଲେ ଯାହାକି ମଦିନାଠାରୁ ୩୬ ମାଇଲ୍ ଦୂରରେ ଅବସ୍ଥିତ ଯେହେତୁ ଅବଦୁଲ୍ଲାଃ ଜଣେ ଅନ୍ଧ ବ୍ୟକ୍ତି ଥିଲେ । ଏବଂ କୁରୈଶର ସନ୍ୟସାମନ୍ତଙ୍କ ଆସିବାର ଖବର ଶୁଣିବା ଦ୍ୱାରା ଏହା ଜରୁରୀ ହୋଇଯାଇଥିଲା କି ତାଙ୍କ ପଛରେ ମଦିନାର ବ୍ୟବସ୍ଥା ମଧ୍ୟ ମଜ୍ବୁତ୍ ରହୁ । ତେଣୁ ଆପଣ ସ:ଆ:ସ ହଜ୍ରତ୍ ଅବୁ ଲୁବାବାଃ ବିନ୍ ମୁନ୍ଜର୍କୁ ମଦିନାର ଅମୀର୍ ନିୟୋଜିତ କରି ପଠାଇଦେଲେ । ଏହି କାରଣରୁ ମୁକାବିଲା କରିବା ତଥା ମଦିନାର (ସୁରକ୍ଷା) ବ୍ୟବସ୍ଥାକୁ ସୁଦୃଢ ରଖିବା ନିମନ୍ତେ ହଜୁର ସ.ଆ ହଜରତ ଅବୁ ଲବାବାଃଙ୍କୁ ମଦିନାର ଅମିର କରି ପ୍ରେରଣ କରିଥିଲେ ଏବଂ ହଜରତ ଅବଦୁଲ୍ଲାଃ ବିନ୍ ଉମ୍ମେ ମକତୁମ୍ଙ୍କ ନିମନ୍ତେ ଆଦେଶ ଦେଲେ କି ସେ କେବଳ ନମାଜ ପାଠ କରାଇବା (ଇମାମ) ଦାୟିତ୍ୱରେ ରହିବେ । କିନ୍ତୁ ବ୍ୟବସ୍ଥା ଦାୟିତ୍ୱ ଅବୁ ଲୁବାବାଃ ବହନ କରିବେ । (ଉଦ୍ଧୃତ ସିରତ୍ ଖାତମୁନ୍ ନବୀଇନ୍ ଲେଖକ ହଜ୍ରତ୍ ସାହବ୍ଜାଦା ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ. ପୃଷ୍ଠା-୩୫୪) ଏପରି ସେ ଅଧା ରାସ୍ତାରୁ (ମଦିନା) ଫେରିଆସିଥିଲେ ।

ଇବନେ ଇସହାକ୍ କୁହନ୍ତି ହଜୁର ସ.ଆ (ବଦର) ଯୁଦ୍ଧ ସମ୍ପଦରେ ଅବୁ ଲବାବାଃଙ୍କର ଭାଗ ତାଙ୍କୁ ପ୍ରଦାନ କରିଥିଲେ । (ଅଲ୍ ଅସାବତା ଫିତମିଜିସ୍ ସାହାବା, ଖଣ୍ଡ-୭, ପୃଷ୍ଠା-୨୯୦ ଅବୁ ଲୁବାବାଃ ବିନ୍ ଅବ୍ଦୁଲ୍ ମୁନ୍ଜର୍...ବେରୁତ ୧୯୯୫)

ବଦର ଯୁଦ୍ଧ (ଯାତ୍ରା) ଅବସରରେ ହଜୁର ସ.ଆ ହଜରତ ଅଲ୍ଲୀ ଓ ହଜରତ ଅବୁ ଲବାବାଃ (ତିନି ଜଣଯାକ) ଜଣ ଜଣ କରି ଗୋଟିଏ ଓଟ ଉପରେ ବସୁଥିଲେ । ହଜରତ ଅଲ୍ଲୀ ଓ ହଜରତ ଅବୁ ଲବାବାଃ ଜୋରଦେଲେ କି ଆମେ ପଦ ଯାତ୍ରା କରୁଛୁ ହଜୁର ଓଟ ଉପରେ ବସି (ଯାତ୍ରା) କରନ୍ତୁ କିନ୍ତୁ ହଜୁର ତାଙ୍କ କଥା ସ୍ୱୀକାର କଲେ ନାହିଁ ଏବଂ ହସିହସି କହଲେ ତୁମେ ଦୁହେଁ ଚାଲିବାରେ ମୋଠାରୁ ଅଧିକ ଶକ୍ତିଶାଳୀ ନୁହଁ, ନା ମୁଁ ତୁମ ଦୁହିଁଙ୍କ ପରି ପୁଣ୍ୟ ଅର୍ଜନ କରିବାରୁ ବଂଚିତ ରହିବାକୁ ଚାହେଁ ।

(ଉଦ୍ଧୃତ ସିରତ୍ ଖାତମୁନ୍ ନବୀଇନ୍ ଲେଖକ ହଜ୍ରତ୍ ସାହବ୍ଜାଦା ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ. ପୃଷ୍ଠା-୩୫୩)

(ତବକାତୁଲ୍ କୁବ୍ରା, ଖଣ୍ଡ-୨, ପୃଷ୍ଠା-୧୫-୧୬, ଗଜ୍ଓ୍ୱାଏ ବଦର୍, ମୁଦ୍ରଣ- ଦାରୁଲ୍ ଆହିୟା..... ବେରୁତ ୧୯୯୦)

ବଦର ଯୁଦ୍ଧରେ ବିଜୟ ଲାଭ କରିବା ପରେ ହଜୁର ସ.ଆ ହଜରତ ଜୈଦ୍ ବିନ୍ ହାରସାଙ୍କୁ ମଦିନାବାସୀଙ୍କୁ ସୁସମ୍ବାଦ ଦେବା ନିମନ୍ତେ ପ୍ରେରଣ କଲେ ସେ ହଜୁର ସ.ଆଙ୍କ ଓଟ ନେଇ ଆସିଥିଲେ । ଯେବେ ସେ ମୋସଲ୍ଲାଃ (ନମାଜ ପଢ଼ିବାର ଯେଉଁ ସ୍ଥାନ ଥିଲା) ଠାରେ ପହଂଚିଲେ ସେ ଉଚ୍ଚ ଶ୍ୱରରେ କହିଲେ ରବିୟାର ଦୁଇ ପୁତ୍ର, ଉତବା ଓ ସୈବାଃ ହଜାଜ୍ଙ୍କ ପୁତ୍ର ଅବୁ ଜହଲ୍ ଓ ଅବୁ ବଖତରି, ୟମାଃ ବିନ୍ ଅସଓ୍ୱଦ୍, ଉମୟା ବିନ୍ ଖଲଫ୍ ଏ ସମସ୍ତଙ୍କୁ ମାରିଦିଆଗଲା ଏବଂ ସୋହେଲ୍ ବିନ୍ ଉମରୋ ତଥା ଆହୁରି ଅନେକ କଏଦ ହୋଇଛନ୍ତି । ଲୋକେ ଜୈଦ୍ ବିନ୍ ହାରସାଙ୍କ କଥା ବିଶ୍ୱାସ କରିପାରୁନଥିଲେ ଏବଂ କହୁଥିଲେ ଜଏଦ ପରାଜିତ ହୋଇ ଫେରିଛନ୍ତି । ଏବଂ ଏହିକଥା ଦ୍ୱାରା ମୁସଲ୍ମାନ୍ ମାନେ କ୍ରୋଧରେ ଜର୍ଜରିତ ହୋଇଗଲେ । (ମୁନାଫିକିନ୍ ଓ ଯେଉଁ ବିରୋଧିମାନେ ସେମାନେ ଏକଥା କହୁଥିଲେ) ଏବଂ ସେମାନେ ନିଜେ ଭୟଭୀତ ମଧ୍ୟ ହୋଇଗଲେ । ମୁନାଫିକ୍ ମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ହଜ୍ରତ୍ ଉସାମା ବିନ୍ ଜଏଦ୍ ର:ଅ ଙ୍କୁ କହିଲେ କି ତୁମର ଆକା ଓ ତାଙ୍କ ସହିତ ଯେଉଁମାନେ ଯାଇଥିଲେ ସେମାନେ ସମସ୍ତଙ୍କୁ ମାରି ଦିଆଯାଇଛି । ଜଣେ ହଜରତ ଅବୁ ଲବାବାଃଙ୍କୁ କହିଲେ ତୁମ ସାଥିମାନେ ବର୍ତମାନ ଏପରି ବିଚ୍ଛିନ୍ନ ହୋଇଯାଇଛନ୍ତି କି ଆସନ୍ତାରେ କଦାପି ଏକତ୍ର ହୋଇପାରିବେ ନାହିଁ ଏବଂ ହଜୁର ସ.ଆ ଓ ବଡ଼ ବଡ଼ ସାହାବାମାନେ ଶହିଦ ହୋଇଯାଇଛନ୍ତି, ତାହାର ପ୍ରମାଣ ଏହି ଓଟ ଯାହାକୁ ଆମେ ଜାଣୁ କି ତାହା ହଜୁର ସ.ଆଙ୍କର ଅଟେ । ବିରୋଧିମାନେ ଏହା କହିବାକୁ ଲାଗିଲେ କି ଜଏଦ୍ଙ୍କ ଉପରେ ରୋବ୍ (ପ୍ରଭାବ) ପଡ଼ିଥିବା ଯୋଗୁ ସେ କଣ କହୁଛନ୍ତି ନିଜେ ଜାଣିପାରୁନାହାଁନ୍ତି ଓ ଯୁଦ୍ଧ ହାରି ଫେରିଛନ୍ତି । ଏଥିରେ ହଜରତ ଅବୁ ଲବାବାଃ କହିଲେ ଅଲ୍ଲାଃତାଲା ତୁମ କଥାକୁ ମିଥ୍ୟା ପ୍ରମାଣିତ କରିବେ । ୟହୁଦିମାନେ ମଧ୍ୟ କହୁଥିଲେ କି ଜୈଦ୍ ପରାଜିତ ଓ ଅସଫଳ ହୋଇ ଫେରିଆସିଛନ୍ତି । **ହଜରତ ଉସାମା ବିନ୍ ଜୈଦ୍ କୁହନ୍ତି ମୁଁ ନିଜ ପିତାଙ୍କୁ ଏକାନ୍ତରେ ପଚାରିଲି କ'ଣ ଆପଣ ଯାହା କହୁଛନ୍ତି ତାହା ସତ୍ୟ ଅଟେ । ସେ ଉତର ଦେଲେ ହେ ମୋର ପୁତ୍ର ମୁଁ ଅଲ୍ଲାଃଙ୍କ ଶପଥ କରି କହୁଛି ଏହା ସତ୍ୟ ଅଟେ । ହଜରତ ଉମାସା କୁହନ୍ତି ଏଥିରେ ମୋ ମନରେ ଦମ୍ଭ ପଶିଲା ।**

(କିତାବୁଲ୍ ମଗାଜି ପ୍ରଥମ ଖଣ୍ଡ, ପୃଷ୍ଠା-୧୧୪, ବଦରୁଲ୍ କିତାଲ୍....ବେରୁତ୍ ୨୦୦୪)

ହଜରତ ଅବୁ ଲବାବାଃଙ୍କ ବିନମ୍ରତା ଓ ହଜୁର ସ.ଆଙ୍କ ପାଇଁ ଉତ୍ସର୍ଗ ହେବାର ପ୍ରମାଣ ଏହି ଘଟଣାରୁ ଜଣାଯାଉଛି କି ୫ ହିଜରୀରେ ଯେତେବେଳେ ହଜୁର ସ.ଆ ଖନ୍ଦକ ଯୁଦ୍ଧ ଶେଷ କରି ସହରକୁ ଆସିଲେ । ସେତେବେଳେ ଆପଣ ସ:ଆ:ସ ବହୁତ କଷ୍ଟରେ ଅସ୍ତ୍ରଶସ୍ତ୍ର ଇତ୍ୟାଦି ବାହାର କରି ଗାଧୋଇପାଧୋଇ ମୁକ୍ତ ହୋଇଥିଲେ କି ସେହି ସମୟରେ ଅଲ୍ଲାଃତାଲା ଆପଣଙ୍କୁ ଐଶ୍ୱରିକ ବାଣୀ ଦ୍ୱାରା ଅବଗତ କଲେ କି ଯେପର୍ଯ୍ୟନ୍ତ ବନୁ କୁରେଜାଃଙ୍କ ବିଶ୍ୱାସଘାତକ ଓ ବିଦ୍ରୋହର ନିଷ୍ପତି ହୋଇ ନାହିଁ ଆପଣଙ୍କୁ ଅସ୍ତ୍ର ଓହ୍ଲାଇବା ଉଚିତ୍ ନୁହେଁ । ହଜୁର ସ.ଆ ସାହାବାଙ୍କ ମଧ୍ୟରେ ଘୋଷଣା କରିଦେଲେ ସମସ୍ତେ ବନୁ କୁରେଜାଃଙ୍କ ଦୁର୍ଗ ନିକଟକୁ ଚାଲିଯାଅ, ସେହିଠାରେ ପହଂଚି ଆମେ ନମାଜ ଅସର ପାଠ କରିବା । ପ୍ରାରମ୍ଭରେ ୟହୁଦିମାନେ ବେଶ୍ ଗର୍ବ କରୁଥିଲେ କିନ୍ତୁ ଯେଭଳି ସମୟ ଗଡ଼ିଚାଲିଲା ସେମାନଙ୍କୁ ନିଜ ବନ୍ଧନର କଠିନତା ଓ ଅସମର୍ଥତାର ଅନୁଭବ ହେଲା । ଶେଷରେ ସେମାନେ ପରସ୍ପର ସହ ପରାମର୍ଶ କଲେ କି ବର୍ତମାନ କ'ଣ କରିବା ଠିକ୍ ହେବ ଏବଂ ଏହି ନିର୍ଣ୍ଣୟ କଲେ କି ଏପରି କୌଣସି ମୁସଲମାନକୁ ଯେ ତାଙ୍କ ସହ ସମ୍ପର୍କିତ ଥିବ ଏବଂ ତାହାର ସରଳତା ଯୋଗୁଁ ତାଙ୍କୁ କୁଟନୀତି ଦ୍ୱାରା ଦୁର୍ଗ ଭିତରକୁ ଆଣି ଖବର ନେବା କି ହଜୁର ସ.ଆଙ୍କର ତାଙ୍କ ସମ୍ବନ୍ଧରେ କି ଉଦ୍ଦେଶ୍ୟ ରହିଛି । ଅତଃ ସେମାନେ ହଜୁର ସ.ଆଙ୍କ ନିକଟକୁ ଜଣେ ଦୂତ ପ୍ରେରଣ କଲେ କି ଅବୁ ଲବାବାଃ ବିନ୍ ମନଜର୍ ଅନ୍ସାରୀଙ୍କୁ ତାଙ୍କ ଦୁର୍ଗ ଭିତରକୁ ପ୍ରେରଣ କରନ୍ତୁ ଯଦ୍ୱାରା

ପରାମର୍ଶ କରାଯାଇ ପାରିବ । ଅତଏବ ହଜୁର ସ.ଆ ଅବୁ ଲବାବାଃଙ୍କୁ ସେଠାକୁ ଯିବାକୁ ଅନୁମତି ଦେଲେ । ବନୁ କୁରେଜାଃର ମୂଖୀଆମାନେ ଆଗରୁ ପରାମର୍ଶ କରିଥିଲେ କି ଅବୁ ଲବାବାଃ ଦୁର୍ଗରେ ପ୍ରବେଶ କଲା ମାତ୍ରେ ସମସ୍ତ ୟହୁଦି ମହିଳା ଓ ପିଲାମାନେ ବିଳାପ ଓ ଚିତ୍କାର କରି ଜମା ହୋଇଯାନ୍ତୁ, ଯେପରି ସେ ଆମ ଅସୁବିଧା ଓ କଷ୍ଟକୁ ହୃଦୟଙ୍ଗମ କରିବେ । ଅତଏବ ଅବୁ ଲବାବାଃଙ୍କ ଉପରେ ଏହି ଯୋଜନା ସଫଳ ହୋଇଗଲା ଏବଂ ବନୁ କୁରେଜାଃ ତାଙ୍କୁ କହିଲେ ତୁମେ ଆମ ଅବସ୍ଥା ଦେଖୁଅଛ କ'ଣ ଆମେ ହଜୁର ସ.ଆଙ୍କ ନିଷ୍ପତି ଅନୁସାରେ ଦୁର୍ଗରୁ ବାହାରି ଆସିବୁ । ଅବୁ ଲବାବାଃ ସଙ୍ଗେସଙ୍ଗେ କହିଉଠିଲେ ହଁ ବାହାରି ଆସ ଏଥିସହିତ ନିଜ ଗଳାରେ ହାତ ବୁଲାଇ ଆଣି କହିଲେ ହଜୁର ତୁମମାନଙ୍କୁ ହତ୍ୟା କରିବାର ଆଦେଶ ଦେବେ । ସେ କୁହନ୍ତି ଯେତେବେଳେ ମୁଁ ଚିନ୍ତା କଲି କି ମୁଁ ଅଲ୍ଲାଃ ଓ ରସୁଲଙ୍କ ଅମାନ୍ୟ କରିଛି (ଅର୍ଥାତ୍ ଯେଉଁ ଇଙ୍ଗୀତ କରିଛି ତାହା ଭୁଲ୍ରେ କରିଦେଇଛି) ସେତେବେଳେ ମୋ ପାଦ ଟଳମଟଳ ହେବାକୁ ଲାଗିଲା । ଆପଣ ସେଠାରୁ ମସଜିଦ୍ ନବଓ୍ୱିକୁ ଆସିଲେ ଏବଂ ମସଜିଦ୍ର ଏକ ଖୁଂଟ ସହିତ ନିଜକୁ ବାନ୍ଧିଦେଲେ କି ଏହା ମୋର ଦଣ୍ଡ ଅଟେ ଏବଂ କହିଲେ ଯେପର୍ଯ୍ୟନ୍ତ ଅଲ୍ଲାଃତାଲା ମୋ ତୌବା ସ୍ୱୀକାର କରି ନାହାନ୍ତି ମୁଁ ଏହିପରି ବନ୍ଧା ହୋଇ ରହିଥିବି । ହଜ୍ରତ୍ ଅବୁ ଲବାବାଃ କହୁଛନ୍ତି କି ମୋର ବନୁ କୁରେଜାଃଙ୍କ ନିକଟକୁ ଯିବା ଓ ଯାହାକିଛି ମୁଁ ସେଠାରେ ତାଙ୍କୁ କହିଲି, ଏହାର ଖବର ରସୁଲୁଲ୍ଲାଃ ସ:ଆସ ପର୍ଯ୍ୟନ୍ତ ପହଂଚିଗଲା । ଏଥିରେ ଆପଣ ସ:ଆ:ସ କହିଲେ ତାଙ୍କୁ ଛାଡ଼ିଦିଅ ଏପରିକି ଇଶ୍ୱର୍ ତାଙ୍କ ସମ୍ବନ୍ଧରେ ଯାହା ଚାହିଁବେ କହିବେ । ଯଦି ସେ ମୋ ନିକଟକୁ ଆସିଥାନ୍ତେ ତେବେ ମୁଁ ତାଙ୍କ ପାଇଁ କ୍ଷମା ପ୍ରାର୍ଥନା କରିଥାନ୍ତି । ଯେହେତୁ ସେ ମୋ ନିକଟକୁ ନଆସି ଚାଲିଯାଇଛନ୍ତି ତେଣୁ ତାଙ୍କୁ ଯିବାକୁ ଦିଅ । ହଜ୍ରତ୍ ଅବୁ ଲୁବାବାଃ କହୁଛନ୍ତି କି - ମୁଁ ୧୫ ଦିନ ପର୍ଯ୍ୟନ୍ତ ଏହିପରି ଅବସ୍ଥାରେ ରହିଲି । ସେ କହୁଛନ୍ତି କି ମୁଁ ଗୋଟିଏ ସ୍ୱପ୍ନ ଦେଖିଥିଲି ଓ ତାକୁ ମନେପକାଉଥିଲି ଓ ମୁଁ ସ୍ୱପ୍ନରେ ଦେଖିଥିଲି କି ଆମ୍ଭେ ବନୁ କୁରେଜାଃଙ୍କୁ ଘେରିଯାଇଛୁ ଓ ମୁଁ ଗୋଟିଏ ଦୁର୍ଗନ୍ଧପୁର୍ଣ୍ଣ କାଦୁଅ ଭିତରେ ପଡ଼ିଯାଇଛି ଓ ସେଥିର ବାହାରି ପାରୁନାହିଁ ଓ ସମ୍ଭବତଃ ମୁଁ ସେହି ଦୁର୍ଗନ୍ଧ ଦ୍ୱାରା ମରିଯାଇଥାଆନ୍ତି । ପୁଣି ମୁଁ ଗୋଟିଏ ବହୁଥିବା ନଦୀକୁ ଦେଖିଲି ଓ ଏହାପୁଣି ଦେଖିଲି ମୁଁ ସେଥିରେ ଗାଧୋଇଚି ଓ ନିଜକୁ ପରିସ୍କାର କରିଦେଉଛି । ଯାହାଫଳରେ ମୋତେ ସୁଗନ୍ଧ ମିଳୁଥିଲା ସେ ହଜ୍ରତ୍ ଅବୁକରରଙ୍କ ନିକଟକୁ ଏହି ସ୍ୱପ୍ନର ତାବିର୍ (ଅର୍ଥ) ଜାଣିବା ପାଇଁ ଗଲେ । ହଜ୍ରତ୍ ଅବୁ ବକର୍ ଏହାର ତାବିର୍ ଏପରି କଲେ କି ତୁମ ସହିତ ଏପରି ମାମଲା ହେବ ଯଦ୍ୱାରା ତୁମୁ ପହଂଚିବ । ପୁଣି ସେଥିରୁ ତୁମକୁ ମୁକ୍ତ ମିଳିଯିବ । ହଜ୍ରତ୍ ଅବୁ ଲୁବାବାଃ କହୁଛନ୍ତି ବୁ ବନ୍ଧା ହେବ ଅବସ୍ଥାରେ ହଜ୍ରତ୍ ଅବୁବକର୍ ର:ଅଙ୍କ କଥାକୁ ମନେପକାଉଥିଲି । ଓ ଏ ଆଶା ରଖିଥିଲି କି ମୋ ତୌବା ଗ୍ରହଣୀୟ ହେବ । ହଜରତ ଉମ୍ମେ ସଲ୍ମା ବର୍ଣ୍ଣନା କରନ୍ତି ମୋ ଘରେ ଅବୁ ଲବାବାଃଙ୍କ ତୌବା ସ୍ୱୀକାର ହେବାର ବାଣୀ ଅବତୀର୍ଣ୍ଣ ହେଲା । (ଆଁ ହଜ୍ରତ୍ ସ:ଆ:ସଙ୍କ ଉପରେ ଉକ୍ତ ସ୍ୱର୍ଗବାଣୀ ସେ ସମୟରେ ହୋଇଥିଲା) । ସେ କହୁଛନ୍ତି ମୁଁ ପାହାନ୍ତାରେ ହଜୁର ସ.ଆଙ୍କୁ ହସୁଥିବାର ଦେଖିଲି ମୁଁ କହିଲି ଅଲ୍ଲାଃ ଆପଣଙ୍କୁ ଏହିପରି ସର୍ବଦା ପ୍ରସନ୍ନ ରଖନ୍ତୁ । କେଉଁ କାରଣରୁ ଆପଣ ଏତେ ଆନନ୍ଦିତ ହଜୁର ସ.ଆ ଉତର ଦେଲେ ଅଲ୍ଲାଃତାଲା ଅବୁ ଲବାବାଃଙ୍କ କ୍ଷମା ପ୍ରାର୍ଥନା ସ୍ୱୀକାର କରିନେଲେ । ମୁଁ ଉତର ଦେଲି ହେ ଅଲ୍ଲାଃଙ୍କ ରସୁଲ ! ମୁଁ ତାଙ୍କୁ ଏହି ସୁସମ୍ବାଦ ଜଣାଇ ଦେବି । ହଜୁର ସ.ଆ ଉତର ଦେଲେ ଯଦି ତୁମେ ଇଚ୍ଛା କରୁଛ ତେବେ କରିନିଅ ସେ କୁହନ୍ତି ମୁଁ ଘର ଦ୍ୱାରରେ ଛିଡ଼ା ହୋଇ (ଉଚ୍ଚ ଶ୍ୱରରେ) କହିଲି (ଏ କଥା ପର୍ଦ୍ଦା କରିବାର ନିର୍ଦ୍ଦେଶ ଅବତୀର୍ଣ୍ଣ ହେବା ପୂର୍ବର କଥା ଅଟେ) । ହେ ଅବୁ ଲୁବାବାଃ ଖୁସି ହୋଇଯାଅ ଅଲ୍ଲାଃ ତୁମ ଉପରେ କୃପା କରିଛନ୍ତି ଏବଂ ତୁମ ତୌବା ସ୍ୱୀକାର କରିଛନ୍ତି । ଲୋକେ ଦୌଡ଼ିଯାଇ ତାଙ୍କୁ ଖୋଲିବା ଆରମ୍ଭ କଲେ କିନ୍ତୁ ସେ କହିଲେ ନା ମୋତେ ହଜୁର ସ.ଆ ଖୋଲିବେ । ହଜୁର ସ.ଆ ଫଜର ନମାଜ ପାଠ କରିବା ନିମନ୍ତେ ମସଜିଦ୍ ଆସିଲେ ଏବଂ ନିଜ ହାତରେ ତାଙ୍କୁ ବନ୍ଧନ ମୁକ୍ତ କଲେ । ସେ ହଜୁର ସ.ଆଙ୍କୁ କହିଲେ- ମୋ ପୈତୃକ ଘରଠାରେ ମୋ ଦ୍ୱାରା ଉକ୍ତ ପାପ ସମ୍ପାଦନ ହୋଇଥିଲା ତେଣୁ ତାହାକୁ ମୁଁ ପରିତ୍ୟାଗ କରୁଅଛି । ଏହା ବହୁତ ବଡ଼ ଭୁଲ୍ ମୋ ଦ୍ୱାରା ହୋଇଯାଇଥିଲା । ତେଣୁ ମୁଁ ନିଜର ଘରଦ୍ୱାରକୁ ପରିତ୍ୟାଗ କରୁଛି । ଏବଂ ନିଜ ସମ୍ପତିକୁ ଅଲ୍ଲାଃ ଓ ରସୁଲଙ୍କ ମାର୍ଗରେ ସଦ୍କା କରୁଅଛି । ଆପଣ କହିଲେ କେବଳ ୧/୩ ଅଂଶ ସଦ୍କା କର ସେ ସେତିକି (ଅର୍ଥ ସଦ୍କା) କଲେ ଏବଂ ନିଜ ପିତାମହଙ୍କ ଘର ତ୍ୟାଗ କରିଦେଲେ । (ଉଦ୍ଧୃତ ସିରତ୍ ଖାତମୁନ୍ ନବୀଇନ୍, ଲେଖକ- ହଜ୍ରତ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୫୯୭-୫୯୯ ।

ହଜ୍ରତ୍ ଖଲଫତୁ ମସିହ୍ ସାନି ଏହି ଘଟଣାର ବ୍ୟାଖ୍ୟା କରିଛନ୍ତି । ସେ କହୁଛନ୍ତି କି ବନୁ କୁରେଜାଃର ମାମଲା ସମ୍ପାଦନ ହେବାର ଥିଲା । ସେମାନଙ୍କର ବିଶ୍ୱାସଘାତକତା ଏପରି ନଥିଲା କି ତାକୁ ଅଣଦେଖା କରାଯାଇପାରିବ । ରସୁଲେ କରିମ୍ ସ:ଆ:ସ (ଯୁଦ୍ଧରୁ) ଫେରିବା ପରେ ସାହାବାଙ୍କୁ କହିଲେ କି ଘରେ ଯାଇ ଆରାମ କରନାହିଁ ବରଂ ସନ୍ଧ୍ୟା ହେବା ପୂର୍ବରୁ ବନୁ କୁରୈଜାର କିଲା ଠାରେ ପହଂଚିଯାଓ ଓ ପୁଣି ଆପଣ ସ:ଆ:ସ ହଜ୍ରତ୍ ଅଲୀଙ୍କୁ ବନୁ କୁରେଜାଙ୍କ ନିକଟକୁ ପଠାଇଲେ କି ସେ ଯାଇ ତାଙ୍କୁ ପଚାରନ୍ତୁ ଯେ ସେମାନେ କାହିଁକି ଚୁକ୍ତିର ବିରୋଧରେ ଯାଇ ବିଶ୍ୱାସ ଘାତକତା କଲେ । (ଅଧାରୁ ଛାଡ଼ି ଚାଲିଯାଇଥିଲେ) ଏଥିରେ ବନୁ କୁରେଜା ଲଜିତ ହେବା ପରିବର୍ତେ ବା କ୍ଷମା ମାଗିବା ବା ଆଉ କୌଣସି ବାହାନା କରିବା ପରିବର୍ତେ ସେମାନେ ହଜ୍ରତ୍ ଅଲୀ ଓ ତାଙ୍କ ସାଥିମାନଙ୍କୁ ଏଣୁତେଣୁ କହିବା ଆରମ୍ଭ କରିଦେଲେ । ଏବଂ ରସୁଲୁଲ୍ଲାଃ ସ:ଆ:ସ ଓ ତାଙ୍କ କୁଟୁମ୍ବର ମହିଳାମାନଙ୍କୁ ଗାଳି ଗୁଲଜ ଦେବାକୁ ଲାଗିଲେ ଓ କହିଲେ କି ଆମେ ଜାଣିନାହୁଁ ମୁହମ୍ମଦ୍ ସ:ଆ:ସ କି ବସ୍ତୁ । ତାଙ୍କ ସହିତ ଆମର କୌଣସି ଚୁକ୍ତି ହୋଇନାହିଁ । ହଜ୍ରତ୍ ଅଲୀ ତାଙ୍କର ଏହି ଉତର ନେଇ ଫେରୁଥିବା ବେଳେ ରସୁଲୁଲ୍ଲାଃ ସ:ଆ:ସ ସାହାବାମାନଙ୍କ ସହିତ ୟହୁଦୀଙ୍କ କିଲା ଆଡକୁ ଯାଉଥିଲେ ଯେହେତୁ ୟହୁଦୀମାନେ କୁଭାଷାରେ ଗାଳିଗୁଲଜ କରୁଥିଲେ ଓ ରସୁଲୁଲ୍ଲାଃ ସ:ଆ:ସଙ୍କ ଝିଅ ଓ ସ୍ତ୍ରୀ ମାନଙ୍କ ସମ୍ପର୍କରେ ଅପବିତ୍ର ଭାଷା କହୁଥିଲେ । ତେଣୁ ହଜ୍ରତ୍ ଅଲୀ ର:ଅ ଏହା ଭାବିଲେ କି ଆଁ ହଜ୍ରତ୍ ସ:ଆ:ସଙ୍କୁ ଏକଥା ଶୁଣି ବହୁତ ଦୁଃଖ ଲାଗିବ । ତେଣୁ ସେ ଆପଣ ସ:ଆ:ଙ୍କୁ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ଆପଣ କାହିଁକି କଷ୍ଟ କରି ଯାଉଛନ୍ତି । ଆମେ ଏହି ଯୁଦ୍ଧପାଇଁ ଯଥେଷ୍ଟ । ତେଣୁ ଆପଣ ଫେରିଯାଆନ୍ତୁ । ଏଥିରେ ରସୁଲେ କରିମ୍ ସ:ଆ:ସ କହିଲେ କି ମୁଁ ଜାଣିପାରୁଛି କି ସେମାନେ ଗାଳିଗୁଲଜ ଦେଉଛନ୍ତି ସେଥିଯୋଗୁ ତୁମେ ଏହା ଚାହୁଁନାହଁ କି ମୋ କାନରେ ସେହି ଗାଳିଗୁଲଜ ପଡୁ । ଏଥିରେ ହଜ୍ରତ୍ ଅଲୀ ର:ଅ କହିଲେ ଏକଥା ଠିକ୍ ଅଟେ । ରସୁଲୁଲ୍ଲାଃ ସ:ଆ:ସ କହିଲେ ସେମାନେ ଗାଳି ଦେଉଛନ୍ତି । ସେଥିରେ କଣ ଯାଆ ଆସ । ମୁସା ନବୀ ତ ତାଙ୍କର ନିଜର ଥିଲେ । ତାଙ୍କୁ ମଧ୍ୟ ସେମାନେ ଦୁଃଖ କଷ୍ଟ ପହଂଚାଇଥିଲେ । ଏହା କହି ଆପଣ ସ:ଆ:ସ ୟହୁଦୀମାନଙ୍କ କିଲା ଆଡକୁ ଅଗ୍ରସର ହେଲେ କିନ୍ତୁ ୟହୁଦୀମାନେ ନିଜର କବାଟକୁ ବନ୍ଦ୍ କରି କିଲା ଭିତରେ ରହିଲେ ଓ ମୁସଲ୍ମାନ୍ଙ୍କ ସହିତ ଯୁଦ୍ଧ ଆରମ୍ଭ କରିଦେଲେ । ଏପରିକି ସେମାନଙ୍କ ମହିଳାମାନେ ମଧ୍ୟ ଯୁଦ୍ଧରେ ଯୋଗ ଦେଇଥିଲେ । ସୁତରାଂ କିଲାର କାନ୍ଥତଳେ କିଛି ମୁସଲ୍ମାନ ବସିଥିଲେ । ସେମାନଙ୍କ ଉପରକୁ ଜଣେ ୟହୁଦୀ ମହିଳା ପଥର ଫିଙ୍ଗି ଜଣେ ମୁସଲ୍ମାନ୍କୁ ମାରିଦେଲା । କିନ୍ତୁ କିଛି ଦିନର ଘେରାବନ୍ଦି ପରେ ୟହୁଦୀମାନେ ଏହା ଅନୁଭବ କଲେ କି ସେମାନେ ଆଉ ଅଧିକ ସମୟ ମୁକାବିଲା କରିପାରିବେ ନାହିଁ । ତେବେ ଯାଇ ତାଙ୍କ ସର୍ଦ୍ଦାରମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ଠାରୁ ଏ ଇଚ୍ଛା ପ୍ରକାଶ କଲେ କି ଅବୁ ଲୁବାବାଃ ଅନ୍ସାରୀଙ୍କୁ, ଯିଏ ତାଙ୍କ ବନ୍ଧୁ ଅଓସ୍ କବିଲାର ସର୍ଦ୍ଦାର ଥିଲେ, ତାଙ୍କୁ ତାଙ୍କ ନିକଟକୁ ପଠାନ୍ତୁ । ଯଦ୍ୱାରା ସେମାନେ ତାଙ୍କ ସହିତ ସଲା ମସୁରା କରିପାରିବେ । ଆଁ ହଜ୍ରତ୍ ସ:ଆ:ସ ଅବୁ ଲୁବାବାଃ ର:ଅଙ୍କୁ ପଠାଇଦେଲେ । ତାଙ୍କଠାରୁ ୟହୁଦୀମାନେ ଏ ମତାମତ ନେଲେ କି କଣ ମୁହମ୍ମଦ୍ ସ:ଆ:ସଙ୍କ ସେହି ଇଚ୍ଛାକୁ ଅର୍ଥାତ୍ ନିଷ୍ପତି ମୋ ଉପରେ ନ୍ୟସ୍ତ କରି ତୁମେ ଅସ୍ତ୍ରଶସ୍ତ୍ର ପରିତ୍ୟାଗ କରିଦିଅ, ଆମେ ଏହାକୁ ମାନିନେବୁ କି ? ଅବୁ ଲାବାବାଃ ର:ଅ ମୁହଁରୁ ତ କହିଲେ ହଁ । କିନ୍ତୁ ନିଜ ଗଳା ଉପରେ ଏପରି ହାତକୁ ହଲାଇ ଇଙ୍ଗିତ କଲେ ଯେପରି ହତ୍ୟା କରାଯିବାର ଲକ୍ଷଣ ହୋଇଥାଏ । ରସୁଲୁଲ୍ଲାଃ ସ:ଆ:ସ ସେପର୍ଯ୍ୟନ୍ତ ନିଜର କୌଣସି ନିଷ୍ପତି ପ୍ରକାଶ କରିନଥିଲେ । କିନ୍ତୁ ଅବୁ ଲୁବାବାଃ ର:ଅ ଏହା ଜାଣୁଥିଲେ କି ସେମାନଙ୍କର ଅପରାଧର ଦଣ୍ଡ ମୃତ୍ୟୁ ବ୍ୟତୀତ ଆଉ କଣ ହୋଇପାରେ । (ତେଣୁ) କୌଣସି ବିଚାର ନକରି ଇସାରା କରି ସେମାନଙ୍କୁ ଗୋଟିଏ କଥା କହିଦେଲେ । ଯାହା ପରିଶେଷରେ ସେମାନଙ୍କ ନିଃଶେଷ ହେବାର କାରଣ ହେଲା । ସୁତରାଂ ୟହୁଦୀମାନେ ଆଁ ହଜ୍ରତ୍ ସ:ଆ:ସଙ୍କ ସହିତ ସୁଲାହ୍ କରିବା ପାଇଁ ଅସ୍ୱୀକାର କରିଦେଲେ । ଯଦି ସେମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ନିଷ୍ପତିକୁ ମାନନେଇଥଆନ୍ତେ ତେବେ ଅନ୍ୟ ୟହୁଦୀ କବିଲାମାନଙ୍କ ପରି ସେମାନଙ୍କୁ ମଧ୍ୟ ଅଧିକରୁ ଅଧିକ ଏହି ଦଣ୍ଡ ଦିଆଯାଇଥାଆନ୍ତା କି ସେମାନଙ୍କୁ ମଦିନାରୁ ବାହାର କରିଦିଆଯାଇଥାଆନ୍ତା । କିନ୍ତୁ ସେମାନଙ୍କର ଏ ଦୁର୍ଭାଗ୍ୟ ଥିଲା କି ସେମାନେ କହିଲେ ଯେ ଆମ୍ଭେ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ନିଷ୍ପତିକୁ ମାନିବା ପାଇଁ ପ୍ରସ୍ତୁତ ନୋହୁଁ ବରଂ ଆମେ ନିଜର ବନ୍ଧୁ କବିଲା ଅଓସ୍ର ସର୍ଦ୍ଦାର ସାଦ୍ ବିନ୍ ମାଜ୍ଙ୍କ ଫଇସଲା ମାନିବୁ । ସେ ଜେଉଁ ନିଷ୍ପତି ତେବେ ତାହା ଆମେ ସ୍ୱୀକାର କରିନେବୁ । କିନ୍ତୁ ସେ ସମୟରେ ୟହୁଦୀମାନଙ୍କ ଭିତରେ ମଦଭେଦ ସୃଷ୍ଟି ହୋଇଗଲା । ୟହୁଦୀମାନଙ୍କ ମଧ୍ୟରୁ କିଛି କହିଲେ କି ଆମ କୌମ୍ ବିଶ୍ୱାସଘାତକ କରିଛି । ଏବଂ ମୁସଲ୍ମାନଙ୍କ ବ୍ୟବହାରରୁ ଏହା ପ୍ରମାଣିତ ହେଉଛି କି ସେମାନଙ୍କ ଧର୍ମ ହେଉଛି ସତ୍ୟ । (ତେଣୁ ସେହି ଲୋକମାନେ ନିଜର ଧର୍ମକୁ ପରିତ୍ୟାଗ କରି ଇସ୍ଲାମ୍ରେ ଦାଖିଲ୍ ହୋଇଗଲେ । ଜଣେ ବ୍ୟକ୍ତି ଉମ୍ରୋ ବିନ୍ ସାଦି, ଯିଏ ସେହି କୌମ୍ଙ୍କ ସର୍ଦ୍ଦାର ମାନଙ୍କୁ ମଧ୍ୟରୁ ଜଣେ ଥିଲେ, ସେ ନିଜ କୌମ୍କୁ ଅଭିଶାପ ଦେଇ କହିଲେ କି ତୁମେମାନେ ବିଶ୍ୱାସ ଘାତକତା କରିଛ ଓ ଚୁକ୍ତିକୁ ଭାଙ୍ଗି ଦେଇଛ । ବର୍ତମାନ ତୁମେ ମୁସଲ୍ମାନ୍ ହୋଇଯାଓ ବା ଜିଜିୟା ନିମନ୍ତେ ରାଜି ହୋଇଯାଓ । ୟହୁଦୀ ମାନେ କହିଲେ ନା ତ ଆମେ ମୁସଲ୍ମାନ୍ ହେବୁ ନା ଜିଜିୟା ଦେବୁ । ଏହା ପରିବର୍ତେ ହତ୍ୟା ହୋଇଯିବା ଭଲ ହେବ । ପୁଣି ତାଙ୍କୁ ସେ କହିଲେ କି ମୁଁ ତୁମଠାରୁ ଅଲଗା ହୋଇଯାଉଛି । ଏହା କହି ସେ ବାହାରକୁ ଚାଲିଗଲା । ଯେବେ ସେ କିଲାରୁ ବାହାରକୁ ବାହାରିଥିଲା ସେତେବେଳେ ମୁସଲମାନ ମାନଙ୍କର ଗୋଟିଏ ଦଳ, ଯାହାଙ୍କ ସର୍ଦ୍ଦାର ମୁହମ୍ମଦ୍ ବିନ୍ ମୁସ୍ଲିମା ଥିଲେ, ତାଙ୍କୁ ଦେଖିନେଲେ ଓ ତାଙ୍କୁ ପଚାରିଲେ କି ତୁମେ କିଏ ? ସେ ବତାଇଲେ କି ମୁଁ ହେଉଛି ଅମୁକ । ଏଥିରେ ମହମ୍ମଦ୍ ବିନ୍ ମୁସ୍ଲେମା କହିଲେ କି *ଅଲ୍ଲାହୁମ୍ମା ଲା ତହ୍ରମିନି ଇକାଲତା ଅସରାତିଲ କିରାମି* ଅର୍ଥାତ୍ ନିଜକୁ ସୁରକ୍ଷା କରି ଚାଲିଯାଓ । ଏବଂ ପୁଣି ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କଲେ କି ମୋତେ ଭଦ୍ରବ୍ୟକ୍ତିମାନଙ୍କ ଭୁଲ୍ ଉପରେ ପର୍ଦ୍ଦା ପକାଇବାର ପୁଣ୍ୟ କାର୍ଯ୍ୟ କରିବାରୁ କଦାପି ବଂଚିତ ରଖନାହିଁ । ଅର୍ଥାତ୍ ଏହି ବ୍ୟକ୍ତି ଯେହେତୁ ନିଜ କର୍ମ ଓ ନିଜ କୌମ୍ର କର୍ମଯୋଗୁ ପଶ୍ଚାତାପ କରୁଛି ତେବେ ଆମର ମଧ୍ୟ ଚାରିତ୍ରିକ ଦାୟିତ୍ୱ ଏହା କି ତାକୁ କ୍ଷମା ଦେଇଦେବା । ତେଣୁ ମୁଁ ତାକୁ ଗିରଫ୍ତାର୍ କଲି ନାହିଁ ଓ ଯିବାକୁ ଦେଇଦେଲି । ଇଶ୍ୱର ମୋତେ ଏହି ପରି ପୁଣ୍ୟ କର୍ମ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଯେତେବେଳେ ଏ ଘଟଣା ବିଷୟରେ ରସୁଲୁଲ୍ଲାଃ ସ:ଆ:ସ ଜାଣିଲେ ସେତେବେଳେ ଆପଣ ସ:ଆ:ସ ମୁହମ୍ମଦ୍ ବିନ୍ ମୁସଲିମା ର:ଅଙ୍କୁ ଜଣେ ୟହୁଦୀଙ୍କୁ ଛାଡ଼ିଦେବା ଯୋଗୁ କିଛି କହିଲେ ନାହିଁ ବରଂ ତାଙ୍କ କାର୍ଯ୍ୟକୁ ପ୍ରଶଂସା କଲେ" । (ଉଦ୍ଧୃତ ଦିବାଚା ତଫ୍ସିରୁଲ୍ କୁର୍ଆନ୍, ଅନ୍ୱାରୁଲ୍ ଉଲୁମ୍, ଖଣ୍ଡ-୨୦, ପୃଷ୍ଠା- ୨୮୨-୨୮୪)

ଆଁ ହଜ୍ରତ୍ ସ:ଆ:ସଙ୍କ ସମ୍ବନ୍ଧରେ ମଧ୍ୟ ଯାହା କୁହାଯାଉଛି କି ଆପଣ ସ:ଆ:ସ ଅତ୍ୟାଚାର କରିଛନ୍ତି ଓ ଜୁଲମ୍ କରିଛନ୍ତି ଓ ୟହୁଦୀ କବିଲାର ଲୋକମାନଙ୍କୁ ହତ୍ୟା କରିଛନ୍ତି ବୋଲି (କିନ୍ତୁ) ଏମାନେ ତ ନିଜେ ହିଁ ନିଜ ନିଃଶେଷ ହେବାର ଜିମେଦାର ଥିଲେ । ଆଁ ହଜ୍ରତ୍ ସ:ଆ:ସଙ୍କ ଠାରୁ ନିଷ୍ପତି ନେବା ପରିବର୍ତେ ସେମାନେ ନିଜର ଜଣେ ସର୍ଦ୍ଦାରଙ୍କ ଠାରୁ, ଅନ୍ୟ ଏକ କବିଲାଙ୍କ ସର୍ଦ୍ଦାରଙ୍କ ଠାରୁ, ଯିଏ ମୁସଲ୍ମାନ୍ ହୋଇସାରିଥିଲେ, ତାଙ୍କଠାରୁ ନିଷ୍ପତି ଗ୍ରହଣ କଲେ ଓ ପୁଣି ତାଙ୍କ ପୁସ୍ତକ ଅନୁଯାୟୀ ନିଷ୍ପତି କରାଗଲା । ତେଣୁ ଆଁ ହଜ୍ରତ୍ ସ:ଆ:ସଙ୍କ ଉପରେ କୌଣସି ଆରୋପ ଲଗାଯାଇପାରିବ ନାହିଁ ନା ସାହାବା ମାନଙ୍କ ଉପରେ ଏ ଆରୋପ ଲଗାଯାଇପାରିବ କି ସେମାନେ କୌଣସି ଅତ୍ୟାଚାର କରିଛନ୍ତି ବୋଲି ।

ଅଲାମା ଇବନେ ସାଦ୍ ଲେଖିଛନ୍ତି କୈନକାଃ ଓ ସଓ୍ୱେକ୍ ଯୁଦ୍ଧରେ ମଧ୍ୟ ହଜରତ ଅବୁ ଲବାବାଃଙ୍କୁ ମଦିନାରେ ହଜୁର ସ.ଆଙ୍କ ସାନିଧ ଲାଭ ହୋଇଛି । (ତବକାତୁଲ୍ କୁବ୍ରା, ଖଣ୍ଡ-୨, ପୃଷ୍ଠା-୨୨, ମୁଦ୍ରଣ- ଦାରୁଲ୍ ଅହିୟା.... ବେରୁତ ୧୯୯୦)

ହଜ୍ରତ୍ ଅବୁ ଲୁବାବାଃ ମକ୍କା ବିଜୟ ଅବସରରେ ହଜୁର ସ.ଆଙ୍କ ସାଥିରେ ଥିଲେ, ଅନସାର୍ଙ୍କ କବିଲା ଉମରୋ ବିନ୍ ଅଓ୍ୱଫ୍ଙ୍କ ଧ୍ୱଜା ତାଙ୍କ ହାତରେ ଥିଲା । ଆପଣ ହଜୁର ସ.ଆଙ୍କ ସହ (ଅନେକ) ଯୁଦ୍ଧରେ ସାମିଲ ଥିଲେ । (ତବକାତୁଲ୍ କୁବ୍ରା, ଖଣ୍ଡ-୩, ପୃଷ୍ଠା-୩୪୯, ମୁଦ୍ରଣ- ଦାରୁଲ୍ ଅହ୍ୟା.....ବେରୁତ ୧୯୯୦)

ତାଙ୍କ ଦେହାନ୍ତ ସମ୍ବନ୍ଧରେ ବହୁମତ ରହିଛି କେତେକଙ୍କ କହିବା ଅନୁଯାୟୀ ସେ ହଜରତ ଅଲ୍ଲୀଙ୍କ ଖିଲାଫତ୍ ସମୟରେ ଦେହ ତ୍ୟାଗ କରିଥିଲେ ଆଉ କେତେକ କୁହନ୍ତି କି ସେ ହଜରତ ଉସମାନ ର.ଅଙ୍କ ଶହିଦ ହେବା ଅନ୍ତେ ମୃତ୍ୟୁବରଣ କରିଥିଲେ । ଗୋଟିଏ ସ୍ଥାନରେ ଲେଖାଅଛି କି ସେ ୫୦ହିଜରୀ ପରବର୍ତୀ ସମୟ ପର୍ଯ୍ୟନ୍ତ ଜୀବିତ ଥିଲେ । (ଅଲ୍ ଅସାବତା ଫି ତମିଜିସ୍ ସାହାବା, ଖଣ୍ଡ-୭, ପୃଷ୍ଠା- ୨୯୦.... ବେରୁତ୍ ୧୯୯୫)

ସଇଦ୍ ବିନ୍ ମୁସେବ୍ ରିଓ୍ୱାୟତ୍ କରୁଛନ୍ତି କି ହଜ୍ରତ୍ ଅବୁ ଲୁବାବାଃ ବିନ୍ ଅବ୍ଦୁଲ୍ ମୁନ୍ଜ୍ ହକୁଛନ୍ତି କି ରସୁଲୁଲ୍ଲାଃ ସ:ଆ:ସ ଜୁବା ଦିନ ବର୍ଷା ପାଇଁ ଦୁଆ କଲେ ଓ କହିଲେ - *ଅଲ୍ଲାହୁମସ୍କିନା*

*ଅଲ୍ଲାହୁମସ୍‌କିନା ଅଲ୍ଲାହୁମସ୍‌କିନା* ଅର୍ଥାତ୍ ହେ ଅଲ୍ଲାଃ ଆମ ଉପରେ ବର୍ଷା କର । ହେ ଅଲ୍ଲାଃ ଆମ ଉପରେ ବର୍ଷା କର । ହେ ଅଲ୍ଲାଃ ଆମ ଉପରେ ବର୍ଷା କର । ଅବୁ ଲୁବାବାଃର ଛିଡ଼ା ହୋଇ କହିଲେ ହେ ରସୁଲୁଲ୍ଲାଃ ଫଳ ବଗିଚାରେ ଲାଗିଛି । ରାଓ୍ୱି କହୁଛନ୍ତି କି ଆକାଶରେ ଆମକୁ କୌଣସି ବାଦଲ ଦେଖାଯାଉନଥିଲା । ରସୁଲୁଲ୍ଲାଃ ସ:ଆ:ସ କହିଲେ କି ହେ ଅଲ୍ଲାଃ ଆମ ଉପରେ ବର୍ଷ ଅବତୀର୍ଣ୍ଣ କର ଏପରିକି ଅବୁ ଲୁବାବାଃ ଖୋଲା ଦେହରେ କ୍ଷେତରେ ବହୁଥିବା ପାଣିର ଗାଡ଼୍‌କୁ ନିଜ କପଡ଼ା ଦ୍ୱାରା ବନ୍ଦ୍ କରୁ । କୁହାଯାଉଛି କି ଦୁଆ କରିବା ପରେ ଆକାଶରୁ ବର୍ଷା ଆରମ୍ଭ ହୋଇଗଲା । ବାଦଲ ଆସିଲା ଓ ବର୍ଷ ହେବାକୁ ଲାଗିଲା । ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ ନମାଜ ପଢ଼ାଇଲେ । ରାଓ୍ୱି କହୁଛନ୍ତି କି ଅନ୍‌ସାର୍‌ମାନେ ହଜ୍‌ରତ୍ ଅବୁ ଲୁବାବାଃଙ୍କ ନିକଟକୁ ଆସି କହିବାକୁ ଲାଗିଲେ କି ହେ ଅବୁ ଲୁବାବାଃ ! ଈଶ୍ୱରଙ୍କ ରାଣ ଏ ବର୍ଷା ସେପର୍ଯ୍ୟନ୍ତ ବନ୍ଦ୍ ହେବନାହିଁ ଯେପର୍ଯ୍ୟନ୍ତ ତୁମେ ରସୁଲୁଲ୍ଲାଃ ସ:ଆ:ସଙ୍କ କଥନ ମୁତାବକ ଫୁଙ୍ଗୁଲା ଦେହରେ ଯାଇ ନିଜ କପଡା ଜରିଆରେ ନିଜ କ୍ଷେତରୁ ପାଣି ବହିଯିବାର ରାସ୍ତାକୁ ନ ରୋକିଛନ୍ତି । ସୁତରାଂ ହଜ୍‌ରତ୍ ଅବୁ ଲୁବାବାଃ ର:ଅ ନିଜ କପଡ଼ା ଜରିଆାରେ ପାଣି ବହିବାର ରାସ୍ତାକୁ ବନ୍ଦ କରି ଛିଡା ହୋଇଗଲେ ଓ ତା ପରେ ବର୍ଷା ବନ୍ଦ୍ ହେଲା ।

(ସୁନନୁଲ୍ କୁବ୍‌ରା ଲିଲ୍ ବେହ୍ କି ଖଣ୍ଡ-୩, ପୃଷ୍ଠା୫୦୦....ହଦିସ ୬୫୩୦, ମୁଦ୍ରଣ....ବେରୁତ୍ ୨୦୦୪)

ହଜ୍‌ରତ୍ ଅବୁ ଲୁବାବାଃ ନିଜ ନାତୀ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଜଏଦ୍ (ଯିଏ ହଜ୍‌ର୍‌ତ୍ ଉମର୍‌ଙ୍କ ପୁତୁରା ଥିଲେ)ଙ୍କୁ ଗୋଟିଏ ଖଜୁରୀ ଛାଲରେ ଗୁଡାଇ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ହାଜର ହେଲେ । ଆପଣ ସ:ଆ:ସ ପଚାରିଲେ ହେ ଅବୁ ଲୁବାବାଃ ! ତୁମ ନିକଟରେ କଣ ଅଛି ? ହଜ୍‌ରତ୍ ଅବୁ ଲୁବାବାଃ କହିଲେ ହେ ରସୁଲୁଲ୍ଲାଃ ମୋ ନାତି ଅଛି । ମୁଁ ଏପରି ଦୁର୍ବଳ ଜନ୍ମ ହୋଇଥିବା ପିଲା ମୁଁ କେବେ ଦେଖିନାହିଁ । ରସୁଲୁଲ୍ଲାଃ ସ:ଆ:ସ ସେହି ଜନ୍ମିତ ପିଲାକୁ ଉଠାଇଲେ ଓ ତା ମୁଣ୍ଡ ଉପରେ ହାତ ବୁଲାଇ ଆଶିଷ ଦେଲେ । ସେହି ଦୁଆର ବର୍‌କତ୍‌ରୁ ଯେବେ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଜଏଦ ଲୋକମାନଙ୍କ ସହିତ ଧାଡ଼ିରେ ଛିଡ଼ା ହେଉଥିଲେ ତାଙ୍କ ଉଚ୍ଚା ସବୁଠାରୁ ଅଧିକା ଥିଲା । ହଜ୍‌ରତ୍ ଉମର ତାଙ୍କର ବିବାହ ନିଜ ଫାତିମାଙ୍କ ସହିତ, ଯିଏ ହଜ୍‌ରତ୍ ଉମେ କୁଲ୍‌ସୁମଙ୍କ ଠାରୁ ଜନ୍ମ ନେଇଲେ ଓ ହଜ୍‌ରତ୍ ଉମ୍ମେ କୁଲସୁମ୍ ହଜ୍‌ରତ୍ ଅଲୀ ଓ ହଜ୍‌ରତ୍ ଫାତେମାଙ୍କର ଝିଅ ଥିଲେ, ତାଙ୍କ ସହିତ କରାଇଥିଲେ ।

(ଇମ୍‌ତାଅଲ୍ ଅସ୍‌ମା, ଖଣ୍ଡ-୬, ପୃଷ୍ଠା-୧୪୬...ବେରୁତ୍ ୧୯୯୯)

ହଜ୍‌ରତ୍ ଅନସ୍ ବିନ୍ ମାଲିକ୍ କହୁଛନ୍ତି କି ରସୁଲୁଲ୍ଲାଃ ସ:ଆ:ସାଙ୍କ ସାହାବା ମାନଙ୍କ ମଧ୍ୟରୁ ୨ଜଣଙ୍କର ଘର ବହୁତ ଦୂରରେ ଥିଲା । ଜଣେ ହେଉଛନ୍ତି ହଜ୍‌ରତ୍ ଅବୁ ଲୁବାବାଃ ବିନ୍ ଅବ୍‌ଦୁଲ୍ ମୁନ୍‌ଜର୍ । ତାଙ୍କଘର କୁବା ଠାରେ ଥିଲା ଏବଂ ହଜ୍‌ରତ୍ ଅବୁ ଅବସ୍ ବିନ୍ ଜବର୍ । ସେ କବିଲା ବନୁ ହାର୍‌ସାରେ ରହୁଥିଲେ । ସେ ଦୁଇଜଣ ଅସର୍ ନମାଜ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ପଢ଼ିବା ପାଇଁଞ୍ଚ ଆସୁଥିଲେ ।

(ମୁସ୍‌ତଦରକ୍ ଅଲସ୍ ସଇ ହୀନ୍, ପ୍ରଥମ ଖଣ୍ଡ, ପୃଷ୍ଠା-୩୦୯, କିତାବୁସ୍ ସଲାତ୍....ହଦିସ୍ ୭୦୩)

ହଜୁର ଅନଓ୍ୱର ଅ.ବ କୁହନ୍ତି ତେବେ ଏହା ସେହି ସାହାବାମାନଙ୍କ ଜୀବନୀ । ଅଲ୍ଲାଃତାଲା ବୈକୁଣ୍ଠରେ ସେମାନଙ୍କ ସ୍ତର ବୃଦ୍ଧି କରନ୍ତୁ । ଜୁମା ନମାଜ ପାଠ କରିବା ଅନ୍ତେ ମୁଁ ଦୁଇଗୋଟି ଜନାଯାଃ ପାଠ କରିବି ଗୋଟିଏ ଜନାଯାଃ ଉପସ୍ଥିତ ଅଛି ଆଉ ଗୋଟିଏ ଗାଏବ ଜନାଯାଃ ଅଟେ ।

ଜନାଯାଃ ଗାଏବ ଶ୍ରୀମାନ କାଜି ଶାବାନ ସାହେବ ଶହିଦ ସରୁବା ଗାରଡ଼ନ୍ ଲାହୋର୍ ନିବାସୀଙ୍କର । କାଜି ଶାବାନ୍ ଅହେମଦ୍ ସୁଲେମାନ୍ ଖାନ୍ ସାହେବ୍ ସପୁତ୍ର କାଜି ମୁହମ୍ମଦ୍ ସୁଲେମାନଙ୍କ ସାହେବଙ୍କୁ ଚଳିତ ମାସ ୨୫ ତାରିଖ ଦିନ ବିରୋଧିମାନେ ତାଙ୍କ ଘରେ ପଶି ଫାଏରିଙ୍ଗ କରି ତାଙ୍କୁ ହତ୍ୟା କରିଦେଲେ **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍ ।** ତାଙ୍କର ବୟସ ୪୭ ଥିଲା । ତଫ୍‌ସିଲ୍ ମୁତାବକ ୨୫ ଜୁନ୍‌ର ରାତିରେ ନିକାବ୍ ପିନ୍ଧିଥିବା ଦୁଇଜଣ ଲୋକେ ଘର ଭିତରେ ପ୍ରବେଶ କା କାଜି ସାହେବ୍ ଏବଂ ତାଙ୍କ ସ୍ତ୍ରୀ ଗୋଡିଏ କୋଠରୀରେ ଥିଲେ ଯେବେ କି ତାଙ୍କ ଝିଅମାନେ ଅନ୍ୟ ଏକ କୋଠରୀରେ ଥିଲେ । କାଜି ସାହେବ୍‌ଙ୍କ ସ୍ତ୍ରୀ ଓ୍ୱାସ୍‌ରୁମ୍ ଭିତରେ ଥିଲେ । ଯେବେ ସେ ବାହାରକୁ ବାହାରିଲେ ସେଠାରେ ଦୁଇଜଣ ନିକାବ୍ ପିନ୍ଧିଥିବା ଲୋକଙ୍କୁ ଉପସ୍ଥିତ ପାଇଲେ । ସେହି ନିକାବ୍ ପିନ୍ଧିଥା ଲୋକଙ୍କ ମଧ୍ୟରୁ ଜଣେ ଜାଜି ସାହେବ୍‌ଙ୍କ ସ୍ତ୍ରୀଙ୍କ ମୁଣ୍ଡରେ ପିସ୍ତଲ୍ ଲଗାଇ ଅନ୍ୟ କୋଠରୀ ନେଇଗଲା, ଯେଉଁଠି ତାଙ୍କ ଝିଅମାନେ ଉପସ୍ଥିତ ଥିଲେ । ଯେବେ କି ଆଉଜଣେ କାଜି ସାହେବ୍‌ଙ୍କ କୋଠରୀ ଭିତରେ ଥିଲା । ସେ ତିନୋଟି ଗୁଳ କାଜି ସାହେବ୍‌ଙ୍କ ପେଟକୁ ଲକ୍ଷ କରି ମାରିଲେ । ଏହାଦ୍ୱାରା ସେହି ସ୍ଥାନରେ ହିଁ ତାଙ୍କର ଦେହାନ୍ତ ହୋଇଗଲା । *ଇନ୍ନା ଲିଲ୍ଲା ହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍*

ସେ ୨୦୦୧ ମସିହାରେ ନିଜର ଜଣେ ବନ୍ଧୁ ମହମ୍ମଦ ଇକବାଲ୍ ସାହେବଙ୍କ ମାଧ୍ୟମରେ ସପରିବାର ବୟତ କରିଥିଲେ । କାଜି ସାହେବ୍ ମୋଜଫରାବାଦ (କାଶ୍ମୀର) ରହିବା ବାଲା ଥିଲେ । ୨୦୦୧ ମସିହାରେ ନସ୍ତର କଲୋନୀ ଓ ସରବା ଗାର୍ଡନ୍ ଲାହୋରକୁ ସିଫ୍‌ଟ୍ ହେଲେ ଓ ତାର କିଛି ଦିନ ପୂର୍ବରୁ ଟାଉନ ସିପ୍ ଲାହୋର୍ ଠାରେ ମଧ୍ୟ ରହିଛନ୍ତି । କାଜି ଶାବାନ୍ ସାହେବ୍ ଭିନ୍ନକ୍ଷମ ପିଲାମାନଙ୍କର ସ୍କୁଲ୍ ପରିଚାଳନା କରୁଥିଲେ ଓ ତାଙ୍କ ରହିବା ସ୍କୁଲ୍‌ର ଉପରେ ଥିବା ମହଲାରେ ଥିଲା । ଆଜିକାଲି ତାଙ୍କ ଘରର ତଳଭାଗରେ ସ୍କୁଲ୍ ନିର୍ମାଣ ହେବାର କାର୍ଯ୍ୟ ଚାଲୁଅଛି ଏବଂ ଶଟରିଂ ହେଉଥିଲା । ଏହି ଶଟ୍‌ରିଂ ଭିତରେ ନିକାବ୍ ପିନ୍ଧିଥିବା ଲୋକମାନେ ପୂର୍ବରୁ ଆସି ଲୁଚି ଯାଇଥିଲେ । ଏବଂ ପୁଣି ମୌକା ଦେଖି ଆକ୍ରମଣ କଲେ ।

ସେ ଅସୀମ ସୁଗୁଣର ଅଧିକାରୀ ଥିଲେ । ବୟତ କରିବା ପରେ ଶ୍ରୀମାନ କାଜି ସାହେବ ଅତ୍ୟନ୍ତ ନିଷ୍ଠାପର ଓ ପୁଣ୍ୟବନ୍ତ ପ୍ରମାଣିତ ହେଲେ । ଖିଲାଫତ୍ ସହ ପ୍ରଗାଢ ପ୍ରେମ ଓ ନିବିଡ଼ତାର ସମ୍ପର୍କ ଥିଲା । ସେ ନିଜ ଘରେ M.T.A ଦେଖିବା ନିମନ୍ତେ ଡ଼ିସ ଲଗାଇ ଥିଲେ ଯଦ୍ୱାରା ନିଜେ ଓ ନିଜ ଘରଲୋକ ଖିଲାଫତ୍ ସହ ସଂଯୁକ୍ତ ରହିବେ । ଚାନ୍ଦା ଓ ଅନ୍ୟାନ୍ୟ ଆର୍ଥିକ ବଳିଦାନରେ ବେଶ୍ ଆଗକୁ ବଢି ଭାଗ ନେଉଥିଲେ । ହାଲ୍‌କା ସଦର୍‌ଙ୍କ ଆମେଲାରେ ସେକ୍ରେଟାରୀ ସମଇ ବସରି ରୂପେ ଖିଦ୍‌ମତ୍ କରୁଥିଲେ ଓ ଲୋକମାନଙ୍କର ଡିସ୍ ଆଂଟିନା ମଧ୍ୟ ବିନା ପାରିଶ୍ରମିକରେ ଠିକ୍ କରିଦେଉଥିଲେ । କାଜି ସାହେବ୍‌ଙ୍କ ବିବାହ ତାଙ୍କ କଜିଙ୍କ ସହିତ ହୋଇଥିଲା । ଦୁଇଜଣଙ୍କ କୁଟୁମ୍ବ ମଧ୍ୟରୁ କାଜି ସାହେବ୍, ତାଙ୍କ ସ୍ତ୍ରୀ ଓ ପିଲାମାନେ ମଧ୍ୟ ଅହେମଦୀ ଥିଲେ । ଫ୍ୟାମିଲିର ଅନ୍ୟ ସଦସ୍ୟମାନେ ସେମାନଙ୍କ ଅହେମଦୀ ହେବାଯୋଗୁ ତାଙ୍କର ବିରୋଧି ହୋଇଯାଇଥିଲେ । କିଛି ଦିନ ପୂର୍ବେ କାଜି ସାହେବଙ୍କ ସାଳକ ତାଙ୍କ ଘରକୁ ଆସି କହିଲେ କି ଆମେ ଜାଣିବାକୁ ପାଇଛୁ ଯେ ତୁମେ ମିର୍ଜାଇ ହୋଇଯାଇଛ । ଏହି ସମୟରେ ତାଙ୍କର ଆଖି ଛାଥ ଉପରେ ଲଗାଯାଇଥିବା ଡିସ୍ ଉପରେ ପଡ଼ିଲା । ତେଣୁ ସେ ତାକୁ ଭାଙ୍ଗିବାକୁ ଲାଗିଲେ । କାଜି ସାହେବ୍ ତାଙ୍କୁ ରୋକିବାରୁ ଆପୋଷରେ ପାଟିତୁଣ୍ଡ ହେଲା । ତାପରେ ତାଙ୍କ ସାଳକ ନିଜ ଭଉଣୀକୁ କହିଲେ କି ତୁମ ନିକାହ୍ ଭାଙ୍ଗିସାରିଛି । ତେଣୁ ତୁମେ କୋ ସହିତ ଚାଲ । କାରଣ ତୁମର ସ୍ୱାମୀ ମିର୍ଜାଇ ହୋଇଯାଇଛି । ଏଥିରେ କାଜି ସାହେବ୍ ମରହୁମ୍‌ଙ୍କ ସ୍ତ୍ରୀ ତାଙ୍କ ଭାଇକୁ କହିଲେ ମୁଁ ନିଜେ ମଧ୍ୟ ଅହେମଦୀ ଓ ମୁସଲ୍‌ମାନ ଅଟେ । କାଜି ସାହେବ୍‌ଙ୍କୁ ମଧ୍ୟ ମୁସଲ୍‌ମାନ୍ ବୋଲି ଭାବୁଛି । ମୁଁ ତୁମ ସହିତ କୁଆଡେ ଯିବି ନାହିଁ । ତାଙ୍କ ସ୍ତ୍ରୀ ବତାଇଛନ୍ତି କି ଶହିଦ୍ ମରହୁମ୍‌କୁ ବିରୋଧିମାନଙ୍କ ତରଫରୁ ଧମକ ଚମକ ଦିଆଯାଉଥିଲା ଯେଉଁଥିପାଇଁ ସେ ବହୁତ ପରିସାନ୍ ଥିଲେ ଓ କିଛି ଦିନ ହେବ ଚୁପ୍‌ଚାପ୍ ରହୁଥିଲେ ଓ ବାହାରକୁ ବାହାରୁ ନଥିଲେ । କାଜି ସାହେବ୍ ନିଜ ସ୍ତ୍ରୀ କୁ ମଧ୍ୟ କହିଥିଲେ କି ଯଦି ମୋତେ କିଛି ହୋଇଯାଏ ତେବେ ସର୍ବପ୍ରଥମେ ହଲ୍‌କାର ସଦର୍ ସାହେବ୍‌ଙ୍କୁ ଏତେଲା ଦେବ । ସୁତରାଂ ସେ ଶାହାଦତ୍‌ର ଘଟଣା ପରେ ଏପରି ହିଁ କଲେ । ଜମାତ୍‌ର ଓ୍ୱହ୍‌ଦାଦାର୍ ମାନଙ୍କୁ ଏତେଲା ଦେଲେ ଓ ଅତ୍ୟନ୍ତ ଧୈର୍ଯ୍ୟ ଦେଖାଇ ତାଙ୍କ ସ୍ତ୍ରୀ କହିଲେ କି ନମାଜ ଯନାଜାଃ ଅହେମଦୀମାନେ ପଢ଼ିବେ ଓ ତଦ୍‌ଫିନ୍ ମଧ୍ୟ ଅହେମଦୀମାନେ କରିବେ । ଯେବେ କି ତାଙ୍କ ଗଏର୍ ଅହେମଦୀ ବନ୍ଧୁବାନ୍ଧବ ମଧ୍ୟ ଆସିଥିଲେ । କାଜି ସାହେବ୍‌ଙ୍କ କିଛି ଗଏର୍ ଅହେମଦୀ ନିକଟ ସମ୍ପର୍କୀୟ ଲୋକେ ତାଙ୍କଦେହାନ୍ତ ପରେ ମସ୍‌ଜିଦ୍ ବଇତୁଲ୍ ନୁର୍ ଠାକୁ ମଧ୍ୟ ଆସିଲେ କିନ୍ତୁ ସେମାନେ ନମାଜ ଯନାଜାଃ ପଢ଼ିଲେ ନାହିଁ । କାଜି ସାହେବ୍‌ଙ୍କ ସ୍ତ୍ରୀ ଓ ପିଲାମାନେ ମଧ୍ୟ ଯନଜାଃ ସହିତ କବର୍‌ସ୍ଥାନ ପର୍ଯ୍ୟନ୍ତ ଗଲେ ।

ସେ ନିଜ ପଛରେ ପତ୍ନୀଙ୍କ ବ୍ୟତୀତ ତିନି ଜଣ କନ୍ୟା ଛାଡ଼ି ଯାଇଛନ୍ତି । ସ୍ତ୍ରୀଙ୍କ ନାମ ହେଉଛି ମୋକରମା ଶେହ୍‌ନାଜ୍ ଶାବାନ୍ ସାହିବା, ବୟସ-୪୦, ବଡ଼ ଝିଅ ଅଜିଜା କିରନ୍, ବୟସ-୧୯, ମଝିଆଁ ଝିଅ ସିଦ୍‌ରା ଶାବାନ୍, ବୟସ-୧୮ ଓ ସାନ ମଲାଇବା, ବୟସ-୧୧ । ଏହି ତିନିଜଣ ଝିଅ ପୋଲିଓ ରୋଗ ଯୋଗୁ କିଛିଟା ଭିନ୍ନକ୍ଷମ ମଧ୍ୟ । ଅଲ୍ଲାଃତାଲା ସେ ସମସ୍ତଙ୍କୁ ନିଜ ଶରଣରେ ରଖନ୍ତୁ ଏବଂ ସେମାନଙ୍କୁ ସମସ୍ତ ପ୍ରକାର ଅସୁବିଧାରୁ ରକ୍ଷା କରନ୍ତୁ ଏବଂ ବୈକୁଣ୍ଠରେ କାଜି ସାହେବଙ୍କ ସ୍ତର ବୃଦ୍ଧି କରନ୍ତୁ ।

ଦ୍ୱିତୀୟ ଉପସ୍ଥିତ ଜନାଯାଃ ଶ୍ରୀମତି ଅମତୁଲ୍ ହଇ ବେଗମ ସାହେବାଃ କନ୍ୟା ସେଟ୍ ମହମ୍ମଦ ଗୌସ ସାହେବଙ୍କର ଅଟେ । ଚଳିତ ମାସ ୨୩ ତାରିଖ ଦିନ ୧୦୦ବର୍ଷରୁ ଉର୍ଦ୍ଧ ଜୀବନ ପାଇବା ଅନ୍ତେ ତାଙ୍କର ଦେହାନ୍ତ ଘଟିଲା **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍ ।** ତାଙ୍କ ବାପା ସେଠ୍ ମହମ୍ମଦ୍ ଗୌସ୍ ସାହେବ୍‌ଙ୍କର ଦୁଇଟ ବିଶେଷତା ଅଛି । ପ୍ରଥମଟି ହେଉଛି ଯଦିଚ ସେ ସାହାବୀ ତ ନଥିଲେ କିନ୍ତୁ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ତାଙ୍କୁ ବେହଶ୍‌ତି ମକ୍‌ବରା କାଦିଆନ୍‌ରେ ସାହାବାଙ୍କ କିତାରେ ଦଫନ କରିବା ପାଇଁ ଅନୁମତି ଦେଇଥିଲେ । (ତାରିଖେ ଅହେମଦୀୟତ୍, ଖଣ୍ଡ-୧୪, ପୃଷ୍ଠା-୨୧୧)

ଦ୍ୱିତୀୟ ବିଶେଷତା ତାଙ୍କର ଏହା ଥିଲା କି ଅସ୍‌ହାବେ ଅହେମଦ୍ ପୁସ୍ତକରେ ଲେଖାଯାଇଛି କି ସେଠ୍ ମୁହମ୍ମଦ୍ ଗୌସ୍ ବିଗତ ୪୨ ବର୍ଷ ଠାରୁ ସେ ଏପରି ସୌଭାଗ୍ୟଶାଳୀ ବ୍ୟକ୍ତି ଅଟନ୍ତି ଯାହାଙ୍କ ଯନାଜାଃ ଆଜି ଠିକ୍ ସେହି ସ୍ଥାନ ଓ ସେହି ପରିଧି ଭିତରେ ପଢ଼ାଯାଉଛି ଯେଉଁଠି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ମୃତ ଶରୀରକୁ ରଖାଯାଇଥିଲା । ଏହି ଅବସରରେ ହଜ୍‌ରତ୍ ଶେଖ୍ ଯାକୁବ୍ ଅଲୀ ସାହେବ୍ ଇର୍‌ଫାନୀ ଗୋଟିଏ ଷ୍ଟୁଲ୍ ବା ଚୌକି ଉପରେ ଛିଡ଼ା ହୋଇ ଉଚ୍ଚ ସ୍ୱରରେ ଏକଥାର ସାକ୍ଷ ଦେଇଥିଲେ ।

(ଅସ୍‌ହାବେ ଅହମଦ୍, ଖଣ୍ଡ-୯, ପୃଷ୍ଠା-୨୬୮-୨୬୯, ସିରତ୍ ହଜ୍‌ରତ୍ ଭାଇ ଅବ୍‌ଦୁର୍ ରହ୍‌ମାନ୍ ସାହେବ କାଦିଆନୀ ର:ଅ)

ଅମତୁଲ୍ ହଇ ସାହିବାଙ୍କ ନିକାହ୍ ସମୟରେ ଯଦିଚ ତାଙ୍କ ବାପା ଉପସ୍ଥିତ ଥିଲେ କିନ୍ତୁ ହଜରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ତାଙ୍କ ବାପାଙ୍କ ଇଛା ମୁତାବକ ନିଜେ ତାଙ୍କର ଓ୍ୱଲି ହେଲେ ଏବଂ ନିକାହ୍ ମଧ୍ୟ ପଢ଼ାଇଲେ ଓ ନିଜ ଖୁତ୍‌ବାରେ କହିଲେ କି ସେଠ୍ ସାହେବ୍‌ଙ୍କ ସାନ ଝିଅ ଅମତୁଲ୍ ହଇଙ୍କ ନିକାହ୍‌ର ଘୋଷଣା ମୁଁ ବର୍ତମାନ କରୁଅଛି ଯିଏ ଖାନ୍ ସାହେବ୍ ଡାକ୍ତର ମୁହମ୍ମଦ୍ ଅବ୍‌ଦୁଲ୍ଲାଃ ସାହେବ୍‌ଙ୍କ ନିକଟ ସମ୍ପର୍କୀୟ ଓ ବୋଧ ହୁଏ ଭଣଜା ମୁହମ୍ମଦ୍ ୟୁନୁସ୍ ସାହେବ୍‌ଙ୍କ ସହିତ ଧାର୍ଯ୍ୟ କରାଯାଇଛି । ଏହି ବନ୍ଧୁରେ ମଧ୍ୟ ସେଠ୍ ସାହେବ ନିଷ୍ଠାକୁ ଆଖିଆଗରେ ରଖିଛନ୍ତି । ସଂସ୍କୃତିର ବିବିଧତା ଯୋଗୁ ମୁଁ ତାଙ୍କୁ ଲେଖୁଥିଲି କି ହାଇଦ୍ରାବାଦ୍‌ରେ ବନ୍ଧୁ କରନ୍ତୁ । କିନ୍ତୁ ତାଙ୍କର ଏ ଇଛା ଥିଲା କି କାଦିଆନ୍ ବା ପଞ୍ଜାବ୍‌ରେ ବନ୍ଧୁ ହେଉ ଯଦ୍ୱାରା କାଦିଆନ୍ ଯିବା ଆସିବା ପାଇଁ ଆଉ ଗୋଟିଏ କାରଣ ବାହାରିପଡ଼ିବ । ମହମ୍ମଦ୍ ୟୁନିସ୍ ସାହେବ୍ କର୍ଣ୍ଣାଲ୍ ଜିଲାର ନିବାସୀ ଅଟନ୍ତି ଯାହା ଦିଲ୍ଲୀ ସହିତ ସଂଲଗ୍ନ । କିନ୍ତୁ ହାଇଦ୍ରାବାଦ୍ ଅପେକ୍ଷା କାଦିଆନ୍‌ଠାରୁ ବହୁତ ନିକଟ । ସେଠ୍ ସାହେବ୍‌ଙ୍କ ବଂଶଧର ଗୋଟିଏ ନିଷ୍ଠାପର ବଂଶ । ତାଙ୍କ ମହିଳାମାନଙ୍କ ସହିତ ଆମ ବଂଶର ମହିଳାମାନେ, ତାଙ୍କ ଝିଅମାନଙ୍କ ସହିତ ମୋ ଝିଅମାନଙ୍କର ଓ ତାଙ୍କର ଓ ତାଙ୍କ ଝିଅମାନଙ୍କର ମୋ ସହିତ ଏପରି ନିଷ୍ଠାର ସମ୍ପର୍କ ଅଛି ଯେପରି ଗୋଟିଏ ଘରର ମାମଲା । ଆମେ ତାଙ୍କ ସହିତ ଓ ସେମାନେ ଆମ ସହିତ ନିସଙ୍କୋଚ ମନୋଭାବ ରହିଛି ଏବଂ ଜଣେ ଅନ୍ୟଜଣଙ୍କ ବିବାହ ଓ ଦୁଃଖକୁ ଏପରି ଅନୁଭବ କରିଥାନ୍ତି ଯେପରି ନିଜ କୁଟୁମ୍ବରେ ବିବାହ ଓ ଦୁଃଖ ହୋଇଥାଏ । ତାଙ୍କ ଝିଅ ଅମତୁଲ୍ ହଇଙ୍କ ନିକାହ୍ ଏକ ହଜାର ଟଙ୍କର ହକ୍‌ମହର୍ ସହିତ ମୁହମ୍ମଦ୍ ୟୁନିସ୍ ସାହେବ, ପୁତ୍ର ଅବ୍‌ଦୁଲ୍ ଅଜିଜ୍ ସାହେବ୍ , ସାକିନ୍ - ଲାଡୁଆ, ଜିଲ୍ଲା-କର୍ଣ୍ଣାଲ୍‌ଙ୍କ ସହିତ ଧାର୍ଯ୍ୟ ପଇଛି । ଖଲିଫା ସାନି କହୁଛନ୍ତି କି ସେଠ୍ ସାହେବ ତାଙ୍କ ଝିଅ ତରଫରୁ ମୋତେ ଓ୍ୱଲି ରୂପେ ନିୟୋଜିତ କରିଛନ୍ତି । (ଖୁତ୍‌ବାତେ ମେହ୍‌ମୁଦ୍, ଖୁତ୍‌ବାତେ ନିକହ୍) ଖଣ୍ଡ-୩ ପୃଷ୍ଠା-୫୫୩)

ସେ ଅତ୍ୟନ୍ତ ଦୁଆ କରୁଥିବା, ଖିଲାଫତ୍‌ର ଆଜ୍ଞାପାଳନ କରୁଥିବା ଓ ନିଷ୍ଠାପର ମଣିଷ ଥିଲେ । ମୋ ସହିତ ମଧ୍ୟ ସାକ୍ଷାତ୍ କରିବା ପାଇଁ ଆସୁଥିଲେ । ବୃଦ୍ଧା ହେବା ସତ୍ତ୍ୱେ ମଧ୍ୟ ଏଠାକୁ ଆସୁଥିଲେ ଓ ବହୁତ ନିଷ୍ଠାଭାବ ପ୍ରକାଶ କରୁଥିଲେ । ସେ ଅତ୍ୟନ୍ତ ପୁଣ୍ୟବନ୍ତ ମହିଳା ଏବଂ ମୁସି ଥିଲେ । ନିଜ ପଛରେ ଦୁଇ ଜଣ କନ୍ୟା ଓ ଦୁଇ ଜଣ ପୁତ୍ର ଏବଂ ଅନେକ ନାତିନାତୁଣି ଛାଡ଼ିଯାଇଛନ୍ତି । ସେ ମହମ୍ମଦ ଇଦରିସ୍ ସାହେବ ହାଇଦ୍ରାବାଦୀ ଜର୍ମାନୀଙ୍କ ମାତା ଥିଲେ । ତାଙ୍କର ଜଣେ ନାତି ମସଓ୍ୱର୍ ସାହେବ୍ ଏଠାରେ ମଧ୍ୟ ଅଛନ୍ତି ଓ ଖୁଦାମୁଲ୍ ଅହେମଦୀୟାରେ କାମ କରୁଛନ୍ତି ।

ଅଲ୍ଲାଃତାଲା ବୈକୁଣ୍ଠରେ ତାଙ୍କ ସ୍ତର ବୃଦ୍ଧି କରନ୍ତୁ ତାଙ୍କ ସନ୍ତାନସନ୍ତତିମାନଙ୍କୁ ଖିଲାଫତ୍ ସହ ନିଷ୍ଠାପର ଓ ନିବିଡ଼ ସମ୍ପର୍କ ସ୍ଥାପନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ।

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...

ମୁସଲ୍‌ମାନ୍ ନୁହଁନ୍ତି ଅର୍ଥାତ୍ ପଥଭ୍ରଷ୍ଟ ହୋଇଥିବା ମୁସଲ୍‌ମାନ୍ ମାନଙ୍କ ମଧ୍ୟରେ ଆମେ ନାହୁଁ । ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜରିଆରେ ବତା ଯାଇଥିବା ଇସ୍‌ଲାମ୍‌ର ସଚ୍ଚା ଓ ବାସ୍ତବିକ ଶିକ୍ଷା ଉପରେ ଅମଲ କରୁଛନ୍ତି ଏବଂ ଏହି ସଚ୍ଚା ଓ ବାସ୍ତବିକ ଶିକ୍ଷା ହେଉଛି ଶାନ୍ତି ଓ ସଲାମତିର ଶିକ୍ଷା । ଆଜିକାଲି ଇସ୍‌ଲାମୀୟ ଜିହାଦ୍ ନାମରେ ଯେଉଁ ଲଢ଼େଇ, ହତ୍ୟା ଓ ରକ୍ତ ବୁହାଯାଉଛି ଏହା କଦାପି କୌଣସି ଇସ୍‌ଲାମୀୟ ଜିହାଦ୍ ନୁହେଁ । ଯେପର୍ଯ୍ୟନ୍ତ ତୁମ ଧର୍ମକୁ ନିଃଶେଷ କରିଦେବା ପାଇଁ ତୁମ ସହିତ କେହି ଯୁଦ୍ଧ କରୁନାହିଁ ତେବେ ତୁମକୁ ତରବାରି ଉଠାଇବା ପାଇଁ କୌଣସି ଆବଶ୍ୟକ ନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଆଜି ଯେଉଁ ମୁଖାଲିଫ୍ (ବିରୋଧୀ) ଅଛନ୍ତି ସେମାନେ ଇସ୍‌ଲାମ୍ ଉପରେ ମିଡ଼ିଆ ଏବଂ ଲିଟ୍‌ରେଚର୍ ମାଧ୍ୟମରେ ଆକ୍ରମଣ କରୁଛନ୍ତି । ତେବେ ଆମେ ମଧ୍ୟ ଏହାର ଉତର ମିଡ଼ିଆ ମାଧ୍ୟମରେ ବା ଲିଟ୍‌ରେଚର୍ ମାଧ୍ୟମରେ ଦେବା ଉଚିତ୍ । ଆଜିର ସମୟ ହେଉଛି କଲମ ଦ୍ୱାରା ଜିହାଦ୍ କରିବାର ସମୟ ଏବଂ ହଜ୍‌ରତ ମସିହ୍ ମଉଦ୍ ଆ:ସ ଆମକୁ ଏହି ଶିକ୍ଷା ଦେଇଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଆଁ ହଜ୍‌ରତ୍ ସ:ଆ:ସ ପ୍ରଥମରୁ ବତାଇ ଦେଇଥିଲେ କି ଏପରି ଏକ ସମୟ ଆସିବ ଯେବେ ସେହି ମୁସଲ୍‌ମାନ୍ ମାନେ ପଥଭ୍ରଷ୍ଟ ହୋଇଯିବେ ଓ ଇସ୍‌ଲାମୀୟ ଶିକ୍ଷାକୁ ଭୁଲାଇ ଦେବେ । ଇସ୍‌ଲାମୀୟ ଶିକ୍ଷା ଗୁଡିକ ପବିତ୍ର କୋରାନ୍‌ରେ ସ୍ପଷ୍ଟ ରୂପେ ଦରଜ ହୋଇଛି । ତାହା ତ ରହିବ, କିନ୍ତୁ ସେଗୁଡିକୁ ବୁଝାଇବାବାଲା ଓ ସେଗୁଡିକୁ ବତାଇବାବାଲା ଯେଉଁ ଓ୍ୱଲେମା ଅଛନ୍ତି ସେମାନେ ପଥଭ୍ରଷ୍ଟ ହୋଇଯାଇଥିବେ । ଆଁ ହଜ୍‌ରତ୍ ସ:ଆ:ସଙ୍କ ଉକ୍ତ ପେଶ୍‌ଗୋଇକୁ ପୁରଣ ହେବାର ଦେଖି ଆମ ବିଶ୍ୱାସ ବଢ଼ି ଚାଲିଛି । ତେଣୁ ଆମେ କଦାପି ସେହି ପଥଭ୍ରଷ୍ଟ ହୋଇଥିବା ମୁସଲ୍‌ମାନ୍ ମାନଙ୍କ ମଧ୍ୟରେ ନାହୁଁ । ଆମେ ସେମାନଙ୍କ ମଧ୍ୟରେ ଗଣା ଯେଉଁମାନେ ଇମାନ୍ ମେହ୍‌ଦୀ ଆ:ସଙ୍କ ଉପରେ ବିଶ୍ୱାସ ଆଣିଛନ୍ତି ଏବଂ ଆମେ ଇସ୍‌ଲାମ୍‌ର ସଚ୍ଚା ଏବଂ ବାସ୍ତବିକ ଶିକ୍ଷା ଉପରେ ଅମଲ କରିବାବାଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଜମାତ୍‌ର ପରିଚୟ, ଇସ୍‌ଲାମ୍‌ର ଶାନ୍ତିପ୍ରିୟ ଶିକ୍ଷାରେ ଆଧାରିତ ଛୋଟ ଛୋଟ ବେଶର୍ ସାଥିରେ ରଖ ଓ ଯାହାଙ୍କ ସହିତ କଥା ହେବ ସେତେବେଳେ ତାଙ୍କୁ ଏ ସବୁକୁ ଦେଇଦିଅ । ତୁମେ ଉର୍ଦ୍ଦୁ ଏବଂ ଜାପାନୀ ଦୁଇଗୋଟି ଭାଷା ଜାଣିଛ ଏବଂ ୟୁନିଭରସିଟି ଓ କଲେଜ୍‌ରେ ପଢୁଛ । ତେଣୁ ଯେଉଁ ସବୁ ପାମ୍ପଲେଟ୍‌ସ୍ ଇତ୍ୟାଦି ରହିଛି ସେଗୁଡିକର ଅନୁବାଦ କର ।

ଆଉଜଣେ ଝିଅ ପ୍ରଶ୍ନ ପଚାରିଲେ କି ମୁଁ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ କୌଣସି ଏକ ପୁସ୍ତକ ଅନୁବାଦ କରିବାକୁ ଚାହୁଁଛି । ତେବେ ମୁଁ କେଉଁ ପୁସ୍ତକକୁ ଅନୁବାଦ କରିବି ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏଠାରେ ମୁବଲିଗ୍ ଇନ୍‌ଚାର୍ଯ୍ୟ ସାହେବ୍ ଅଛନ୍ତି, ଇଶାଅତ୍ କମିଟି ରହିଛି, ସେମାନଙ୍କଠାରୁ ପଚାରି ବୁଝ ଏବଂ କୌଣସି ଏକ ଛୋଟ ପୁସ୍ତକକୁ ଚୟନ କରି ଅନୁବାଦ କର । ସେମାନେ ମୋ ଠାରୁ ମଞ୍ଜୁରୀ ନେଇନେବେ ଓ ତୁମକୁ ବତାଇଦେବେ । ସେହିପରି ମୁଁ ଏଠାରେ ବସି ବତାଇପାରିବି ନାହିଁ । ହୋଇପାରେ ମୁଁ କୌଣସି ଏକ ପୁସ୍ତକ ବତାଇବି ଓ ଏହାର ଅନୁବାଦ ପୂର୍ବରୁ ହେଉଥିବ । ତେଣୁ ଲେଖିକରି ପଠାଓ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ପ୍ରଥମେ ଗୋଟିଏ ପୃଷ୍ଠାର ଅନୁବାଦ କରି ଗୋଟିଏ ନମୁନା ପଠାଓ । ଏହି ନମୁନାକୁ ଜାପାନୀ ଡେସ୍କ ରବ୍‌ଓ୍ୱାକୁ ପଠାଯିବ । ସେ ଏହାର କ୍ୱାଲିଟି ଏବଂ ସ୍ତର ଚେକ୍ କରିବେ ଯଦି କ୍ୱାଲିଟି ଭଲ ଥିବ ତେବେ ପୁଣି ତାଙ୍କୁ ମୁଁ ପଚାରିବି କି କେଉଁ ପୁସ୍ତକ ଅନୁବାଦ କରାଯିବ ?

ଆଉଜଣେ ଝିଅପିଲା ପ୍ରଶ୍ନ ପଚାରିଲେ କି ଆମେ ସ୍କୁଲ୍ ଯିବା ସମୟରେ ହିଜାବ୍ ପିନ୍ଧୁଛୁ । ଆମ ଟିଚର୍ ମାନଙ୍କୁ ଲିଟରଚର୍ ଦେଉଛୁ । କିନ୍ତୁ କିଛି ଲୋକ ଏପରି ଅଛନ୍ତି ଯେଉଁଆମେ ଆମକୁ ଥଟ୍ଟା ପରିହାସ କରୁଛନ୍ତି । ତେବେ ଆମେ ସେମାନଙ୍କୁ କିପରି ଉତର ଦେବୁ ? ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯଦି ଥଟ୍ଟା ପରିହାସ କରୁଛନ୍ତି ତେବେ କରୁଥାନ୍ତୁ । ନବୀମାନଙ୍କୁ ମଧ୍ୟ ଥଟ୍ଟା ପରିହାସ କରାଯାଇଛି । ଲୋକେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ମଧ୍ୟ ହସୁଥିଲେ ଅର୍ଥାତ୍ ପରିହାସ କରୁଥିଲେ । ଯେବେ ଆଁ ହଜ୍‌ରତ୍ ସ:ଆ:ସ ତବ୍‌ଲିଗ୍ ପାଇଁ ନିଜ କୁଟୁମ୍ବ ଓ ବନ୍ଧୁବାନ୍ଧବ ମାନଙ୍କୁ ନିମନ୍ତ୍ରଣ ଦେଇ କହିଲେ କି ଯଦି ମୁଁ ତୁମକୁ କହିବି ଯେ ଏହି ପାହାଡ ପଛରେ ଗୋଟିଏ ସେନା (ଆକ୍ରମଣ ପାଇଁ ଲୁଚି ରହିଛି) ତେବେ ତୁମେ କଣ ମାନିନେବ ? ଏହାର ଉତରରେ ଲୋକେ କହିଲେ ଆମେ ନିଶ୍ଚିତ ମାନିନେବୁ କାରଣ ଆପଣ ସର୍ବଦା ସତ କୁହନ୍ତି । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ସେମାନଙ୍କୁ ଏକେଶ୍ୱରବାଦର ବାର୍ତା ଦେଲେ କି ତୁମର ଇଶ୍ୱର ହେଉଛନ୍ତି ଏକ୍ । ତେଣୁ ତୁମେ ସେହି ଏକ ଇଶ୍ୱରଙ୍କ ଉପାସନା କର । ତେବେ ଏ କଥାରେ ଲୋକେ ଗ୍ରହଣ କରିବା ପରିବର୍ତେ ଆପଣ ସ:ଆ:ସଙ୍କ ଉପରେ ହସିବାକୁ ଲାଗିଲେ ଅର୍ଥାତ୍ ଥଟ୍ଟା ପରିହାସ କଲେ । ତେବେ ନବୀ ମାନଙ୍କୁ ମଧ୍ୟ ଥଟ୍ଟା ପରିହାସ କରାଯାଇଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ପାକିସ୍ତାନ୍‌ରେ ଆମ ବିରୋଧିମାନେ ଅହେମଦୀ ମାନଙ୍କ ଉପରେ ଅତ୍ୟାଚାର କରି ନିଆଁ ଲଗାଇ ଦେଉଛନ୍ତି, ସାମାନ୍ ଇତ୍ୟାଦି ଜଳେଇ ଦେଉଛନ୍ତି ଏବଂ ହଣାମରା କରୁଛନ୍ତି ଓ ତତ୍ ସହିତ ଥଟ୍ଟା ପରିହାସ ମଧ୍ୟ କରୁଛନ୍ତି କି ନିଜ ନବୀଙ୍କୁ ଡାକିଆଣ । ତେବେ ଥଟ୍ଟା ପରିହାସ ପ୍ରତ୍ୟେକ ଯାଗାରେ ଆମର କରାଯାଉଛି ।

ହଜ୍‌ରତ୍ ନୁହ୍ ଆ:ସ ଯେବେ ଅଲ୍ଲାଃଙ୍କ ନିର୍ଦ୍ଦେଶ କ୍ରମେ ଡଙ୍ଗା ବନାଉଥିଲେ ସେତେବେଳେ ବିରୋଧିମାନେ ଆପଣଙ୍କ ନିକଟଦେଇ ଯିବା ଆସିବା କରିବା ବେଳେ ଥଟ୍ଟା ପରିହାସ କରୁଥିଲେ କି ନା ପାଣି ଅଛି ନା କୌଣସି ନଦୀ ଅଛି ନା କୌଣସି ସମୁଦ୍ର ରହିଛି (କିନ୍ତୁ) ଡଙ୍ଗା ବନା ଚାଲିଛି । ଏହା ଶୁଣି ହଜ୍‌ରତ୍ ନୁହ୍ ଆ:ସ ସେମାନଙ୍କୁ ଉତର ଦେଲେ କି ଆଜି ତୁମେ ଆମ ଉପରେ ହସୁଛ ଅର୍ଥାତ୍ ଥଟ୍ଟା ପରିହାସ କରୁଛ କିନ୍ତୁ ସମୟ ଆସୁଛି ଆମେ ତୁମ ଉପରେ ହସିବୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ପବିତ୍ର କୋରାନ୍ ଏହା କହୁଛି କି ପରିଶେଷରେ ଯେତେବେଳେ ଐଶି ଜମାତ୍ ବିଜୟ ଲାଭ କରିଥାଏ ସେତେବେଳେ ଏହିପରି ଥଟ୍ଟା ପରିହାସ କରିବା ବାଲା ଲୋକେ ଏହା କହିଥାନ୍ତି କି ଆମେ ତ ଏମିତି ଥଟ୍ଟା ପରିହାସ କରୁଥିଲୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏହି ଥଟ୍ଟା ପରିହାସ କରିବାବାଲା ଦିନେ ନା ଦିନେ ସମସ୍ତେ ଆମ ସହିତ ସାମିଲ୍ ହୋଇଯିବେ । ଇନ୍‌ଶାଅଲ୍ଲାଃ ।

ଆଉଜଣେ ଝିଅ ପ୍ରଶ୍ନ ପଚାରିଲେ କି ମୁଁ ହେଉଛି ଜଣେ ଓ୍ୱାକିଫାଏ ନୌ ଏବଂ ଏୟାର୍‌ପୋର୍ଟ୍‌ରେ ଇମିଗ୍ରେସନ୍ ବିଭାଗରେ କାମ କରିବାକୁ ଚାହୁଁଛି । କଣ ମୁଁ ସେଠାରେ କାମ କରିପାରିବି ।

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ତୁମେ ଓ୍ୱକ୍‌ଫେନୌ ହୋଇ ଡାକ୍ତର ହୁଅ, ଟିଚର୍ ହୁଅ, ରିସର୍ଚ୍ କର, କୌଣସି ଭାଷା ଶିଖ, ଯଦ୍ୱାରା ଅନୁବାଦ କାର୍ଯ୍ୟ କରିପାରିବ । ତୁମେ ବହୁତ ଭଲ କାମ କରିପାରିବ, ଏୟାର୍‌ପୋର୍ଟ୍‌ରେ କଣ କରିବ । ପାସ୍‌ପୋର୍ଟ୍‌ରେ ମୋହର୍ ଲଗାଇବ । ଏ କାମ ତ ଜଣେ ମେଟ୍ରିକ୍ ପାସ୍ ପିଲା କରିପାରିବ, ମାନେ ମୋହର୍ ଲଗାଇପାରିବ । ତୁମେ କୌଣସି ବଡ଼ କାମ କର । ଯଦି ତୁମକୁ ପାଠ ପଢ଼ିବାକୁ ମନ କରୁଛି ତେବେ ଡାକ୍ତର ହୁଅ, ଟିଚର୍ ହୁଅ, ପ୍ରଫେସର୍ ହୁଅ, ସାଇଂଟିଷ୍ଟ୍ ହୁଅ ।

ଆଉଜଣେ ଝିଅ ପ୍ରଶ୍ନ କଲେ କି ଯେବେ ଆମେ ଜାପାନୀ ମାନଙ୍କୁ ତବ୍‌ଲିଗ୍ କରୁଛୁ ସେମାନେ ଆମକୁ ଭଲ ଭାବୁଛନ୍ତି ଅର୍ଥାତ୍ ଆମ ଶିକ୍ଷାକୁ ଭଲ ଭାବୁଛନ୍ତି । କିନ୍ତୁ ସେମାନେ ନିଜ ଜୀବନ ଓ ନିଜ କଲ୍‌ଚର୍‌କୁ ଛାଡ଼ିବାକୁ ଚାହୁଁନାହାଁନ୍ତି ।

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ତୁମର କାମ ହେଉଛି କେବଳ ବାର୍ତା ପହଂଚାଇବା । କାହାକୁ ଜୋର୍ ଜବର୍‌ଦସ୍ତ ନିଜ ଆଡକୁ ଟାଣିବା ତୁମର କାମ ନୁହେଁ । ମନକୁ ବଦଳାଇବାର କାମ ହେଉଛି ଅଲ୍ଲାଃଙ୍କର । ଦୀନ୍ ମାମଲାରେ କୌଣସି ଜୋର୍ ଜବର୍‌ଦସ୍ତି ନାହିଁ । ତେଣୁ ଆମେ କେବଳ ବାର୍ତା ହିଁ ପହଁଚାଇବା । ତୁମେ ନିଷ୍ଠାର ସହିତ ତବ୍‌ଲିଗ୍ କରିଚାଲ । ବାର୍ତା ପହଁଚାଇ ଚାଲ ଓ ଯୋଗାଯୋଗ ରଖ । ଏକ ସମୟ ଆସିବ, ଖୁଦାତାଲା ମନକୁ ଖୋଲିଦେବେ । ତେଣୁ ତୁମେ ଧୈର୍ଯ୍ୟ ଧର ଓ ସାହସର ସହିତ ବାର୍ତା ପହଂଚାଇ ଚାଲ ଓ ଲୋକମାନଙ୍କୁ ଇସ୍‌ଲାମୀୟ ଶିକ୍ଷା ସମ୍ବନ୍ଧରେ ବତାଇ ଚାଲ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏବେ ଏହି ଲୋକମାନଙ୍କ ମଧ୍ୟରେ ଧର୍ମ ସହିତ କୌଣସି ଆନ୍ତରିକତା ନାହିଁ । କିଛି ତ ଇଶ୍ୱରଙ୍କୁ ମଧ୍ୟ ମାନୁନାହାଁନ୍ତି । ଖୁଦାତାଲା ପବିତ୍ର କୋରାନ୍‌ରେ କହୁଛନ୍ତି *''ଲକୁମ୍ ଦୀନୁକୁମ୍ ଓ୍ୱଲିୟ ଦୀନ୍''* । ଅର୍ଥାତ୍ ତୁମପାଇଁ ତୁମ ଧର୍ମ, ମୋ ପାଇଁ ମୋ ଧର୍ମ । କିନ୍ତୁ ଆଗକୁ ଅଲ୍ଲାଃତାଲା ଏ ଖୁସି ଖବର ଦେଇଛନ୍ତି କି *''ଇଜା ଜାଆ ନସରୁଲ୍ଲାହି ଓ୍ୱଲ୍‌ଫତ୍‌ହୁ''* ଅର୍ଥାତ୍ ଏପରି ଗୋଟିଏ ଦିନ ଆସିବ ତୁମେ ବିଜୟୀ ହେବ । ତେଣୁ ତୁମେ ନିଜ କାମ କରିଚାଲ । ଗୋଟିଏ ଜେନେରେସନ୍‌ର ବୟସ ୬୦-୭୦ ବର୍ଷ ହୋଇଥାଏ । ତେଣୁ ଏହା ଯଥେଷ୍ଟ ନୁହେଁ । କୌମ୍‌ର ବୟସ ଲମ୍ବା ହୋଇଥାଏ । ଆମ ଜୀବଦଶାରେ ନୁହେଁ ତ ଆସନ୍ତା ପିଢ଼ୀଙ୍କ ଜୀବଦଶାରେ ଏହି ଲୋକମାନଙ୍କ ମଧ୍ୟରେ ପରିବର୍ତନ ଆସିବ ଓ ସେମାନେ ଗ୍ରହଣ କରିବେ ।

ବର୍ତମାନ ଯେଉଁ ଅବସ୍ଥା ରହିଛି ସେଥିରୁ ଜଣାପଡୁଛି କି ଲୋକମାନେ ନିଜ ଧର୍ମକୁ ପରିତ୍ୟାଗ କରୁଛନ୍ତି । ବୁଦ୍ଧିଷ୍ଟ୍ ବୁଦ୍ଧିଜିମ୍‌କୁ ଛାଡୁଛନ୍ତି, ଇସାଇ ଇସାଇୟତ୍‌କୁ ଛାଡ଼ିଦେଉଛନ୍ତି । ଇସାଇମାନେ ଆମେରିକାରେ ନିଜର ଚର୍ଚ୍ଚ୍ ଗୁଡିକୁ ବିକ୍ରି କରୁଛନ୍ତି । ଆମେ ସେଗୁଡିକୁ କିଣି ମସ୍‌ଜିଦ୍ ବନାଉଛୁ । ଏବେ ସେମାନଙ୍କର ଯେଉଁ ଶଂଟୋଇଜିମ୍ ଧର୍ମ ଅଛି ତାହା ହେଉଛି ଏପରି କି ସେଠି ଶ୍ରାଇନ୍‌ରେ ଯାଇ ଟଙ୍କା ପକାଇଦିଅ । ନା କୌଣସି ଉପାସନା କରାଯାଉଛି ନା କୌଣସି କଷ୍ଟ ବର୍‌ଦାସ୍ତ୍ କରିବାକୁ ପଡୁଛି ଓ ନା କୌଣସି ପରିଶ୍ରମ କରିବାକୁ ପଡୁଛି । ତେଣୁ ସେମାନେ ଅନେକ ଇଶ୍ୱର ବନାଇ ସାରିଛନ୍ତି । ଉଦାହରଣ ସ୍ୱରୂପ ବର୍ଷାର ଇଶ୍ୱର, ପାଣିର ଇଶ୍ୱର୍, ଫୁଲର ଇଶ୍ୱର୍, ପାହାଡର ଇଶ୍ୱର । ତେଣୁ ଏମାନେ ସାରା ଦୀନ ସକାଳେ ଓ ସନ୍ଧ୍ୟାରେ ନିଜ କାର୍ଯ୍ୟରେ ବ୍ୟସ୍ତ । କୌଣସି ପ୍ରକାରର ଉପାସନା କରିବାର ଭାବନା ନାହିଁ । ନିଜ ସାଂସାରିକ ଜୀବନରେ ଏପରି ବୁଡ଼ି ରହିଛନ୍ତି କି ତୁମ କଥା, ତୁମର ତବ୍‌ଲିଗ୍‌କୁ ଶୁଣିବା ପାଇଁ ସେମାନଙ୍କ ପାଖରେ କୌଣସି ସମୟ ନାହିଁ । ତେଣୁ ଏହିପରି ଜାତିଙ୍କ ନିମନ୍ତେ ଏପରି ଏକ ସମୟ ଆସିଥାଏ ଇଶ୍ୱର ନିଜେ ହିଁ ତାକୁ ବୁଝାଇଥାନ୍ତି । ଅର୍ଥାତ୍ ଦଣ୍ଡ ଦେଇଥାନ୍ତି । ତେବେ ଯାଇ ସେମାନଙ୍କର ଧର୍ମ ପ୍ରତି ଆଗ୍ରହ ହୁଏ । ତେଣୁ ତୁମେ ନିଜ କାମ କରିଚାଲ । ତାର ପୁରସ୍କାର ଅଲ୍ଲାଃତାଲା ତୁମକୁ ଦେବେ ।

ଆଉଜଣେ ଝିଅ ପ୍ରଶ୍ନ ପଚାରିଲେ କି ହଜୁର୍ ଅନୁଓ୍ୱର୍ ଯେବେ ଜାପାନ୍ ଆସୁଛନ୍ତି ଆମକୁ ବହୁତ ମଜା ଆସୁଛି । ସେଇଥିପାଇଁ ହଜୁର୍ କିଛି ସମୟ ନିମନ୍ତେ ଜାପାନ୍ ଆସନ୍ତୁ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆମର ଜଣେ ଜାପାନୀ ବନ୍ଧୁ ହେଉଛନ୍ତି ଡାକ୍ତର ସାଟା ସାହେବ୍ । ସେ ଲଣ୍ଡନ୍ ଆସିଥିଲେ ଓ ମୋ ସହିତ ସାକ୍ଷାତ୍ କରିଥିଲେ । ସେବେଠୁ ତାଙ୍କ ସହିତ ବନ୍ଧୁତ୍ୱ ହୋଇଯାଇଛି । ଏଠାରେ ମଧ୍ୟ ଶ୍ରାଇନ୍‌ର ଭିଜିଟ୍ ସେ କରାଇଥିଲେ । ସେ ମୋତେ କହିଲେ କି ମୁଁ ଅତି କମ୍‌ରେ ଗୋଟିଏ ବର୍ଷ ଏଠି ଜାପାନ୍‌ରେ

ଆସି ରହିଲି । ସେ ଗୋଟିଏ ବର୍ଷ ପାଇଁ କହିଲେ । ତେବେ ତୁମେମାନେ ସବୁବେଳ ପାଇଁ ଆସି ରହିବାକୁ କାହିଁକି କହୁନାହଁ ।

ଆଉଜଣେ ଝିଅ ପ୍ରଶ୍ନ କଲେ କି ଯେତେବେଳେ ମୁଁ ନିଜ ଟିଚରଙ୍କୁ ବତାଇଲି କି ହଜୁର୍ ଆସୁଛନ୍ତି ଓ ସେଥିପାଇଁ ମୁଁ ସ୍କୁଲ୍‌ରୁ ଛୁଟି ନେବି । ଏଥିରେ ଟିଚର୍ କହିଲେ କି ହଜୁର୍ ଜରୁରୀ ଅଟନ୍ତି ବା ସ୍କୁଲ୍ ଜରୁରୀ ଅଟେ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ତୁମେ ତାଙ୍କୁ ଏକଥା କହିବାର ଥିଲା କି ଯଦି ତୁମ ଘରକୁ କୌଣସି ଅତିଥି ଆସୁଛନ୍ତି ବା ଆଉ କୌଣସି କାରଣ ଥାଏ ତେବେ ତୁମେ ଛୁଟି ନେଉଛ କି ନାହିଁ । ତେଣୁ ମୁଁ ମଧ୍ୟ କୌଣସି କାରଣ ଯୋଗୁଁ ଛୁଟି ନେଉଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ କି ସ୍କୁଲ୍‌ରୁ ବିନା କାରଣରେ ଛୁଟି ନେବା ଉଚିତ୍ ନୁହେଁ । ସ୍କୁଲ୍ ହେଉଛି ଜରୁରୀ । ଏପରି ନହେଉ କି ମୋ ଆସିବାର ବାହାନା କରି ଛୁଟି ନିଅ ଓ ପୁଣି ଘରେ ଯାଇ ବସି ରୁହ ବା ବଜାରରେ ଘୁରି ବୁଲ । ଏହା ଠିକ୍ ନୁହେଁ ।

ଆଉଜଣେ ଝିଅ ପ୍ରଶ୍ନ କଲେ କି ମୋ ନାମକୁ ହଜୁର୍ ରଖିଛନ୍ତି । ସେହିପରି ହଜୁରଙ୍କ ନାମକୁ କିଏ ରଖିଥିଲେ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୋ ନାମ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ରଖିଥିଲେ ।

ଜଣେ ଜାପାନୀ ଝିଅ କହିଲେ କି ହଜୁର୍ ଅନୁଓ୍ୱର୍ ନିଶ୍ଚିତ ରୂପେ ଜାପାନ୍‌ରେ ରୁହନ୍ତୁ । ଯଦି ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜାପାନ୍‌ରେ ରହିବେ ଜମାତ୍ ପ୍ରସାର ଲାଭ କରିବ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଧନ୍ୟବାଦ୍ !

ଆଉଜଣେ ଝିଅ ପ୍ରଶ୍ନ କଲେ କି ହଜୁରଙ୍କ ଜାପାନୀ ଜାତିର କେଉଁ କଥା ଭଲ ଲାଗିଲା ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଜାପାନୀ ଜାତି ହେଉଛି ବହୁତ ପରିଶ୍ରମୀ । ଆଟମ୍‌ବମ୍ ଦ୍ୱାରା ଧ୍ୱଂସ ହେବା ସତ୍ୱେ ମଧ୍ୟ ନିଜ ଦେଶକୁ ନିଜ ଗୋଡରେ ଛିଡ଼ା କରାଇଦେଲେ । ପ୍ରତ୍ୟେକ କୌମ୍‌ରେ ଭଲ କଥା ରହିଛି । ଏଠି ସେମାନଙ୍କର ପରିଶ୍ରମ କରିବାଟା ହେଉଛି ସେମାନଙ୍କ ପାଇଁ ବହୁତ ଭଲ କଥା ।

ଝିଅପିଲା ମାନଙ୍କର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଏହି କ୍ଲାସ୍ ୫:୫୦ ରେ ଶେଷ ହେଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍‌ତରକୁ ଚାଲିଗଲେ । ଯେଉଁଠି ମୋକରମ୍ ଆବିଦ୍ ଓ୍ୱହିଦ୍ ଖାନ୍ ସାହେବ୍ ଇନ୍‌ଚାର୍ଯ୍ୟ ପ୍ରେସ୍ ଆଣ୍ଡ ମିଡ଼ିଆ ଡେସ୍କ୍ ହଜୁର୍ ଅନୁଓ୍ୱରଙ୍କ ସହିତ ଦଫ୍‌ତରି ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏହାପରେ ୬:୩୦ ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ''ମସ୍‌ଜିଦ୍ ବଇତୁଲ୍ ଅହଦ୍''ରେ ପହଂଚି ନମାଜ ମଗ୍ରିବ୍ ଏବଂ ଇସା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଫେରିଗଲେ । (ବହଓ୍ୱାଲା ଅଖ୍‌ବାର୍ ବଦର୍ ୧୭ ଡିସେମ୍ବର୍ ୨୦୧୫)

**୨୦ ନଭେମ୍ବର୍ ୨୦୧୫ (ପବିତ୍ର ଶୁକ୍ରବାର)**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଫଜର୍ ନମାଜ ନିମନ୍ତେ ପ୍ରତ୍ୟୁଷ ୫:୧୦ ରେ ହୋଟେଲ୍‌ରୁ ବାହାରିଲେ । ୫:୩୦ରେ ମସ୍‌ଜିଦ୍ ବଇତୁଲ୍ ଅହଦ୍‌ରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ୬:୧୫ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି ନିଜ ଆବାସସ୍ଥଳୀକୁ ଫେରିଆସିଲେ ।

ସକାଳବେଳା ହଜୁର୍ ଅନୁଓ୍ୱର୍ ଅ:ବ:ଅ ବିଭିନ୍ନ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ଆଜି ପବିତ୍ର ଜୁମା ଦିନ ଥିଲା । ଆଜିକାର ଏହି ପବିତ୍ର ଦିନଟି ଜମାତ୍ ଅହେମଦିୟା ଜାପାନ୍‌ର ଇତିହାସରେ ଏକ ଐତିହାସିକ ଦିବସ ରୂପେ ବିବେଚିତ ହେଲା । ଆଜି ନମାଜ ଜୁମା ସହିତ ଜାପାନ୍ ଭୂମିରେ ନିର୍ମାଣ ହୋଇଥିବା ପ୍ରଥମ ଅହେମଦୀୟା ମସ୍‌ଜିଦ୍ ''ମସ୍‌ଜିଦ୍ ବଇତୁଲ୍ ଅହଦ୍''ର ନିୟମିତ ରୂପେ ଉଦ୍‌ଘାଟନ କରାଗଲା । ସକାଳ ୧୧ଟା ସମୟରେ ଜମାତ୍‌ର ପୁରୁଷ ଓ ମହିଳା, ପିଲା ଓ ବୁଢ଼ା ସମସ୍ତେ ମସ୍‌ଜିଦ୍ ପହଂଚିବା ଆରମ୍ଭ କରିଦେଇଥିଲେ । ଆଜିର ଦିନଟି ପ୍ରତ୍ୟେକ ବ୍ୟକ୍ତି ଖୁସିରେ ଫାଟି ପଡୁଥିଲେ । ୧୯୩୫ ମସିହାରେ ଜାପାନ୍‌ରେ ପ୍ରଥମ ମୁବଲିଗ୍ ଆସି ପହଂଚିଥିଲେ ଓ ଜମାତ୍ ଅହେମଦୀୟାର ସ୍ଥାପନ ହୋଇଥିଲା । ଆଜି ୮୦ ବର୍ଷର ଲମ୍ବା ଅପେକ୍ଷା ପରେ ଆଜି ବହୁତ ବର୍‌କତ୍ ଓ ପବିତ୍ର ଦିନ ଆସିଛି । ଯେବେ ଜମାତ୍ ଅହେମଦୀୟା ଜାପାନ୍‌କୁ ଜାପାନ୍‌ର ଏହି ଭୂମିରେ, ଯାହାର ବାସିନ୍ଦା ହେଉଛନ୍ତି ଅନେକ ଇଶ୍ୱରଙ୍କୁ ମାନିବା ବାଲା, ସେମାନେ ଏକ ଓ ଅଦ୍ୱିତୀୟ ଇଶ୍ୱରଙ୍କ ଘରର ନିର୍ମାଣ ଓ ଏହାର ଉଦ୍‌ଘାଟନ କରିବା ପାଇଁ ଶକ୍ତି ପାଇଛନ୍ତି ।

ଆଜିର ଏହି ଉଦ୍‌ଘାଟନୀ ଉତ୍ସବରେ ପଡୋଶୀ ଦେଶ କୋରିଆ ଏତଦ୍‌ଭିନ୍ନ ଇଣ୍ଡୋନେସିଆ, ମାଲେସିୟା, ବର୍ମା, ବ୍ରିଟେନ୍, ଜର୍ମାନୀ, ସୁଇଜରଲାଣ୍ଡ୍, ଆମେରିକା, ଅଷ୍ଟ୍ରେଲିଆ, ସାର୍‌ଝା, ଦୁବାଇ ଓ କଙ୍ଗୋ କାନ୍‌ସାସାରୁ ଜମାତ୍‌ର ଲୋକେ ଓ ପ୍ରତିନିଧି ମଣ୍ଡଳ ଯୋଗ ଦେବା ପାଇଁ ପହଂଚିଥିଲେ – ଇଣ୍ଡୋନେସିଆରୁ ୩୦ ଓ ମାଲେସିୟାରୁ ୨୬ ଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଆସିଥିଲା । ଅଷ୍ଟ୍ରେଲିଆରୁ ଆସିଥିବା ଅହେମଦୀଙ୍କ ସଂଖ୍ୟା ୧୦ ରୁ ଅଧିକ ଥିଲା ।

ଏମ୍.ଟି.ଏ ଇଂଟର୍ ନ୍ୟାସନାଲ୍ ଟିମ୍ ଲଣ୍ଡନ୍‌ରୁ ''ମସ୍‌ଜିଦ୍ ବଇତୁଲ୍ ଅହଦ୍''ର ଏହି ଉଦ୍‌ଘାଟନୀ ଉତ୍ସବ ଓ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଜାପାନ ଗସ୍ତକୁ କଭ୍‌ରେଜ୍ ଦେବାପାଇଁ ଏଠାରେ ପହଂଚିଥିଲା । ପୁଣି ସେହି ''ମସଜିଦ୍ ବଇତୁଲ୍ ଅହଦ୍''ରୁ ଆଜି ସାରା ଦୁନିଆରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଖୁତ୍‌ବା ଜୁମା ଲାଇଭ୍ (ସିଧା ପ୍ରସାରଣ) ହେଉଥିଲା ।

ସିଧା ପ୍ରସାରଣ ଆରମ୍ଭ ହୋଇସାରିଥିଲା ଓ ମସ୍‌ଜିଦ୍‌ର ବିଭିନ୍ନ ଦୃଶ୍ୟକୁ ଦେଖାଇ ଦିଆଯାଉଥିଲା । ଜାପାନ୍‌ର ଇଲେକ୍‌ଟ୍ରୋନିକ୍ ଏବଂ ପ୍ରିଂଟ୍ ମିଡ଼ିଆ ମଧ୍ୟ ମସ୍‌ଜିଦ୍‌ର ଉଦ୍‌ଘାଟନକୁ କଭ୍‌ରେଜ୍ କରିବା ପାଇଁ ପହଂଚି ସାରିଥିଲା ।

Chukyo TV Channel, Tokai TV Channel, T.B.S TV Channel, Nagoya TV Channel, Aichi TV Channel, ଓ ଅନ୍ୟାନ୍ୟ ନ୍ୟୁଜ୍ ଏଜେନ୍‌ସିର ପ୍ରତିନିଧି ଓ ଜର୍ନାଲିଷ୍ଟ୍ ସମସ୍ତେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଆଗମନର ଅପେକ୍ଷାରେ ଥିଲେ ।

୧୨:୩୦ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସ ସ୍ଥଳୀରୁ ବାହାରକୁ ବାହାରି ମସ୍‌ଜିଦ୍ ବଇତୁଲ୍ ଅହଦ୍ ନିମନ୍ତେ ଯାତ୍ରା ଆରମ୍ଭ କଲେ । ଦିନ ୧ଟା ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ବଇତୁଲ୍ ଅହଦ୍‌ରେ ପହଂଚିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌ର ବାହ୍ୟ କାନ୍ଥରେ ଖଚିତ ଫଳକର ଉନ୍ମୋଚନ କଲେ ଏବଂ ତା ପରେ ଦୁଆ କରାଇଲେ । ମିଡ଼ିଆ ସମସ୍ତ ପ୍ରତିନିଧି ଓ ଜର୍ନାଲିଷ୍ଟ୍‌ମାନେ ଏହି ଉତ୍ସବକୁ ମଧ୍ୟ କଭ୍‌ରେଜ୍ ଦେଲେ ।

ଏହି ଅବସରରେ ଅଣଚାଶ ପାଖାପାଖି ଜାପାନି ଅତିଥି ମଧ୍ୟ ସାମିଲ୍ ହୋଇଥିଲେ । ସେମାନଙ୍କ ବ୍ୟତୀତ ଶ୍ରୀଲଙ୍କା ଓ ତୁର୍କୀ ସହିତ ସମ୍ପର୍କ ରଖିଥିବା ବାରଜଣ ଅଣ ଜମାତ୍ ବ୍ୟକ୍ତି ମଧ୍ୟ ସାମିଲ୍ ହୋଇଥିଲେ ।

ଜାପାନୀ ଅତିଥିମାନଙ୍କ ମଧ୍ୟରେ Osamu Sekiguchi ସାହେବ୍ (Directer of public affairs church of Jesus christ) Taijun Sato ସାହେବ (Priest Soto Zen temple) Yamazaki Akihisa ସାହେବ (member of parliament nagakute city) Shouji Yoshiaki ସାହେବ (member of parliament shino maki city) Prof. Minesaki Hiroko ସାହେବ (Aichi Educational University) ଏବଂ ଅନ୍ୟାନ୍ୟ ବିଭିନ୍ନ ବିଭାଗ ସହିତ ସମ୍ପର୍କ ରଖିଥିବା ଲୋକେ ସାମିଲ୍ ହୋଇଥିଲେ ।

ଫଳକ ଉନ୍ମୋଚନ ପ୍ରୋଗ୍ରାମ୍ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ଭିତରେ ପ୍ରବେଶ କରି ଖୁତ୍‌ବା ଜୁମା ପ୍ରଦାନ କଲେ । (ଖୁତ୍‌ବାଜୁମାର ସମ୍ପୂର୍ଣ୍ଣ ଲେଖଟି ଅଖ୍‌ବାର୍ ବଦର୍ ୧୦ ଡିସେମ୍ବର୍ ୨୦୧୫ ଅଙ୍କ ସଂଖ୍ୟା ୫୦ ରେ ପ୍ରକାଶ ହୋଇସାରିଛି)

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଖୁତ୍‌ବାଜୁମା ୨ଟା ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନମାଜ ଜୁମା ସହିତ ଅସର୍ ନମାଜ୍ ଜମା କରି ପଢ଼ାଇଲେ ।

**Chukyo TV Channel ର ଜର୍ନାଲିଷ୍ଟ୍‌ଙ୍କ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଇଂଟର୍‌ଭ୍ୟୁ**

ନମାଜ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍‌ତରକୁ ଗଲେ ଯେଉଁଠି ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ପ୍ରେଗ୍ରାମ୍ ମୁତାବକ Chukyo TV Channel ର ଜର୍ନାଲିଷ୍ଟ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଇଂଟର୍‌ଭ୍ୟୁ ନେଲା । ଏହି ଟିଭି ଚ୍ୟାନେଲ୍‌ର ଦର୍ଶକଙ୍କ ସଂଖ୍ୟା ହେଉଛି ୧ କୋଟି କୋଡିଏ ଲକ୍ଷ ।

ଜର୍ନାଲିଷ୍ଟ୍ ଜଣକ ପ୍ରଥମ ପ୍ରଶ୍ନ ଏହା କଲେ କି ଜାପାନ୍‌ରେ ଗଏର୍ ଅହେମଦୀ ମୁସଲ୍‌ମାନଙ୍କର ପାଖାପାଖି ୧୦୦ ଗୋଟି ମସ୍‌ଜିଦ୍ ଅଛି । ଜମାତ୍ ଅହେମଦୀୟା ଏଠାରେ ତାର ପ୍ରଥମ ମସ୍‌ଜିଦ୍ ନିର୍ମାଣ କରିଛି । ଏ ସମ୍ବନ୍ଧରେ ହଜୁର୍ ଅନୁଓ୍ୱରଙ୍କର ମନୋଭାବ ଜାଣିବାକୁ ଚାହୁଁଛୁ ।

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମୁଁ ମୋ ଖୁତ୍‌ବାରେ ଏ ବିଷୟ ଚର୍ଚ୍ଚା କରିଛି । ଏଠାରେ ୧୦୦ ରୁ ଅଧିକା ଅନ୍ୟମାନଙ୍କର ମସ୍‌ଜିଦ୍ ଅଛି । କେବଳ ମସ୍‌ଜିଦ୍ ନିର୍ମାଣ କରିଦେବା ଯଥେଷ୍ଟ ନୁହେଁ । ଅସଲ କଥା ହେଉଛି ଆପଣ ନିଜ ମସ୍‌ଜିଦ୍‌ରୁ କେଉଁଭଳି ଇସ୍‌ଲାମ୍‌ର ସଚ୍ଚା ଓ ବାସ୍ତବିକ ଶିକ୍ଷାକୁ ଅନ୍ୟମାନଙ୍କ ପର୍ଯ୍ୟନ୍ତ ପହଂଚାଉଛନ୍ତି । ଆମ ମସ୍‌ଜିଦ୍ କେବଳ ଉପାସନା କରିବା ନିମନ୍ତେ ବା ଏକାଠି ହେବା ପାଇଁ ନିର୍ମାଣ ହୋଇନାହିଁ ବରଂ ଏଥିପାଇଁ ହୋଇଛି କି ଏଠାରେ ପାଂଚବେଳା ନମାଜ ପଢ଼ାଯିବା ବ୍ୟତୀତ ଇସ୍‌ଲାମ୍‌ର ଶାନ୍ତିପ୍ରିୟ ଶିକ୍ଷାକୁ ପ୍ରସାର କରାଯିବ ଓ ଲୋକେ ନିଜ ଇଶ୍ୱରଙ୍କୁ ଚିହ୍ନିବେ ଓ ଏକ ଓ ଅଦ୍ୱିତୀୟ ଇଶ୍ୱରଙ୍କ ଉପାସନା କରିବେ ଓ ଇଶ୍ୱରଙ୍କ ଅଧିକାରକୁ ପ୍ରଦାନ କରିବେ ଓ ଦ୍ୱିତୀୟଟି ହେଉଛି ଏହା କି ଜଣେ ମନୁଷ୍ୟ ଆଉଜଣେ ମନୁଷ୍ୟର ଅଧିକାରକୁ ପ୍ରଦାନ କରୁ । ତେଣୁ ଆମ ମସ୍‌ଜିଦ୍ ଗୁଡିକ ଏହି ଦୁଇଗୋଟି ଉଦ୍ଦେଶ୍ୟ ପାଇଁ ନିର୍ମାଣ କରାଯାଏ । ଅର୍ଥାତ୍ ଏହି ଦୁଇଗୋଟି ଧାର୍ଯ୍ୟ କାମର ସମ୍ପାଦନ ନିମନ୍ତେ କରାଯାଏ ।

ଜର୍ନାଲିଷ୍ଟ୍ ଜଣକ ପଚାରିଲେ କି ପ୍ୟାରିସ୍ (ଫ୍ରାନ୍‌ସ୍) ଏଠାରେ ସନ୍ତ୍ରାସବାଦ୍ ଆକ୍ରମଣ ହୋଇଛି । ଆଇ. ଏସ୍. ଯୋଗୁଁ ଇସ୍‌ଲାମ୍‌ର ଛବି ବଦଳିବାକୁ ଲାଗିଛି । ଏ ସମ୍ବନ୍ଧରେ ହଜୁର୍ କଣ କହିବାକୁ ଲାଗିବେ ।

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ପ୍ୟାରିସ୍‌ରେ ଯେଉଁ ଘଟଣା ଘଟିଛି ତାହା ଅତ୍ୟନ୍ତ ଭୁଲ୍ । ମୁଁ ଏହାକୁ ଖଣ୍ଡନ କରୁଛି । ଯେଉଁ ଲୋକମାନେ ଏହି ଘଟଣାରେ ମିଳିତ ଅଛନ୍ତି ସେମାନଙ୍କର ଏହି କାର୍ଯ୍ୟ ଗୁଡିକ ଇସ୍‌ଲାମ୍ ସହିତ କୌଣସି ସମ୍ପର୍କ ନାହିଁ । ଯାହାକିଛି ମଧ୍ୟ ହୋଇଛି ତାହା ଇସ୍‌ଲାମ୍ ଶିକ୍ଷାର ବିରୋଧ ।

ମୁଁ ଏହି ଘଟଣା ଘଟିବାର ତତ୍‌କ୍ଷଣାତ୍ ପରେ ପ୍ରେସ୍ ରିଲିଜ୍ ଜାରି କରାଇଥିଲି ଓ ଏହି ଘଟଣାର ଖଣ୍ଡନ କରିଥିଲି । ଇସ୍‌ଲାମ୍ ହେଉଛି ଶାନ୍ତି, ସହିଷ୍ଣୁତା ଓ ଭାଇଚାରାର ଧର୍ମ । ତେଣୁ ଇସ୍‌ଲାମ୍ ନାମକୁ ଏଥିପାଇଁ ବ୍ୟବହାର କରିବା ହେଉଛି ଭୁଲ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଇସ୍‌ଲାମ୍ ନାମରେ ସେମାନେ ଯାହା କିଛି କରୁଛନ୍ତି ତାହା ଇସ୍‌ଲାମ୍‌କୁ ବଦ୍‌ନାମ୍ କରିବା ପାଇଁ । ଇସ୍‌ଲାମ୍ କୌଣସି ନିରୀହ ଲୋକର ଜୀବନ ନେବାପାଇଁ ଅନୁମତି ଦିଏନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଅଲ୍ଲାହ୍‌ତାଲା ମୁସଲ୍‌ମାନ୍ ମାନଙ୍କୁ ଯେବେ ନିଜ

ପ୍ରତିରକ୍ଷା କରିବା ପାଇଁ ଅନୁମତି ଦେଇଛି ତେବେ ଏହା କେବଳ ଏ କ୍ଷେତ୍ରରେ ଦେଇଛି କି ଯଦି କିଏ ତୁମର ଧର୍ମକୁ ନିଃଶେଷ କରିବାକୁ ଚାହେଁ ତେବେ ତୁମେ ତା ବିରୋଧରେ ଯୁଦ୍ଧ କର । ପବିତ୍ର କୋରାନ୍ କହୁଛି କି ଯେଉଁ ଲୋକମାନେ ଧର୍ମର ବିରୋଧି ଓ ଧର୍ମକୁ ନିଃଶେଷ କରିବାକୁ ଚାହୁଁଛନ୍ତି ଯଦି ସେମାନଙ୍କର ଆକ୍ରମଣକୁ ନ ରୋକାଯିବ ଅର୍ଥାତ୍ ଯଦି ସେମାନଙ୍କ ବିରୋଧରେ ପଦକ୍ଷେପ ନ ନିଆଯିବ ତେବେ କେବଳ ଏହା ନୁହେଁ କି ତୁମେ (ଧର୍ମବିରୋଧି ଗୋଷ୍ଠୀ) ନା କେବଳ ମସ୍‌ଜିଦ୍ ବା ନିଜ ଉପାସନା ପୀଠ ଗୁଡିକୁ ନିଃଶେଷ କରିଦେବ ବରଂ ଯଦି ସେହି ବିରୋଧି ଲୋକମାନଙ୍କୁ ଧର୍ମ ଉପରେ ଆକ୍ରମଣ କରିବା ପାଇଁ ସ୍ୱାଧୀନ ଦେବ ତେବେ ନା କୌଣସି ଚର୍ଚ୍ଚ୍ ସୁରକ୍ଷିତ ରହିବ ନା କୌଣସି Synagogue ସୁରକ୍ଷିତ ରହିବ ନା ଅନ୍ୟ କୌଣସି ଉପାସନା ପୀଠ ସୁରକ୍ଷିତ ରହିବ । ତେଣୁ ଖୁଦାତାଲା ଏ ଶିକ୍ଷା ଦେଇଛନ୍ତି କି ତୁମେ କେବଳ ନିଜ ଧର୍ମ ଇସ୍‌ଲାମ୍‌ର ସୁରକ୍ଷା କରିବ ନାହିଁ ବରଂ ପ୍ରତ୍ୟେକ ଧର୍ମର ସୁରକ୍ଷା କରିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ପୁଣି ସେହି ଯୁଦ୍ଧରେ ମଧ୍ୟ ବହୁତ ସର୍ତାବଳୀ ରହିଛି । ଆଁ ହଜ୍‌ରତ୍ ସ:ଆ:ସ ଏ ଶିକ୍ଷା ଦେଇଛନ୍ତି କି ଯେବେ ପ୍ରତିରକ୍ଷା ମୂଳକ ଯୁଦ୍ଧ ମଧ୍ୟ ତୁମକୁ କରିବାକୁ ପଡ଼େ ତେବେ ପୁଣି ମଧ୍ୟ ମହିଳା, ପିଲା, ବୁଢ଼ା ଓ ଧର୍ମୀୟ ନେତାମାନଙ୍କୁ ମାରିବ ନାହିଁ । କୌଣସି ନିରୀହ ବ୍ୟକ୍ତିଙ୍କୁ ମାରିବ ନାହିଁ । ତେଣୁ ଏହା ହେଉଛି ଇସ୍‌ଲାମ୍‌ର ଶିକ୍ଷା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଆଇ. ଏସ୍ ଯେଉଁ ଆକ୍ରମଣ କରୁଛି ସେମାନଙ୍କର ଇସ୍‌ଲାମ୍‌ର ଶିକ୍ଷା ସହିତ କୌଣସି ସମ୍ପର୍କ ନାହିଁ । ସେ ଯାହା କିଛି କରୁଛନ୍ତି ସମ୍ପୂର୍ଣ୍ଣ ଭୁଲ୍ କରୁଛନ୍ତି । ମୁଁ ନିଜ ଇଂଟରଭ୍ୟୁ ଓ ଅଭିଭାଷଣରେ ଏ ବିଷୟରେ ବହୁତ ବ୍ୟାପକ ରୂପେ ଚର୍ଚ୍ଚା କରିସାରିଛି ।

ଜର୍ନାଲିଷ୍ଟ୍ ଜଣକ ଆଉଗୋଟିଏ ପ୍ରଶ୍ନ ପଚାରିଲେ କି ଆଇ.ଏସ୍ ବିଭିନ୍ନ ଦେଶରେ ଯେଉଁ କାରବାଇ କରୁଅଛି ସେଥିପାଇଁ ଜାପାନ୍‌ରେ ଇସ୍‌ଲାମ୍‌ର ଚେହେରା ବିଯୁକ୍ତାତ୍ମକ ଦୃଷ୍ଟିଗୋଚର ହେଉଛି ।

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି କେବଳ ଜାପାନ୍‌ରେ ନୁହେଁ ବରଂ ଆଇ.ଏସ୍‌ର କାର୍ଯ୍ୟକଳାପ ଯୋଗୁ ସାରା ଦୁନିଆରେ ଇସ୍‌ଲାମ୍‌ର ଇମେଜ୍ ଖରାପ ହୋଇଯାଇଛି ।

ଜାପାନ୍‌ର ଦୁଇଜଣ ଜର୍ନାଲିଷ୍ଟ୍‌ଙ୍କୁ ସେମାନେ ମାରିଦେଇଛନ୍ତି । ତେଣୁ ଜାପାନୀ ଲୋକମାନଙ୍କୁ ଏହାଦ୍ୱାରା ବହୁତ ଦୁଃଖ ପହଂଚିଛି । ସେମାନଙ୍କର ଏହି ଦୁଃଖକୁ ମୁଁ ଅନୁଭବ କରିପାରୁଛି ।

ଆମେ ଅହେମଦୀମାନେ ଇସ୍‌ଲାମ୍‌ର ସେହି ଖରାପ ଇମେଜ୍‌କୁ ଦୂର କରିବା ପାଇଁ ଚେଷ୍ଟା କରୁଅଛୁ । ଇସ୍‌ଲାମ୍‌ର ସଚ୍ଚା ଓ ବାସ୍ତବିକ ଶିକ୍ଷାକୁ ବତାଇ ଆମେ ଇସ୍‌ଲାମ୍‌ର ସୁନ୍ଦର ଚେହେରାକୁ ସାରା ଦୁନିଆରେ ଦେଖାଉଛୁ ।

ପବିତ୍ର କୋରାନ୍ ଏ କଥାକୁ କଦାପି ଅନୁମତି ଦିଏନାହିଁ କି ନିରୀହ ଲୋକଙ୍କୁ ମାର, ମହିଳା ଓ ପିଲାମାନଙ୍କୁ ମାର ବୋଲି । ପବିତ୍ର କୋରାନ୍ ଏହା ମଧ୍ୟ ଶିକ୍ଷା ଦେଇଛି କି ଧାର୍ମିକ ସ୍ଥଳୀଗୁଡିକ ଧ୍ୱଂସ କରନାହିଁ । ଆଁ ହଜ୍‌ରତ୍ ସ:ଆ:ସ, ଖୋଲୋଫାଏ ରାଶେଦିନ୍ ଏବଂ ପରବର୍ତୀ ସର୍ମୟରେ ଯେଉଁ ସମ୍ରାଟ୍‌ମାନେ ଆସିଥିଲେ ସେ ସମୟରେ କଦାପି ଏପରି ହୋଇନାହିଁ କି ଧାର୍ମିକ ସ୍ଥଳ ଓ ପୀଠ ଗୁଡିକୁ କେବେ ନଷ୍ଟ କରାଯାଇଥିବ । ଏବେ ଯାହାକିଛି ହେଉଅଛି ଏବଂ ଧାର୍ମିକ ସ୍ଥଳୀଗୁଡିକୁ ଧ୍ୱଂସ କରାଯାଉଛି ଏହାସବୁ ଇସ୍‌ଲାମ୍ ଶିକ୍ଷାର ବିରୋଧ ହେଉଅଛି ଓ ମୁଁ ଏହିସବୁ କାର୍ଯ୍ୟଗୁଡିକୁ ବହୁତ ଲମ୍ୱା ସମୟରୁ Condemn କରୁଅଛି ଏବଂ ଦୁନିଆକୁ ବତାଉଛି କି ଯଦି ଏହାକୁ ଏବେ ନ ରୋକାଗଲା ତେବେ ଆଗକୁ ଏ ମାମଲା ବଢ଼ି ଚାଲିବ । ପୁଣି ଏହାର କିଛି ସୀମା ରହିବ ନାହିଁ ।

ଜର୍ନାଲିଷ୍ଟ୍ ଜଣକ କହିଲେ କି ହଜୁର୍ ଅନୁଓ୍ୱର୍‌ଙ୍କ ପିସ୍ ସିମ୍ପୋଜିୟମ୍ (Peace Symposium) ୨୦୧୪ ରେ ଯେଉଁ ଅଭିଭାଷଣ ଦେଇଥିଲେ ମୁଁ ତାକୁ ଶୁଣିଛି । ହଜୁର୍ ଅନୁଓ୍ୱର୍ କହିଥିଲେ କି ଯେଉଁ ବଡବଡ ଦେଶଗୁଡିକ ଏହି ସଂଗଠନ ଗୁଡିକୁ ସପୋର୍ଟ୍ କରୁଛନ୍ତି କି ସେମାନେ ତାଙ୍କର ଫଣ୍ଡିଂକୁ ଶେଷ କରନ୍ତୁ ଓ ସେମାନଙ୍କୁ ଯେଉଁ ଅସ୍ତ୍ରଶସ୍ତ୍ର ସପ୍ଲାଇ କରୁଛନ୍ତି ସେ ସପ୍ଲାଇକୁ ରୋକନ୍ତୁ । ଏହା ବହୁତ ଉତମ ମାଧ୍ୟମ ସନ୍ତ୍ରାସବାଦ ଆକ୍ରମଣରୁ ବଂଚିବା ପାଇଁ । ମୁଁ ଏ କଥାକୁ ବୁଝିସାରିଛି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି କେବଳ ୨୦୧୪ ମସିହାରେ ନୁହେଁ ବରଂ ତା ପୂର୍ବରୁ ମଧ୍ୟ ଓ ପରେ ମଧ୍ୟ ଅନେକ ଅବସରରେ ମୁଁ ଏକଥା କହିସାରିଛି କି ସେମାନଙ୍କ ଫଣ୍ଡିଂକୁ ଶେଷ କରିଦିଅ । ଯଦି ରୁଷିଆ, ଇରାନ୍ ଏବଂ ଅନ୍ୟ ଦେଶଗୁଡିକ ଉପରେ ପ୍ରତିବନ୍ଧ ଲଗାଇପାରୁଛ ତେବେ ଏମାନଙ୍କ ଉପରେ କାହିଁକି ଲଗାଯାଇପାରିବ ନାହିଁ । ଏମାନଙ୍କ ଇକୋନୋମି ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଇ ଦିଆଯାଇପାରେ । ପ୍ରତିବନ୍ଧକ ଲଗାନ୍ତୁ ଓ ଫଣ୍ଡିଂକୁ ରୋକନ୍ତୁ । ସେମାନଙ୍କ ସହିତ ଯେଉଁ ତେଲ ବେପାର କରାଯାଉଛି ବ୍ୟାଙ୍କ୍ ଜରିଆରେ ବା ଅନ୍ୟ କୌଣସି ମାଧ୍ୟମରେ ଟଙ୍କା ପଠାଯାଉଛି ତାକୁ ରୋକନ୍ତୁ ଏବଂ ଏହିପରି ସେମାନଙ୍କ ପାଖକୁ ଯେଉଁ ଅସ୍ତ୍ରଶସ୍ତ୍ର ସପ୍ଲାଇ କରାଯାଉଛି ସେହି ସପ୍ଲାଇ ଲାଇନ୍‌କୁ କାଟନ୍ତୁ ଓ ଅସ୍ତ୍ରଶସ୍ତ୍ର ପଠାନ୍ତୁ ନାହିଁ । ସେମାନଙ୍କ ପାଖରେ ଅସ୍ତ୍ରଶସ୍ତ୍ର ବନାଇବା ପାଇଁ କୌଣସି ଇଣ୍ଡଷ୍ଟ୍ରି ନାହିଁ । ତେଣୁ ଯେଉଁ ସ୍ଥାନରୁ ସେମାନଙ୍କୁ ଅସ୍ତ୍ରଶସ୍ତ୍ର ଦେବାପାଇଁ କାରବାଇ କରାଯାଉଛି ସେଗୁଡିକୁ ରୋକନ୍ତୁ ଓ ବଡ଼ବଡ଼ ଶକ୍ତି (ଅର୍ଥାତ୍ ରାଷ୍ଟ୍ର) ସେମାନଙ୍କର ଏହି ସପ୍ଲାଇ ଲାଇନ୍‌କୁ କାଟିପାରିବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆଇ.ଏସ୍ ଏରିଆରେ ଯେଉଁ ତେଲର ସୋର୍ସ୍ ରହିଛି ଯେଉଁଠାରୁ ଏମାନେ ଅନ୍ୟ ଦେଶଗୁଡିକୁ ତେଲ ସପ୍ଲାଇ କରୁଛନ୍ତି ବଡ଼ ବଡ଼ ଟ୍ୟାଙ୍କର୍ ମାଧ୍ୟମରେ ତେଲ ସପ୍ଲାଇ କରାଯାଉଛି କୁହାଯାଉଛି କି ତା ଉପରେ ପାଂଚହଜାରରୁ ଅଧିକ ଥର ଆକ୍ରମଣ କରାଯାଇଛି, ଓ ଏହା ମଧ୍ୟ ଠିକ୍ ନୁହେଁ । ପୁଣି କଣ ସେମାନଙ୍କୁ ତେଲ ବିକ୍ରି କରିବା ପାଇଁ ରୋକାଯାଇଛି ? ତେବେ ଏହାର ଅର୍ଥ ହେଉଛି ରାଷ୍ଟ୍ରଗୁଡିକ ଏଥିପ୍ରତି ଗମ୍ଭୀର ନୁହଁନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏବେ ପ୍ୟାରିସ୍ ଘଟଣା ପରେ କିଛି ପଦକ୍ଷେପ ନିଆଯାଇଛି ଓ ସେମାନଙ୍କ ଟାର୍ଗେଟ୍ ଉପରେ ସଫଳତାର ସହିତ ଆକ୍ରମଣ କରାଯାଉଛି । ଏବେ ସେହି ରାଷ୍ଟ୍ରଗୁଡିକ ଗମ୍ଭୀରତାର ସହିତ ଏହି ମାମଲାର ପଦକ୍ଷେପ ନେଉଛନ୍ତି ।

ଟିଭି ଚ୍ୟାନେଲ୍ Chukyo ର ଜର୍ନାଲିଷ୍ଟ୍‌ଙ୍କ ସହିତ ଏହି ଇଂଟରଭ୍ୟୁ ଦିନ ୩ଟା ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ୩:୪୦ ରେ ହୋଟେଲ୍‌କୁ ଫେରିଗଲେ ।

**SANA News Agency ର ପତ୍ରକାରଙ୍କ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ବାର୍ତାଳାପ ।**

ପ୍ରୋଗ୍ରାମ୍ ମୁତାବକ ୬:୪୫ରେ ‘‘ମସ୍‌ଜିଦ୍ ବଇତୁଲ୍ ଅହଦ୍’’ ନିମନ୍ତେ ବାହାରିଲେ ଓ ୭:୧୫ରେ ସେଠି ପହଂଚିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍‌ତରକୁ ଆସିଲେ ।

SANA News Agency ର ଜଣେ ପତ୍ରକାର Michal Penn ସାହେବ୍ ହଜୁର୍ ଅନୁଓ୍ୱର୍‌ଙ୍କ ଇଂଟରଭ୍ୟୁ ନିମନ୍ତେ ସେଠାକୁ ଆସିଥିଲେ ।

ପତ୍ରକାର ଜଣକ ପ୍ରଥମ ପ୍ରଶ୍ନ ପଚାରିଲେ କି ହଜୁର୍ ନିଜ ଖୁତ୍‌ବାଜୁମାରେ କହିଛନ୍ତି କି ଜାପାନ୍‌ରେ ମୁସଲ୍‌ମାନ୍ ମାନେ ସ୍ୱାଧୀନ ରୂପେ ଧାର୍ମିକ କାର୍ଯ୍ୟ କରିପାରିବେ । ଏହି ଉକ୍ତିରେ ହଜୁର୍‌ଙ୍କର କହିବାର ଅର୍ଥ କଣ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ମୁଁ ଅହେମଦୀ ମାନଙ୍କ ପ୍ରସଙ୍ଗରେ ଏକଥା କହିଥିଲି କି ପାକିସ୍ତାନ୍‌ରେ ସେମାନଙ୍କ ଉପରେ ପ୍ରତିବନ୍ଧକ ଲଗାଯାଇଛି । ୯୯ ପ୍ରତିଶତ ଅହେମଦୀ ପାକିସ୍ତାନ୍‌ରେ ଅଛନ୍ତି । ପାକିସ୍ତାନ୍‌ରେ ଆମେ ଆମ ମସ୍‌ଜିଦ୍‌କୁ ମସ୍‌ଜିଦ୍ ବୋଲି କହିପାରୁନାହୁଁ । ଅନ୍ୟ କାହାକୁ ଅସ୍‌ସଲାମୋ ଆଲୈକୁମ୍ କହିପାରୁନାହୁଁ । ଏତଦ୍‌ବ୍ୟତୀତ ଆହୁରି ମଧ୍ୟ ଅନେକ ପ୍ରତିବନ୍ଧକ ରହିଛି । ତେଣୁ ମୁଁ ସେମାନଙ୍କ କହିଲି କି ଏଠି ଜାପାନ୍‌ରେ ତୁମେ ସ୍ୱାଧୀନ । ଏଠାରେ ତୁମ ଉପରେ କୌଣସି ପ୍ରତିବନ୍ଧକ ନାହିଁ । ସେଇଥିପାଇଁ ତୁମେ ଇଶ୍ୱରଙ୍କୁ ଧନ୍ୟବାଦ ଜଣାଓ କି ଇଶ୍ୱର ତୁମକୁ ସ୍ୱାଧୀନତା ପ୍ରଦାନ କରିଛନ୍ତି । ତୁମେ ଯେପରି ଚାହିଁବ ନିଜ ଧର୍ମ ଉପରେ, ନିଜ ଦୀନ୍ ଉପରେ ଅମଳ କରିପାରିବ ।

ପତ୍ରକାର ଜଣକ ପ୍ରଶ୍ନ କଲେ କି ଏଠାରେ ଅହେମଦୀ କମ୍ୟୁନିଟିର ସଂଖ୍ୟା କମ୍ ଅଛି । ବୋଧ ହୁଏ ୩୦୦ ପାଖାପାଖି । ଆପଣ ଆସନ୍ତା ୧୦-୨୦ ବର୍ଷରେ ଏହାକୁ କିପରି ଦେଖିବେ ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁବର୍ ଅ:ବ:ଅ କହିଲେ- ଆମେ ଗୋଟିଏ ମିଶିନାରୀ ଅର୍‌ଗାନାଇଜେସନ୍ ଓ ଲଗାତାର ବଢୁଥିବା କମ୍ୟୁନିଟି । ଯେବେ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ ୧୮୮୯ ମସିହାରେ ଦାବୀ କଲେ ସେ ସମୟରେ ଆପଣ ଆ:ସ ଏକୁଟିଆ ଥିଲେ ଏବଂ ପଞ୍ଜାବ୍ (ଇଣ୍ଡିଆ)ରେ କାଦିଆନ୍‌ପରି ଛୋଟିଆ ଗ୍ରାମରେ ରହୁଥିଲେ । ୧୯୦୮ ମସିହାରେ ଆପଣ ଆ:ସଙ୍କର ଦେହାନ୍ତ ହେଲା । ଯେବେ ଆପଣଙ୍କ ଦେହାନ୍ତ ହେଲା ସେତେବେଳେ ଆପଣଙ୍କ ଅନୁଗାମୀ ମାନଙ୍କ ସଂଖ୍ୟା ଅଧମିଲିୟନ୍ ଥିଲା । ଏବେ ଯଦି ଜଣେ ଲୋକ ୧୯ ବର୍ଷରେ ଅଧମିଲିୟନ୍ ପର୍ଯ୍ୟନ୍ତ ପହଂଚିଗଲା ତେବେ ଆମେ ଏ ଆଶା ରଖିଛୁ କି ଏଠାରେ ମଧ୍ୟ ଆମେ ସଫଳ ହେବୁ । ଆମର କାମ ହେଉଛି ତବ୍‌ଲିଗ୍ କରିବା, ହୃଦୟ ପରିବର୍ତନ କରିବା ଆମର କାମ ନୁହେଁ, ଏହା ଇଶ୍ୱରଙ୍କର କାର୍ଯ୍ୟ ଅଟେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଜାପାନୀ ଲୋକେ ହେଉଛନ୍ତି ବହୁତ ଭଲ । ସଚ୍ଚା ଧର୍ମ ଓ ସତ୍ ଶିକ୍ଷା ସେମାନଙ୍କ ହୃଦୟକୁ ବଦଳାଇଦେବ । ଦିନେ ନା ଦିନେ ଏମାନେ ନୁହେଁ ତ ଏମାନଙ୍କର ଜେନେରେସନ୍ ଗ୍ରହଣ କରିବେ ଓ ଦିନେ ନା ଦିନେ ଏହି ଲୋକମାନେ ଇନ୍‌ଶାଅଲ୍ଲାଃ Realise କରିବେ ଓ ମୋର ଏ ଆଶା ଅଛି କି ଆମେ ଦିନେ ନା ଦିନେ ସଫଳ ହେବୁ ।

ପତ୍ରକାର ଜଣକ ପଚାରିଲେ କି ଏହି ମସ୍‌ଜିଦ୍ ନିର୍ମାଣ ପ୍ରସଙ୍ଗରେ ଆପଣ କଣ କହିବେ ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଏହି ମସ୍‌ଜିଦ୍‌ଟି ଆମପାଇଁ ଉନ୍ନତିର ଏକ ମାଇଲ୍ ଖୁଂଟ ଅଟେ । ଏହା ହେଉଛି ଆମର ପ୍ରଥମ ମସ୍‌ଜିଦ୍ ଓ ଜାପାନରେ ଯେତିକି ଯେତିକି ଆମ କମ୍ୟୁନିଟି ବଢ଼ିବ ଆମେ ଆହୁରି ମସ୍‌ଜିଦ୍ ନିର୍ମାଣ ମଧ୍ୟ କରିବୁ । ଆମର ଏହି ମସ୍‌ଜିଦ୍‌ରୁ ସହିଷ୍ଣୁତା, ଭାଇଚାରା ଏବଂ ଶାନ୍ତିର ବାର୍ତା ପ୍ରଚାର ପ୍ରସାର ହେବ ।

ପତ୍ରକାର ଜଣକ ଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଅନ୍ୟ ମୁସଲ୍‌ମାନଙ୍କ ଏ ଅକିଦା (ବିଶ୍ୱାସ) ଅଛି କି ଇଶ୍ୱର ବର୍ତମାନ ବାର୍ତାଳାପ କରୁନାହାଁନ୍ତି । କିନ୍ତୁ ଆମେ କହୁଛୁ କି ଇଶ୍ୱର ସେହିଭଳି ବାର୍ତାଳାପ କରୁଛି ଯେପରି ପୂର୍ବରୁ କରୁଥିଲା । ଆପଣ ଇଶ୍ୱରଙ୍କ ବିଶେଷ ଗୁଣଗୁଡିକ ଉପରେ ପ୍ରତିବନ୍ଧକ ଲଗାଇପାରିବେ ନାହିଁ କି ସେ ପ୍ରଥମେ ଅମୁକ ଅମୁକ କରୁଥିଲା ଓ ଏବେ ତାହା କରିପାରୁନାହିଁ ବୋଲି । ଏହା ଠିକ୍ ନୁହେଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଆମର ଏ ବିଶ୍ୱାସ ଅଛି କି ଓ୍ୱହି (ସ୍ୱର୍ଗବାଣୀ)ର ଦ୍ୱାର ଉନ୍ମୁକ୍ତ ରହିଛି । ଇଶ୍ୱର ନିଜ ଭକ୍ତଙ୍କ ସହିତ କଥା ହେଉଛନ୍ତି ଯଦି ଇଶ୍ୱର ନିଜ ଭକ୍ତଙ୍କ ସହିତ ବାର୍ତାଳାପ କରୁନାହିଁ ତେବେ ତାହା ହେଉଛି ଏକ ମୃତ ଧର୍ମ । ଆପଣଙ୍କ ଧର୍ମ ହିଁ ଶେଷ ହୋଇଯାଉଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଇଶ୍ୱର ଧର୍ମକୁ ପୁନର୍ଜୀବୀତ କରିବା ପାଇଁ ଅମ୍ବୟା (ଅବତାରମାନ)ଙ୍କୁ ପ୍ରେରଣ

କରିଥାଏ । ଆଁ ହଜରତ୍ ସ:ଆ:ସ ମଧ ଏହି ଭବିଷ୍ୟବାଣୀ କରିଥିଲେ କି ଇସ୍‌ଲାମ୍ ଉପରେ ଗୋଟିଏ ଏପରି ସମୟ ମଧ ଆସିବ କି ଇସ୍‌ଲାମ୍‌ର କେବଳ ନାମ ବାକି ରହିଯିବ ଓ ଏହା ମଧ କହିଥିଲେ କି ଯେବେ ଏପରି ଯୁଗ ଆସିବ ତେବେ ଅଲ୍ଲାଃତାଲା ମୁସଲମାନଙ୍କ ହିଦାୟତ୍ ନିମନ୍ତେ ମସିହ୍ ମଉଦ୍ ଓ ମେହ୍‌ଦୀ ଆ:ସଙ୍କୁ ପ୍ରେରଣ କରିବେ । ଏହା ଆମେ ମାନୁଛୁ କି ଯେଉଁ ଯୁଗ ସମ୍ବନ୍ଧରେ ଉକ୍ତ ପେଶ୍‌ଗୋଇ କରିଥିଲେ କି ଇସ୍‌ଲାମ୍ ଉପରେ ଯେଉଁ ସଙ୍କଟର ଯୁଗ ଆସିବାର ଥିଲା ତାହା ଆସି ସାରିଛି ଓ ଆମେ ବିଶ୍ୱାସ ରଖିଛୁ କି ଯେଉଁ ମସିହ୍ ମଉଦ୍ ଓ ଇମାମ୍ ମେହ୍‌ଦୀ ଆ:ସ ଇସ୍‌ଲାମ୍‌ର ଦ୍ୱିତୀୟ ଅବଧି ପାଇଁ ଆସିବାର ଥିଲା ସେ ମଧ ଆସିସାରିଛନ୍ତି । ଆମ ନିକଟରେ ହଜରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସ ହିଁ ହେଉଛନ୍ତି ସେହି ଇମାମ୍ ମେହ୍‌ଦୀ ଓ ମସିହ୍ ମଉଦ୍, ଯାହାଙ୍କ ଖବର ଆଁ ହଜରତ୍ ସ:ଆ:ସ ନିଜ ଭବିଷ୍ୟବାଣୀରେ ଦେଇଥିଲେ । ଆପଣ ଆ:ସ ଇଶ୍ୱରଙ୍କଠାରୁ ଖବର ପାଇଁ ଏ ଘୋଷଣା କଲେ କି ମୁଁ ଇସ୍‌ଲାମ୍‌କୁ ପୁନର୍ଜିବୀତ କରିବା ପାଇଁ ଆସିଛି ଓ ଇସ୍‌ଲାମ୍‌ର ସଚ୍ଚା ଓ ବାସ୍ତବିକ ଶିକ୍ଷାକୁ ପ୍ରସାର କରିବା ପାଇଁ ଆସିଅଛି । ପବିତ୍ର କୋରାନ୍‌ର ଶିକ୍ଷାକୁ ପ୍ରସାର କରିବା ପାଇଁ ଆସିଛି ଓ ମୁସଲମାନ ମାନଙ୍କ ଭିତରେ ଯେଉଁ ଭୁଲ୍ ପ୍ରଥା ସୃଷ୍ଟି ହୋଇ ଧର୍ମରୁ ଦୂରେଇ ଦେବାର କାରଣ ହୋଇସାରିଛି ସେଗୁଡିକର ସଂସ୍କାର ନିମନ୍ତେ ଆସିଅଛି । ତୁମ ଭୁଲ୍ ଗୁଡିକର ଇସ୍‌ଲାହ୍ କରିବା ନିମନ୍ତେ ଆସିଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସୁତରାଂ ଯଦି କୌଣସି ଧର୍ମ ଏପରି ଇଶ୍ୱରଙ୍କୁ ଜାଣୁଛି ବା ଉପସ୍ଥାପନ କରୁଛି ଯିଏ ବାର୍ତାଳାପ କରୁନାହିଁ ତେବେ ସେହି ଧର୍ମ ହେଉଛି ମୃତ ।

ଜର୍ନାଲିଷ୍ଟ୍ ଜଣକ ପ୍ରଶ୍ନ ପଚାରିଲେ କି କିଛି ଚରମପନ୍ଥୀ ଲୋକେ ଇସ୍‌ଲାମ୍‌ର ନାମକୁ ବ୍ୟବହାର କରି ସନ୍ତ୍ରାସବାଦ କାର୍ଯ୍ୟକଳାପ କରୁଛନ୍ତି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଯେଉଁ ଲୋକମାନେ ଇସ୍‌ଲାମ୍ ନାମକୁ ବ୍ୟବହାର କରି ଇସ୍‌ଲାମ୍‌କୁ ବଦ୍‌ନାମ କରୁଛନ୍ତି ସେମାନଙ୍କର ସେହି କାର୍ଯ୍ୟଗୁଡିକର ଇସ୍‌ଲାମ୍‌ର ଶିକ୍ଷା ସହିତ କୌଣସି ସମ୍ପର୍କ ନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ହଜରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ଆଗମନର ଉଦ୍ଦେଶ୍ୟ ଏହା ଥିଲା କି ଇସ୍‌ଲାମ୍‌କୁ ନୂତନ ରୂପେ ଜିବୀତ କରିବେ । ଆପଣ ଆ:ସ କହିଲେ କି ମୁଁ ଏଇଥିପାଇଁ ଆସିଛି କି ମଖ୍‌ଲୁକ୍ (ସୃଷ୍ଟଜ ପ୍ରାଣୀ ବିଶେଷ ରୂପେ ମାନବଜାତି) ନିଜ ଇଶ୍ୱରଙ୍କୁ ଚିହ୍ନୁ ଓ ତାର ଅଧିକାର ଗୁଡିକ ପ୍ରଦାନ କରୁ । ସେହିପରି ଜଣେ ମନୁଷ୍ୟ ଆଉଜଣେ ମନୁଷ୍ୟର ଅଧିକାରକୁ ପ୍ରଦାନ କରୁ । ଆପଣ ଆ:ସ କହିଲେ କି ମୁଁ ଇସ୍‌ଲାମ୍‌ର ସଚ୍ଚା ଓ ବାସ୍ତବିକ୍ ଶିକ୍ଷାଗୁଡିକୁ ବତାଇବା ପାଇଁ ଆସିଛି ଓ ଭୁଲ୍ ପ୍ରଥାଗୁଡିକୁ ସୁଧାରିବା ପାଇଁ ଆସିଛି । ସୁତରାଂ ଜମାତ୍ ଅହେମଦୀୟା ଅନବରତ ଇସ୍‌ଲାମ୍‌ର ଅସଲ ଓ ବାସ୍ତବିକ ଶିକ୍ଷାକୁ ଦୁନିଆ ସମ୍ମୁଖରେ ଉପସ୍ଥାପନ କରିଚାଲିଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ମୁଁ ନିଜର ବିଭିନ୍ନ ଅଭିଭାଷଣରେ ପବିତ୍ର କୋରାନ୍‌ରୁ ଅନେକ ଆୟତ ଉପସ୍ଥାପନ କରିଛି, ଯାହା ଏହି ଚରମପନ୍ଥୀ କାର୍ଯ୍ୟକଳାପକୁ ଓ ବୟାନ୍‌କୁ ଭୁଲ୍ ପ୍ରମାଣିତ କରୁଅଛି ଏବଂ ଏହା ପ୍ରକାଶ କରୁଥି କି ସେମାନଙ୍କର କାର୍ଯ୍ୟକଳାପ ହେଉଛି ଇସ୍‌ଲାମୀୟ ଶିକ୍ଷାର ବିରୋଧ ।

*ଏହି ଇଂଟରଭ୍ୟୁ ୮ଟା ପର୍ଯ୍ୟନ୍ତ ଜାରି ରହିଲା ।*

**ଜଣକିଆ ଓ ଫ୍ୟାମିଲି ସାକ୍ଷାତ୍‌କାର୍**

ଏହାପରେ ପ୍ରୋଗ୍ରାମ୍ ମୁତାବକ ବାହାର ଦେଶଗୁଡିକରୁ ଆସିଥିବା ଲୋକମାନଙ୍କ ସହିତ ସାକ୍ଷାତ୍‌କାର୍ ହେଲା । ଆଜି ସାକ୍ଷାତ୍ କରିବାକୁ ଆସିଥିବା ସଦସ୍ୟମାନେ ଦୁବାଇ, ସାଉଦ୍ଦୀ, ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ, କୋରିଆ ଏବଂ ଆମେରିକା ଦେଶରୁ ଆସିଥିଲେ ।

ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ୯:୪୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ମସ୍‌ଜିଦ୍‌ରେ ପହଂଚି ନମାଜ ମଗ୍‌ରିବ୍ ଏବଂ ଇସା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସ ସ୍ଥଳୀକୁ ଚାଲିଗଲେ ।

**ନମାଜ ଜୁମା ଅବସରରେ ସାମିଲ୍ ହୋଇଥିବା ଅତିଥିମାନଙ୍କର ମନୋଭାବ**

ଆଜି ମସ୍‌ଜିଦ୍ ଉଦ୍‌ଘାଟନର ଫଳକ ଉନ୍ମୋଚନ ଉତ୍ସବ ଏବଂ ନମାଜ ଜୁମା ଅବସରରେ ଶଂଟୋଇଜିମ୍, ବୁଦ୍ଧିଷ୍ଟ୍ ଏବଂ ଇସାଇ ଧର୍ମଯାଜକ ବ୍ୟତୀତ ପାର୍ଲିଆମେଂଟ୍ ମେମ୍ବର ଓ ଅନ୍ୟାନ୍ୟ ଜାପାନୀ ଅତିଥିଗଣ ସାମିଲ୍ ହୋଇଥିଲେ । ଏହି ଜାପାନୀ ଅତିଥିମାନଙ୍କର ସଂଖ୍ୟା ୪୯ ଥିଲା । ଏମାନଙ୍କ ବ୍ୟତୀତ ତୁର୍କୀ ଓ ଶ୍ରୀଲଙ୍କା ସହିତ ସମ୍ପର୍କ ରଖିଥିବା ୧୨ଜଣ ଅଣ ଜମାତ ସଦସ୍ୟ ମଧ ସାମିଲ୍ ହୋଇଥିଲେ । ସେମାନଙ୍କ ମଧ୍ୟରୁ କିଛି ଅତିଥି ଏହି ଉତ୍ସବ ପ୍ରସଙ୍ଗରେ ନିଜର ମନୋଭାବକୁ ପ୍ରକାଶ କରିଛନ୍ତି ।

Osamu Sikiguchi ସାହେବ୍ ଯିଏ ଚର୍ଚ୍ଚ ଅଫ୍ Jesus Christ ର ଡିରେକ୍ଟର୍ ଅଫ୍ ପବ୍ଲିକ୍ ଆଫେୟାରସ୍ ଅଛନ୍ତି, ସେ ନିଜ ମନୋଭାବକୁ ବ୍ୟକ୍ତ କରି କହିଲେ- ଜମାତ୍ ଅହେମଦୀୟା ଜାପାନ୍‌କୁ ଏହି ମସ୍‌ଜିଦ୍ ମୁବାରକ୍ ହେଉ । ଆମେ ଆଶା ରଖିଛୁ କି ଏହି ମସ୍‌ଜିଦ୍‌ଟି ଜାପାନୀମାନଙ୍କ ମଧ୍ୟରେ ଓ ଇସ୍‌ଲାମ୍ ମଧ୍ୟରେ ଗୋଟିଏ ପୋଲର କାର୍ଯ୍ୟ ବହନ କରିବ ।

Taijun Sato ସାହେବ ଯିଏ ହେଉଛନ୍ତି Soto Zen Temple ର resident priest । ସେ କହିଲେ ଜଣେ ବୁଦ୍ଧିଷ୍ଟ୍ ହିସାବରେ ମସ୍‌ଜିଦ୍‌ରେ ପ୍ରବେଶ କରି ବହୁତ ଭଲ ଲାଗିଲା । ଆମର ତ ଏ ଭାବନା ଥିଲା କି ଅଣ ମୁସ୍‌ଲିମ୍ ଓ ବୁଦ୍ଧିଷ୍ଟ୍‌ମାନଙ୍କୁ ମସ୍‌ଜିଦ୍ ଭିତରେ ପ୍ରବେଶ କରିବା ବୋଧହୁଏ ମନାଥିବ । କିନ୍ତୁ ନା କେବଳ ଏଠାରେ ଆମର ଭବ୍ୟ ସ୍ୱାଗତ କରାଗଲା ବରଂ ନମାଜ ଏବଂ ଖୁତ୍‌ବାରେ ଆମେ ସାମିଲ୍ ହୋଇଥିବାରୁ ବହୁତ ଆନନ୍ଦିତ ଓ ଇସ୍‌ଲାମ୍ ସମ୍ବନ୍ଧରେ ଆମର ମନୋଭାବ ପରିବର୍ତନ ହୋଇଗଲା ।

Nagakute ସିଟିର ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Yamazaki Akihisa ସାହେବ୍ ନିଜର ମନୋଭାବକୁ ପ୍ରକାଶ କରି କହିଲେ ଆମେ ଆମ ଇଲାକାରେ ମସ୍‌ଜିଦ୍ ନିର୍ମାଣ ହେବାକୁ ସ୍ୱାଗତ ଜଣାଉଛୁ ଏବଂ ଆମେ ଏହା ଆଶା ରଖିଛୁ କି ଜମାତ୍ ଅହେମଦୀୟାର କାର୍ଯ୍ୟାବଳୀ ମୁତାବକ ଏହି ମସ୍‌ଜିଦ୍‌ଟି ମାନବ ଜାତି ସହିତ ପ୍ରେମ ଓ ମାନବସେବା ଉପରେ ବିଶ୍ୱାସ ରଖୁଥିବା ଲୋକମାନଙ୍କ କେନ୍ଦ୍ରସ୍ଥଳୀ ହେବ ।

Ishinomaki ସିଟିର ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Shouji Yoshiaki ସାହେବ ନିଜ ମନୋଭାବକୁ ବ୍ୟକ୍ତ କରି କହିଲେ ମୁଁ ଏକହଜାର କି.ମି ରାସ୍ତା ଅତିକ୍ରମ କରି ଏହି ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବରେ ସାମିଲ୍ ହୋଇଛି । ଏକ ସୁନ୍ଦର ମସ୍‌ଜିଦ୍‌କୁ ଦେଖି ସବୁ ପ୍ରକାରର ଥକ୍କାପଣ ଦୁର ହୋଇଗଲା ।

ସେ ପୁଣି କହିଲେ- ଜମାତ୍ ଅହେମଦୀୟା ଜାପାନ୍ ଭୂମିକମ୍ପ ସମୟରେ ସେବା କରି ଯେଉଁ ସୁନାମ ଅର୍ଜନ କରିଛି ଆଶା ରଖିଛି କି ଏହି ମସ୍‌ଜିଦ୍‌ଟି ସେହି ସୁନାମକୁ ଆହୁରି ଅଧିକ ବଢ଼ାଇବାର ମାଧମ ହେବ ।

Aichi Educational University ର ପ୍ରଫେସର୍ Minesaki Hiroko ସାହେବ ନିଜ ଭାବନାକୁ ବ୍ୟକ୍ତ କରି କହିଲେ- ଜାପାନ୍‌ରେ ଜମାତ୍ ଅହେମଦୀୟାର ମସ୍‌ଜିଦ୍ ନିର୍ମାଣ ହେବା ଅତ୍ୟନ୍ତ ଜରୁରୀ ଥିଲା । ଏ ଦୁନିଆରେ ଇସ୍‌ଲାମ୍‌ର ସୁନ୍ଦର ଚେହେରା ଦେଖାଇବା ପାଇଁ ଜମାତ୍ ଅହେମଦୀୟାର କାର୍ଯ୍ୟକଳାପ ବହୁତ ଭିନ୍ନ । ଆମେ ଆଶା ରଖିଛୁ କି ଏହି ମସ୍‌ଜିଦ୍‌ରୁ ଜମାତ୍‌ର ପରିଚୟ ଆହୁରି ଅଧିକ ବଢ଼ିବ ଓ ଦୁନିଆରେ ବାସ୍ତବିକ ଶାନ୍ତି ଓ ସୌହାର୍ଦ୍ଧ୍ୟ ପ୍ରସାର କରିବ ।

**ପ୍ରେସ୍ ଏବଂ ମିଡ଼ିଆରେ କଭ୍‌ରେଜ୍**

ଆଜି ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ଅବସରରେ ନିମ୍ନଲିଖିତ ପାଂଚଗୋଟି ଟି.ଭି ଚ୍ୟାନେଲ୍ କଭ୍‌ରେଜ୍ ଦେବାପାଇଁ ଆସିଥିଲେ- Chukyo TV, Tokai TV, TBS TV, Nagoya TV, Aichi TV ଏମାନଙ୍କ କଭରେଜ୍‌ର ସଂକ୍ଷିପ୍ତ ବିବରଣୀ ନିମ୍ନରେ ଦିଆଗଲା ।

Chukyo TV :- ଏହାକୁ ଦେଖୁଥିବା ଲୋକମାନଙ୍କର ସଂଖ୍ୟା ହେଉଛି ଏକକୋଟି କୋଡିଓ ଲକ୍ଷ୍ୟ । ଏହି ଚ୍ୟାନେଲ୍ ଜୁମା ଦିନର ସନ୍ଧ୍ୟାବେଳେ ନିଜ ପ୍ରାଇମ୍ ଟାଇମ୍‌ରେ ୬ ରୁ ୭ ମିନିଟ୍ ଖବର ପ୍ରସାରଣ କରି ବତାଇଲା କି:-

ଜାପାନ୍‌ର ସବୁଠାରୁ ବଡ଼ ମସ୍‌ଜିଦ୍‌ର ଉଦ୍‌ଘାଟନ ଆଜି କରାଗଲା । ଲଣ୍ଡନ୍‌ରୁ ଆସିଥିବା ଜମାତ୍ ଅହେମଦୀୟାର ଇମାମ୍ ସନ୍ତ୍ରାସବାଦ୍ ସଂଗଠନ ଗୁଡିକର ଇସ୍‌ଲାମ୍ ସହିତ କୌଣସି ସମ୍ପର୍କ ନାହିଁ, ଏବଂ ସେମାନଙ୍କର କାର୍ଯ୍ୟକଳାପକୁ ଅଣ ଇସ୍‌ଲାମୀୟ ଅଭିହିତ କରି କହିଲେ କି ଏହି ମସ୍‌ଜିଦ୍ ଯେଉଁଠି ମୁସଲମାନ୍ ମାନଙ୍କ ପାଇଁ ହେଉଛି ଉପାସନାର ସ୍ଥଳୀ ସେଠାରେ ଏହା ପ୍ରତ୍ୟେକ ବ୍ୟକ୍ତିଙ୍କ ନିମନ୍ତେ ଶାନ୍ତିକ୍ଷେତ୍ର ଅଟେ । ଇମାମ୍ ଜମାତ୍ ଅହେମଦୀୟା ପ୍ୟାରିସ୍ ଆକ୍ରମଣକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କଲେ । ଏହି ଚ୍ୟାନେଲ୍‌ଟି ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କର ଇଂଟରଭ୍ୟୁ ମଧ ନେଇଥିଲା । ଏହାପରେ ହଜୁର୍ ଅନୁଓ୍ୱର୍‌ଙ୍କ ଇଂଟରଭ୍ୟୁରୁ କିଛି ଅଂଶ ପ୍ରସାରଣ କରାଗଲା ।

Tokai TV:- ଏହି ଟିଭିର ଦର୍ଶକଙ୍କ ସଂଖ୍ୟା ହେଉଛି ଏକକୋଟି କୋଡିଏ ଲକ୍ଷ୍ୟ । ଏହି ଚ୍ୟାନେଲ୍ ଦିନଯାକ ଚାରିପାଂଚଥର ପ୍ରସାରଣ କରି କହିଲା କି –

ଜାପାନର ସବୁଠାରୁ ବଡ଼ ମସ୍‌ଜିଦ୍ ଆଜି ତସୁଶିମା ସହରରେ ଉଦ୍‌ଘାଟନ ହେଲା । ଏହି ଉଦ୍‌ଘାଟନ ପ୍ୟାରିସ୍‌ର ଆକ୍ରମଣ ପରେ ହୋଇଛି । ଯମାତ୍ ଅହେମଦୀୟାର ଇମାମ୍ ସେ ସମୟରେ ଇଂଲଣ୍ଡରୁ ଏଠାକୁ ଏହି ଉତ୍ସବ ନିମନ୍ତେ ଆସିଥିଲେ ।

ଉଦ୍‌ଘାଟନୀ ଖବରରେ ହଜୁର୍ ଅନୁଓ୍ୱର୍‌ଙ୍କ ଖୁତ୍‌ବା ଜୁମା ଓ ଉଦ୍‌ଘାଟନୀ ହେବା ସମୟର ଦୃଶ୍ୟକୁ ଅନବରତ ପ୍ରଦର୍ଶନ କରାଯାଉଥିଲା ।

TBS TV:- ଏହି ଟିଭି ଚ୍ୟାନେଲ୍‌ର ଦର୍ଶକଙ୍କ ସଂଖ୍ୟା ହେଉଛନ୍ତି ଏକକୋଟିରୁ ଅଧିକା । ଏହି ଚ୍ୟାନେଲ୍‌ଟି ଖବର ପ୍ରସାରଣ କରି କହିଲା–

ପ୍ୟାରିସ୍ ଆକ୍ରମଣକୁ ଏପର୍ଯ୍ୟନ୍ତ ଗୋଟିଏ ସପ୍ତାହ ବିତିଛି ଏବଂ ଜାପାନ୍‌ରେ ସବୁଠାରୁ ବଡ଼ ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ଆଜି ହେଉଅଛି । ଏହି ମସ୍‌ଜିଦ୍‌ଟିକୁ ଗୋଟିଏ ଜମାତ୍ ବନାଇଛି ଯାହାର ସଦସ୍ୟ ସାରା ଦୁନିଆରେ କୋଟିକୋଟି ଅଛନ୍ତି । ଖଲିଫତୁଲ୍ ମସିହ୍ ପ୍ୟାରିସ୍‌ରେ ହୋଇଥିବା ଆକ୍ରମଣକୁ ଅଣ ଇସ୍‌ଲାମୀୟ ଓ ଅମାନବିକତା ଅଭିହିତ କରିଛନ୍ତି ।

ଏ ଖବରର ପ୍ରସାରଣ ସମୟରେ ମସ୍‌ଜିଦ୍‌ର ଦୃଶ୍ୟକୁ ପରିଦର୍ଶନ କରାଗଲା ଏବଂ ହଜରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ଫଟୋକୁ ମଧ ଦେଖାଇ ଦିଆଗଲା । ଏହି ଖବରଟିକୁ ଦିନରେ ତିନିଥର ପ୍ରସାରଣ କରାଗଲା ।

Nagoya TV:- ଏହି ଟିଭିର ଦର୍ଶକଙ୍କ ସଂଖ୍ୟା ହେଉଛି ଏକକୋଟି କୋଡିଏ ଲକ୍ଷ୍ୟ । ଏହି ଟିଭି ଚ୍ୟାନେଲ୍‌ଟି ଖବର ପ୍ରସାରଣ କରି କହିଲା–

ତସୁଶିମାରେ ଜାପାନ୍‌ର ସବୁଠାରୁ ବଡ଼ ମସ୍‌ଜିଦ୍ ଉଦ୍‌ଘାଟନ ହୋଇଛି । ଉପସ୍ଥିତ ଥିବା ଲୋକମାନଙ୍କର କହିବାର କଥା କି ଯେଉଁଠି ସେମାନଙ୍କର ହୃଦୟ ଏକଥାରେ ବହୁତ ଆନନ୍ଦିତ କି ଏଠାରେ ମସ୍‌ଜିଦ୍ ନିର୍ମାଣ ହୋଇଛି ବୋଲି । ସେଠାରେ ସେମାନେ ଏକଥାରେ ଦୁଃଖିତ ମଧ କି ପ୍ୟାରିସ୍‌ରେ ଅକାରଣ ରକ୍ତପାତ କରାଗଲା । ଏହି ଉତ୍ସବରେ ଦୁନିଆରେ ଶାନ୍ତି ଓ ସୌହାର୍ଦ୍ଧ୍ୟ ପାଇଁ ନୀରବ ପ୍ରାର୍ଥନା ମଧ କରାଗଲା । ଖବର ପ୍ରସାରଣ ସମୟରେ ମସ୍‌ଜିଦ୍‌ର ଦୃଶ୍ୟକୁ ବାରମ୍ବାର ଦେଖାଇ ଦିଆଯାଉଥିଲା । ଏହି ଖବର ଦୁଇଥର ପ୍ରସାରଣ କରାଗଲା ।

Aichi TV:- ଏହି ଟିଭି ଚ୍ୟାନେଲ୍‌ର

ଦର୍ଶକଙ୍କ ସଂଖ୍ୟା ହେଉଛି ଏକକୋଟି ୧୫ ଲକ୍ଷ୍ୟରୁ ଅଧିକା । ଏହି ଚ୍ୟାନେଲ୍‌ରେ ନିମ୍ନଲିଖିତ କବର ପ୍ରସାରଣ କରାଗଲା ।

ପ୍ୟାରିସ୍ ଆକ୍ରମଣ ପରେ, ଯେବେ କି ଇସ୍‌ଲାମ୍ ସମ୍ବନ୍ଧରେ ବିୟୁକ୍ତାତ୍ମକ ଭାବ ପୁନର୍ବାର ଦୃଢ଼ ହୋଇଯାଇଥିଲା ଏହିପରି ସମୟରେ ତସୁଶିମାଠାରେ ଗୋଟିଏ ମସ୍‌ଜିଦ୍‌କୁ ଉଦ୍‌ଘାଟନ କରାଯାଇଛି । ଏହି ମସ୍‌ଜିଦ୍‌କୁ ଜମାତ୍ ଅହେମଦୀୟା ନିର୍ମାଣ କରିଛି ଓ ଏହା ହେଉଛି ଜାପାନ୍‌ର ସବୁଠାରୁ ବଡ଼ ମସ୍‌ଜିଦ୍ । ଖଲିଫତୁଲ୍ ମସିହ୍ ପ୍ୟାରିସ୍‌ର ଆକ୍ରମଣକୁ ଅଣ ଇସ୍‌ଲାମୀୟ ଅଭିହିତ କରି କହିଲେ କି ଏହି ମସ୍‌ଜିଦ୍ ଏହିପରି ସମସ୍ତ କାର୍ଯ୍ୟକଳାପକୁ ଖଣ୍ଡନ କରୁଅଛି । ଏହି ମସ୍‌ଜିଦ୍ ଶାନ୍ତି ଓ ସୌହାର୍ଦ୍ଦ୍ୟର ମାଧ୍ୟମ ହେବ । ଯେ କେହି ଚାହିଁବ ଏହି ମସ୍‌ଜିଦ୍ ଭିତରକୁ ପ୍ରବେଶ କରିପାରିବ ।

ଏହି ଖବର ପ୍ରସାରଣ ସମୟରେ ମସ୍‌ଜିଦ୍‌ର ଦୃଶ୍ୟ ଓ ଅନ୍ୟ ବ୍ୟକ୍ତି ବିଶେଷଙ୍କ ମନୋଭାବକୁ ପ୍ରଦର୍ଶନ କରାଗଲା । ଏହି ଖବରଟି ଦ୍ୱିପ୍ରହର ସମୟରେ ଓ ସନ୍ଧ୍ୟା ସମୟର ଖବରରେ ପ୍ରସାରଣ କରାଗଲା ।

କେବଳ ଏହି ଟିଭି ଚ୍ୟାନେଲ୍ ଗୁଡିକର କଭରେଜ୍ ଜରିଆରେ ଏକକୋଟି ତିରିଶି ଲକ୍ଷ୍ୟ ଲୋକମାନଙ୍କୁ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଶବ୍ଦରେ ଇସ୍‌ଲାମ୍ ଅହେମଦୀୟତ୍‌ର ବାର୍ତ୍ତା ପହଂଚିଛି । ଯେବେ କି ଜମାତ୍ ଅହେମଦୀୟା ଜାପାନ୍‌ର ୮୦ ବର୍ଷର ଇତିହାସରେ ଏପରି ଘଟଣା ପୂର୍ବରୁ କେବେ ଘଟିନାହିଁ ।

**୨୧ ନଭେମ୍ବର୍ ୨୦୧୫ (ଶନିବାର)**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସକାଳ ୫:୩୦ରେ ମସ୍‌ଜିଦ୍ ବଇତୁଲ୍ ଅହଦ୍‌ଠାରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ସକାଳବେଳା ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍‌ତରି ଡାକ, ଚିଠିପତ୍ର ଏବଂ ରିପୋର୍ଟ୍‌ସ୍ ଇତ୍ୟାଦି ତଦାରଖ କଲେ ଓ ନିଜ ପବିତ୍ର ହସ୍ତରେ ହିଦାୟତ୍ ଲେଖିଲେ ଏବଂ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବିଭିନ୍ନ ଦଫ୍‌ତର୍ କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ୧୨:୪୫ରେ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରି ମସ୍‌ଜିଦ୍ ବଇତୁଲ୍ ଅହଦ୍ ନିମନ୍ତେ ଗସ୍ତ କଲେ । ୧:୧୫ରେ ବଇତୁଲ୍ ଅହଦ୍‌ଠାରେ ପହଂଚିଲେ । ସେଠାରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନମାଜ ଜୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ ।

ନମାଜ ପାଠ ପରେ ପ୍ରୋଗ୍ରାମ୍ ମୁତାବକ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମୋକରମ୍ ସୟଦ୍ ଓ୍ୱଦୁଦ୍ ଜୋନୁଦ୍ ସାହେବ୍ ମୁବଲିଗ୍ ମେଲ୍‌ବର୍ଣ୍ଣ ଅଷ୍ଟ୍ରେଲିଆଙ୍କ ନିକାହ୍‌ର ଘୋଷଣା କଲେ ।

**ଖୁତ୍‌ବା ନିକାହ୍**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ତଶହୁଦ୍ ତଉଜ୍ ଏବଂ ନିକାହ୍‌ର ମସ୍‌ନୁନ୍ ଆୟାତ୍ (ଧାର୍ଯ୍ୟ ହୋଇଥିବା ଆୟତ ଗୁଡିକ) ତିଲାଓ୍ୱତ୍ କରିବା ପରେ କହିଲେ-

ବର୍ତ୍ତମାନ ମୁଁ ଗୋଟିଏ ନିକାହ୍‌ର ଘୋଷଣା କରିବି । ସେ ନିକାହ୍‌ଟି ହେଉଛି ଏପରି ଅଜିଜା ସବା ୟୁରାଲା ବଟ୍ ସାହିବା ସୁପୁତ୍ରୀ ମୋକରମ୍ ଜହୁରୁର୍ ରସୁଲ୍ ବଟ୍ ସାହେବ୍ ସାକିନ୍ ଏଡିଲେଡ୍ ଅଷ୍ଟ୍ରେଲିଆଙ୍କ ନିକାହ୍ ଅଜିଜମ୍ ସୟଦ୍ ଓ୍ୱଦୁଦ୍ ଜୋନୁଦ୍ ସାହେବ୍ ସୁପୁତ୍ର ମୋକରମ୍ ସୟଦ୍ ମେହ୍‌ବୁବ୍ ଜୋନୁଦ୍ ସାହେବ୍‌ଙ୍କ ସହିତ ଧାର୍ଯ୍ୟ କରାଯାଇଛି । ଓ୍ୱଦୁଦ୍ ଜୋନୁଦ୍ ହେଉଛନ୍ତି ଆମର ମୁରବୀ ସିଲ୍‌ସିଲା ଓ କାନାଡାର ଜାମିଆରୁ ପାସ୍ ହୋଇଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଏହି ନିକାହ୍‌ଟି ହେଉଛି ଏହି ମସ୍‌ଜିଦ୍‌ର ପ୍ରଥମ ନିକାହ୍ । କିନ୍ତୁ କେବଳ ଏହାକୁ ଐତିହାସିକ ମର୍ଯ୍ୟାଦା ରୂପେ ମନେ ନରଖନ୍ତୁ । ନିଜ ଦାୟିତ୍ୱ ଗୁଡିକୁ ସର୍ବଦା ମନେରଖନ୍ତୁ । ଜଣେ ମୁରବୀଙ୍କର ବହୁତ ବଡ଼ ଦାୟିତ୍ୱ ରହିଛି । ଜମାତ୍‌ର ତର୍‌ବିୟତ୍ କରିବାର ଦାୟିତ୍ୱ ଓ ପୁଣି ଦୁନିଆକୁ ବାର୍ତ୍ତା ପହଂଚାଇବାର ଦାୟିତ୍ୱ ମଧ୍ୟ ରହିଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ନିକାହ୍ ଅବସରରେ ବାରମ୍ବାର ଉକ୍ତ ଆୟତ ଗୁଡିକରେ ତକ୍‌ଓ୍ୱା ଉପରେ ପରିଚାଳିତ ହେବାପାଇଁ ଧ୍ୟାନ ଆକର୍ଷଣ କରାଯାଇଛି । ସଚାଇ ଗ୍ରହଣ କରିବା ପ୍ରତି ଧ୍ୟାନ ଆକର୍ଷଣ କରାଯାଉଛି । ଜଣେ ଅନ୍ୟଜଣଙ୍କର ବନ୍ଧୁବାନ୍ଧବଙ୍କ ଅଧିକାରକୁ ପ୍ରଦାନ କରିବା ପାଇଁ ଧ୍ୟାନ ଆକର୍ଷଣ କରାଯାଇଛି । ଆସନ୍ତା ଜୀବନ କିପରି ଗଢ଼ି ତୋଳିବେ ସେଥିପ୍ରତି ଧ୍ୟାନ ଆକର୍ଷଣ କରାଯାଇଛି । ଯେଉଁଥିରେ ନିଜ ଜୀବନ, ନିଜ ପିଲାମାନଙ୍କର ଜୀବନ ଓ ସମସ୍ତଙ୍କର ତର୍‌ବିୟତ୍ ସାମିଲ୍ ଅଛି ଓ ମୃତ୍ୟୁ ପରବର୍ତ୍ତୀ ଜୀବନ ମଧ୍ୟ ସାମିଲ୍ ଅଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ତେଣୁ ଏହି ଦୃଷ୍ଟିକୋଣରୁ ଜଣେ ମୁରବୀଙ୍କୁ ସର୍ବଦା ଏକଥା ମନେରଖିବା ଉଚିତ୍ ହେବ କି ତା ଉପରେ ନ୍ୟସ୍ତ କରାଯାଇଥିବା ଦାୟିତ୍ୱ ଗୁଡିକୁ ସାଧାରଣ ଲୋକଙ୍କଠାରୁ ବହୁତ ଅଧିକ । ପ୍ରତ୍ୟେକ ମୁସଲମାନ୍, ଯେଉଁମାନେ ନିକାହ୍ କରୁଛନ୍ତି ସେ ସମସ୍ତେ ଉକ୍ତ ନିର୍ଦ୍ଦେଶାବଳୀ ଗୁଡିକ ଉପରେ ପରିଚାଳିତ ହେବାପାଇଁ ଧ୍ୟାନ ଆକର୍ଷଣ କରାଯାଇଛି କିନ୍ତୁ ଯେଉଁ ବ୍ୟକ୍ତିଙ୍କ ଦାୟିତ୍ୱରେ ଜମାତ୍‌ର ତର୍‌ବିୟତ୍‌ର କାର୍ଯ୍ୟ ନ୍ୟସ୍ତ ହୋଇଛି ଏବଂ ଯାହାଙ୍କ ଦାୟିତ୍ୱରେ ବାର୍ତ୍ତା ପହଂଚାଇବାର କାର୍ଯ୍ୟ ରହିଛି, ତାଙ୍କୁ ଉକ୍ତ ନିର୍ଦ୍ଦେଶାବଳୀ ଗୁଡିକ ଉପରେ ବହୁତ ଧ୍ୟାନ ଦେବା ଉଚିତ୍ । ସର୍ବଦା ସତ୍ୟ ଉପରେ କାଏମ୍ ରୁହ ଓ ସତ୍ୟତାର ଯେଉଁ ସୂକ୍ଷ୍ମତା ରହିଛି ଏହି ଆୟତ ଗୁଡିକରେ ତାହା ବର୍ଣ୍ଣନା କରାଯାଇଛି । ଉଦାହରଣ ସ୍ୱରୂପ ସର୍ବଦା କୌଲେ ସଦିଦ୍ (ସତ୍ୟ ଓ ସ୍ୱଷ୍ଟ କଥା କହିବା) ଦ୍ୱାରା କାମ ନିଅ । ନା ନିଜ ଜୀବନର କାର୍ଯ୍ୟକଳାପରେ ନା ପାରିବାରିକ ମାମଲାରେ କୌଣସି ଅବସ୍ଥାରେ ମଧ୍ୟ କଥାରେ ଟିକିଏ ମଧ୍ୟ ତେଢ଼ାପଣ ନ ରହୁ । ଏହାଦ୍ୱାରା ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସୁବିଶ୍ୱାସ ସୃଷ୍ଟି ହୋଇଥାଏ ଓ ଏକଥା ଅଲ୍ଲାଃତାଲାଙ୍କୁ ବହୁତ ପସନ୍ଦ ଅଟେ କାରଣ ଏହା ହେଉଛି ତକ୍‌ଓ୍ୱା । ଅଲ୍ଲାଃତାଲାଙ୍କର ଭୟ ହୃଦୟରେ ରଖିବାକୁ ହେବ । ଅଲ୍ଲାଃତାଲାଙ୍କ ପ୍ରସନ୍ନତାକୁ ହାସଲ କରିବା ପାଇଁ ଚେଷ୍ଟା କରିବାକୁ ହେବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ପୁଣି ଯେଉଁ ପାରିବାରିକ ଜୀବନ ଅଛି ତାହା ବହୁତ ଗୁରୁତ୍ୱପୁର୍ଣ୍ଣ । ବିବାହ ହେଉଛି ଏକ ଖୁସିର ଅବସର । ପୁଣି ଖୁସିର ଅବସରରେ କେବଳ ଖୁସି ପାଳନ କରିବା ଯଥେଷ୍ଟ ନୁହେଁ ବା ଏକଥାରେ ଖୁସି ହୋଇଯିବା ଯଥେଷ୍ଟ ନୁହେଁ କି ମୋର ବିବାହ ହୋଇଗଲା ବୋଲି ବରଂ ଅଲ୍ଲାଃତାଲା କହୁଛନ୍ତି କି ତୁମେ ଏହା ଦେଖ କି ତୁମେ ଆସନ୍ତା କାଲି ପାଇଁ ଆଗକୁ କଣ ପ୍ରେରଣ କରିଛ । ସେଇଥିପାଇଁ ପ୍ରତ୍ୟେକ ଦିନର କାର୍ଯ୍ୟକଳାପ ଉପରେ ଦୃଷ୍ଟି ରଖିବାର ଆବଶ୍ୟକତା ଅଛି । ଏହା ଦେଖିବା ଜରୁରୀ ଅଟେ କି ମୋର କାର୍ଯ୍ୟକଳାପ କିପରି ? କଣ ମୁଁ ଅଲ୍ଲାଃତାଲାଙ୍କ ଇଛା ମୁତାବକ କାମ କରୁଛି ? ମୋ ଉପରେ ଯେଉଁ ଦାୟିତ୍ୱ ନ୍ୟସ୍ତ କରାଯାଉଛି ତାହା କଣ ମୁଁ ସମ୍ପାଦନ କରୁଛି ? ଓ ସେହି ଦାୟିତ୍ୱ ଗୁଡିକର ଅଧିକାରକୁ ପ୍ରଦାନ କରିବା ପାଇଁ କଣ ମୁଁ ଚେଷ୍ଟା କରୁଛି ? ସେହିପରି ଯେବେ ମୋର ସନ୍ତାନ ଜନ୍ମ ହେବେ ସେମାନଙ୍କର ମଧ୍ୟ ତର୍‌ବିୟତ୍ କରିବାର ଦାୟିତ୍ୱ ମୋ ଉପରେ ଅଛି । ଅଲ୍ଲାଃତାଲା ପ୍ରତ୍ୟେକ ମୁସଲ୍‌ମାନ୍ ଉପରେ ବହୁତ ବଡ଼ ଦାୟିତ୍ୱ ନ୍ୟସ୍ତ କରିଛନ୍ତି ଅର୍ଥାତ୍ ନିଜ ଅବସ୍ଥାକୁ ଅନୁଧ୍ୟାନ କର ଓ ପୁଣି ନିଜ ପିଲାମାନଙ୍କର ତର୍‌ବିୟତ୍ ପ୍ରତି ଦୃଷ୍ଟିଦିଅ । କିନ୍ତୁ ଜଣେ ମୁରବୀଙ୍କର ଏହାଠାରୁ ବଳି ରହିଛି । ସେ ନା କେବଳ ନିଜ ଅବସ୍ଥାପ୍ରତି ଦୃଷ୍ଟି ଦେବେ ଓ ନିଜ ପିଲାମାନଙ୍କ ତର୍‌ବିୟତ ପ୍ରତି ଧ୍ୟାନ ଦେବେ ବରଂ ଜମାତ୍‌ର ଲୋକମାନଙ୍କ ପ୍ରତି ମଧ୍ୟ ଧ୍ୟାନ ଦେବେ ଓ ଏହା ସେପର୍ଯ୍ୟନ୍ତ ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ସଠିକ୍ ରୂପେ ମନୁଷ୍ୟ ନିଜର ପ୍ରତ୍ୟେକ କଥାକୁ ଅନୁଧ୍ୟାନ ନ କରିଛି । ଛୋଟିଆରୁ ଛୋଟିଆ କଥା, ଯେଉଁଥିରୁ କୌଣସି ପ୍ରକାରେ ମଧ୍ୟ ତର୍‌ବିୟତି ଦୁର୍ବଳତା ପ୍ରକାଶ ପାଇଥାଏ, ସେଥିରୁ ବଂଚିବା ପାଇଁ ଚେଷ୍ଟା କରିବାକୁ ପଡ଼ିବ ଯଦ୍ୱାରା ଆସନ୍ତା ଜୀବନରେ ମନୁଷ୍ୟ ଶାନ୍ତିର ସହିତ ଅଲ୍ଲାଃତାଲାଙ୍କ ନିକଟରେ ଛିଡ଼ା ହେବାପାଇଁ ଚେଷ୍ଟା କରିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସେହିପରି ସ୍ତ୍ରୀ ର ହକ୍‌କୁ ପ୍ରଦାନ କରିବା, ତାଙ୍କ ରହ୍‌ମି (ମା’ ବାପାଙ୍କ) ବନ୍ଧୁବାନ୍ଧବ ମାନଙ୍କର ହକ୍ ପ୍ରଦାନ କରିବା ଆପୋଷର ସମ୍ପର୍କକୁ ପ୍ରେମ ଓ ସ୍ନେହର ସହିତ ଆଗକୁ ବଢ଼ାଇବା । ଏହିପରି ଜଣେ ମନୁଷ୍ୟର ଅନେକ ଦାୟିତ୍ୱ ରହିଛି । ସେଥିପ୍ରତି ଆଁ ହଜ୍‌ରତ୍ ସ:ଆ:ସ ନିକାହ୍ ଅବସରରେ ଉକ୍ତ ଆୟତ ଗୁଡିକୁ ପାଠ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ ସେହି କଥାଗୁଡିକୁ ସର୍ବଦା ଧ୍ୟାନ ରଖିବା । ସେହିପରି ଝିଅକୁ ମଧ୍ୟ, ଯିଏ ଜଣେ ମୁରବୀଙ୍କ ସହିତ ବାହା ହୋଇ ଯାଉଛନ୍ତି, ତାଙ୍କୁ ମଧ୍ୟ ଏ କଥା ଧ୍ୟାନ ରଖିବାକୁ ହେବ କି ସେ ଜଣେ ମୁରବୀଙ୍କୁ ବାହାହୋଇ ଯାଉଛନ୍ତି ଓ ମୁରବୀଙ୍କ କାର୍ଯ୍ୟ ହେଉଛି ୨୪ ଘଂଟା । ସେ ହେଉଛନ୍ତି ଓ୍ୱାକିଫେ ଜିନ୍ଦେଗୀ ଏବଂ ପୁଣି ଏହା ନୁହେଁ କି ତାଙ୍କୁ ଅଷ୍ଟ୍ରେଲିଅ ବା କୌଣସି ବଡ଼ ଦେଶକୁ ପଠାଯିବ ବରଂ ଦୁନିଆର କୌଣସି ସ୍ଥାନକୁ ମଧ୍ୟ ପଠାଇ ଦିଆଯାଇପାରେ । ସେଇଥିପାଇଁ ମୁରବୀଙ୍କ ସ୍ତ୍ରୀ ମାନଙ୍କୁ ସର୍ବଦା ପ୍ରସ୍ତୁତ ରହିବା ଉଚିତ୍ ଓ ନିଜକୁ ଏପରି ଓ୍ୱକ୍‌ଫ୍ (ଉତ୍ସର୍ଗୀ) ମଣିବା ଉଚିତ୍ ଯେପରି ମୁରବୀ ଓ୍ୱାକିଫେ ଜିନ୍ଦେଗୀ ଅଟେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ – ତେଣୁ ଦୁଇଜଣଯାକ ଯଦି ଏହି କଥାକୁ ନିଜ ସମ୍ମୁଖରେ ରଖିବେ ଓ ଏହିପରି ଦୁଇ କୁଟୁମ୍ବ ନିଜ ସମ୍ମୁଖରେ ଏ କଥାକୁ ରଖିବେ ତେବେ ବନ୍ଧୁ ଠିକ୍ ଚାଲିବ । ଏକ ସାଧାରଣ ହିଦାୟତ୍ ସମସ୍ତଙ୍କ ପାଇଁ ରହିଛି । ସମସ୍ତ ବନ୍ଧୁତ୍ୱକୁ କାଏମ୍ ରଖିବା ପାଇଁ, ଓ ସୁଚାରୁରୂପେ ପରିଚାଳିତ କରିବା ପାଇଁ, ସୁବିଶ୍ୱାସ ପ୍ରତିଷ୍ଠା କରିବା ପାଇଁ, ପ୍ରେମ ଓ ସୌହାର୍ଦ୍ଦ୍ୟପୁର୍ଣ୍ଣ ଜୀବନ ବିତାଇବା ପାଇଁ, ଜଣେ ଅନ୍ୟଜଣକ ବନ୍ଧୁ ବାନ୍ଧବଙ୍କୁ ସମ୍ମାନ କରିବା ପାଇଁ ସେହି ସବୁ କଥା ଗୁଡିକୁ ଧ୍ୟାନ ରଖିବା ଆବଶ୍ୟକ ଯାହାକୁ ଅଲ୍ଲାଃତାଲା ବର୍ଣ୍ଣନା କରିଛନ୍ତି । ଅଲ୍ଲାଃ କରନ୍ତୁ କି ଏହି କାଏମ୍ ହୋଇଥିବା ବନ୍ଧୁ ପ୍ରତ୍ୟେକ କ୍ଷେତ୍ରରୁ ବାବର୍‌କତ୍ ହେଉ ଏବଂ ଏହି ସ୍ୱାମୀ ସ୍ତ୍ରୀ ଦୁଇଜଣଙ୍କ ପ୍ରେମ ଓ ସୌହାର୍ଦ୍ଦ୍ୟପୁର୍ଣ୍ଣ ଜୀବନ ବିତାନ୍ତୁ ଓ ନିଜ ଭିତରେ ଓ୍ୱକ୍‌ଫ୍‌ର ଆତ୍ମାକୁ ବୁଝନ୍ତୁ । ଆମିନ୍ !

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଅଜିଜମ୍ ସୟଦ୍ ଓ୍ୱଦୁଦ୍ ଜୋନୁଦ୍ ସାହେବ୍ ସୁପୁତ୍ର ମୋକରମ୍ ସୟଦ୍ ମେହ୍‌ବୁବ୍ ଜୋନୁଦ୍ ସାହେବ୍‌ଙ୍କ ନିକାହ୍ ଘୋଷଣା କଲେ । ଯାହା ଅଜିଜା ସବା ୟୁରାଲାବଟ୍ ସାହିବା ସୁପୁତ୍ରୀ ମୋକରମ୍ ଜହୁରୁର୍ ରସୁଲ୍ ବଟ୍ ସାହେବ୍ ସାକିନ୍ ଏଡିଲେଡ୍ ଅଷ୍ଟ୍ରେଲିଆଙ୍କ ସହିତ ନିର୍ଦ୍ଧାରିତ ହୋଇଛି ।

ଶେଷରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଆ କରାଇଲେ ଓ ଏହାପରେ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ପ୍ରୋଗ୍ରାମ୍ ମୁତାବକ ୪:୧୦ ମିନିଟ୍‌ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ହୋଟେଲ୍‌ରୁ ବାହାରି ୪:୪୦ ରେ ମସ୍‌ଜିଦ୍ ବଇତୁଲ୍ ଅହଦ୍‌ଠାରେ ପହଂଚିଲେ ।

**ୟୁନିଭର୍‌ସିଟିର ପ୍ରଫେସର୍, ହାଇସ୍କୁଲ୍ ଟିଚର୍ ଏବଂ ଶିକ୍ଷାର୍ଥୀମାନଙ୍କର ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସାକ୍ଷାତ୍‌କାର୍ ଓ ପ୍ରଶ୍ନୋତର କାର୍ଯ୍ୟକ୍ରମ**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍‌ତର୍‌ରେ ପହଂଚିଲେ । ଦୁଇଟି ୟୁନିଭର୍‌ସିଟିର ଛଅଜଣ ପ୍ରଫେସର୍, ଜଣେ ହାଇସ୍କୁଲ୍ ଟିଚର୍ ଏବଂ ୟୁନିଭର୍‌ସିଟିର ୧୦ ଜଣ ଶିକ୍ଷାର୍ଥୀ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଆସିଥିଲେ । ସେମାନେ ସମସ୍ତେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏମାନେ ସମସ୍ତେ ପ୍ରଫେସର୍, ରିସର୍ଚ୍ଚ୍ ସ୍କଲାର୍ ଏବଂ ଇସ୍‌ଲାମୀୟ ଜ୍ଞାନର ପ୍ରବୀଣ ରୂପେ ଜଣାଶୁଣା । ସେମାନେ ସାକ୍ଷାତ୍‌କାର୍ ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରିଲେ ।

ପ୍ରଫେସର୍‌ମାନେ ପଚାରିଲେ କି ଆମେ ଏଠି ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେବାପାଇଁ ଆସିଛୁ । ଆମେ ଏଠାକୁ ଆସି

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ ...*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.3 Thursday 02 August 2018 Issue No.31

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜାପାନ ଗସ୍ତ - ନଭେମ୍ବର ୨୦୧୫ ର କାର୍ଯ୍ୟବ୍ୟସ୍ତତା

### ୧୯ ନଭେମ୍ବର୍ ୨୦୧୫ (ଗୁରୁବାର)

### ତକ୍‌ରିବେ ଆମିନ୍ (ଆମିନ୍ ଉତ୍ସବ)

ଏହାପରେ ତକ୍‌ରିବେ ଆମିନ୍ ଅନୁଷ୍ଠିତ ହେଲା । ହଜୁର୍ ଅନୁୱର୍ ଅ:ବ:ଅ ନିମ୍ନଲିଖିତ ପିଲାମାନଙ୍କଠାରୁ ପବିତ୍ର କୋରାନ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ:- ଅଜିଜମ୍ ଖ୍ୱାଜା ହୟାତ୍, ଅଜିଜମ୍ ନୱିଦ୍ ଅହେମଦ୍ ଏବଂ ଅଜିଜମ୍ ସୁବ୍‌ହାନ୍ ସୁହେଲ ।

ତକ୍‌ରିବେ ଆମିନ୍ ପରେ ୪:୫୦ ରେ ପିଲାମାନଙ୍କର କ୍ଲାସ୍ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ଆରମ୍ଭ ହେଲା । ଏହି କ୍ଲାସ୍‌ରେ ଜାପାନୀ ମହିଳାମାନେ ମଧ୍ୟ ସାମିଲ୍ ହେଲେ ।

### ହଜୁର୍ ଅନୁୱର୍‌ଙ୍କ ସହିତ ପିଲାମାନଙ୍କର କ୍ଲାସ୍

ପ୍ରୋଗ୍ରାମ୍‌ର ଶୁଭାରମ୍ଭ ପବିତ୍ର କୋରାନ୍‌ର ଆୟତ ପାଠ ଦ୍ୱାରା ହେଲା, ଯାହାକୁ ଅଜିଜା ତାହିରା ଶନୁବୁ ସାହିବା ପାଠ କଲେ ଓ ଏହାର ଉର୍ଦ୍ଦୁ ଅନୁବାଦ ଅଜିଜା ମାରିଆ ଜୁନୁଦ୍ ଉପସ୍ଥାପନ କଲେ । ଏହାପରେ ଛୋଟ ଛୋଟ ଝିଅପିଲାମାନଙ୍କ ଗୋଟିଏ ଗ୍ରୁପ୍ ଦରୁଦ୍ ଶରିଫ୍ ଉପସ୍ଥାପନ କଲେ । ଏହାପରେ ଅଜିଜା ଦରିୟା ଜଫର୍ ମସ୍‌ଜିଦ୍ ସମ୍ବନ୍ଧରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିମ୍ନଲିଖିତ ବାଣୀକୁ ଉପସ୍ଥାପନ କଲେ ।

ହଜ୍‌ରତ୍ ଉରୁଆବିନ୍ ଜୁବେର୍ ର:ଅ ବର୍ଣ୍ଣନା କରୁଛନ୍ତି କି ରସୁଲୁଲ୍ଲାଃ ସ:ଆ:ସଙ୍କ ଜଣେ ସାହାବୀ ବର୍ଣ୍ଣନା କରିଛନ୍ତି କି ଆପଣ ସ:ଆ:ସ ଆମକୁ ନିର୍ଦ୍ଦେଶ ଦେଉଥିଲେ କି ଆମେ ନିଜ ମହଲାରେ ମସ୍‌ଜିଦ୍ ବନାଇବୁ ଏବଂ ପୁଣି ଏହା କି ଆମେ ତାକୁ ବହୁତ ସୁନ୍ଦର ନିର୍ମାଣ କରି ତାକୁ ପବିତ୍ର ଓ ସଫା ରଖିବୁ ।

ହଜ୍‌ରତ୍ ଅବୁ ସଇଦ୍ ର:ଅ ବର୍ଣ୍ଣନା କରୁଛନ୍ତି କି ରସୁଲୁଲ୍ଲାଃ ସ:ଆ:ସ କହିଲେ କି ଯେବେ ତୁମେ କୌଣସି ବ୍ୟକ୍ତିଙ୍କୁ ମସ୍‌ଜିଦ୍‌ରେ ଉପାସନା କରିବା ପାଇଁ ଯିବା ଆସିବାର ଦେଖ ତେବେ ତୁମେ ସାକ୍ଷୀ ଦିଅ କି ସେ ହେଉଛନ୍ତି ଜଣେ ମୋମିନ୍ । ଏଇଥିପାଇଁ କି ଅଲ୍ଲାଃତାଲା କହୁଛନ୍ତି କି ‘‘ଅଲ୍ଲାଃଙ୍କ ମସ୍‌ଜିଦ୍ ସେହିମାନେ ଆବାଦ କରିଥାନ୍ତି ଯେଉଁମାନେ ଇଶ୍ୱର ଓ ପରକାଳ ଉପରେ ବିଶ୍ୱାସ ରଖିଥାନ୍ତି’’ ।

ଏହାପରେ ଅଜିଜା ପର୍‌ୱିନ୍ ଇସ୍‌ମତୁଲ୍ଲାଃ ‘‘ଜାପାନ ସମ୍ବନ୍ଧରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅଙ୍କ ବାଣୀ’’ ଉପସ୍ଥାପନ କଲେ ।

ଜାପାନ୍‌ରେ ଇସ୍‌ଲାମ୍‌ର ପ୍ରଚାର ପ୍ରସାର ନିମନ୍ତେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆନ୍ତରିକ ଇଛାକୁ ସମ୍ପୂର୍ଣ୍ଣ କରିବା ପାଇଁ ମସିହ୍ ମଉଦ୍ ଆ:ସଙ୍କ ଖଲିଫାମାନଙ୍କର ମନର ଯେଉଁ ଭାବନା ଥିଲା ତାହା ନିମ୍ନରେ ଦିଆଯାଉଛି-

ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ କହୁଛନ୍ତି:- ‘‘ତହ୍‌ରିକ୍ ଯଦିଦ୍‌ର ପ୍ରଥମ ଉଦ୍ଦେଶ୍ୟ ହେଉଛି ଏହା କି ଆମେ ସଂସାରର ପ୍ରତ୍ୟେକ ଦେଶରେ ଅତି କମ୍‌ରେ ଜଣେ ଲୋକଙ୍କୁ ଏପରି ଛିଡ଼ା କରାଇଦେବା ଯିଏ ଇସ୍‌ଲାମ୍‌ର ଝଣ୍ଡାକୁ ନିଜ ହାତରେ ଧରି ରଖିବ ଏବଂ ସେହି ପତାକାକୁ ପବନରେ ଉଡାଇ ଚାଲିବ..... । ଜାପାନ୍‌ରେ ଜଣେ ହିନ୍ଦୁସ୍ତାନୀ ଇସ୍‌ଲାମୀୟ ଝଣ୍ଡାକୁ ଉଡାଉନଥିବ ବରଂ କିଛି ଜାପାନୀ ଲୋକେ ଇସ୍‌ଲାମ୍‌ର ଝଣ୍ଡାକୁ ନିଜ ହାତରେ ଧରି ଲହରାଉଥିବେ’’ । (ତହ୍‌ରିକେ ଯଦିଦ୍ ଏକ୍ ଇଲାହି ତହ୍‌ରିକ୍ - ପ୍ରଥମ ଖଣ୍ଡ, ଇକ୍‌ତେବାସ୍, ଖୁତ୍‌ବାଜୁମା ପ୍ରଦତ- ୧ ଡିସେମ୍ବର୍ ୧୯୩୯)

ଆଉ ଗୋଟିଏ ଅବସରରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ କହୁଛନ୍ତି କି:- ‘‘ଜାପାନ୍ କେଡେ ମହାନ୍ ଦେଶ । ଯଦି ଆମେ ସେଠାରେ ମିଶନ୍ ଖୋଲିବା ଏବଂ ଇଶ୍ୱର କରନ୍ତୁ ସେଠାରେ ଆମ ଜମାତ୍ କାଏମ୍ ହୋଇଯାଉ ତେବେ ଅହେମଦୀୟତ୍‌ର ଆୱାଜ୍ ସମ୍ପୂର୍ଣ୍ଣ ପୂର୍ବ ଏସିଆରେ ଗୁଞ୍ଜରଣ କରିବ ।’’ (ତହ୍‌ରିକେ ଯଦିଦ୍ ଏକ୍ ଇଲାହି ତହ୍‌ରିକ୍ - ତୃତୀୟ ଖଣ୍ଡ, ପୃଷ୍ଠା- ୪୦୬, ଇକ୍‌ତେବାସ୍, ଖୁତ୍‌ବାଜୁମା ପ୍ରଦତ- ୧୯ ନଭେମ୍ବର୍ ୧୯୫୪)

ଏହାପରେ ଅଜିଜା ତାହେରା ଶୌକତ୍ ‘‘ମସ୍‌ଜିଦ୍ ବଇତୁଲ୍ ଅହଦ୍ ଜାପାନ୍’’ ବିଷୟରେ ନିଜର ନିମ୍ନଲିଖିତ ନିବନ୍ଧ ଉପସ୍ଥାପନ କଲେ:-

ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୦୬ ମସିହାରେ ଜାପାନ୍ ଗସ୍ତ ସମୟରେ ପ୍ରଥମ ମସ୍‌ଜିଦ୍ ନିର୍ମାଣ କରିବା ପାଇଁ ଉପଦେଶ ଦେଇଥିଲେ ଏବଂ ମସ୍‌ଜିଦ୍ କମିଟି ଗଠନ କରିଥିଲେ । ଅଲ୍ଲାଃତାଲାଙ୍କ ଦୟା ଓ ଅନୁଗ୍ରହରୁ ୨୦୧୩ ମସିହାରେ ହଜୁର୍ ଅନୁୱର୍ ଅ:ବ:ଅଙ୍କ ଜାପାନ୍‌ର ଦ୍ୱିତୀୟ ଗସ୍ତ ଅବସରରେ ଅଲ୍ଲାଃତାଲା ଜାପାନ୍‌ରେ ମସ୍‌ଜିଦ୍ ନିର୍ମାଣ କରିବା ପାଇଁ ଯାଗା ପ୍ରଦାନ କଲେ ।

ସୟଦ୍‌ନା ହଜୁର୍ ଅନୁୱର୍ ଅ:ବ:ଅ ଖୁତ୍‌ବାଜୁମା ସମୟରେ ଜାପାନ୍‌ରେ ନିର୍ମାଣ ହେବାକୁ ଥିବା ପ୍ରଥମ ମସ୍‌ଜିଦ୍ ବିଷୟରେ କହିଲେ:-

‘‘ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଦୁନିଆର ଅନ୍ୟ ଜମାତ୍‌ମାନଙ୍କ ପରି ଜମାତ୍ ଅହେମଦୀୟା ଜାପାନ ମଧ୍ୟ ଉନ୍ନତି ପଥରେ ଅଗ୍ରଗାମୀ ଓ ଉନ୍ନତି କରୁଥିବା ଜମାତ୍‌ମାନଙ୍କ ମଧ୍ୟରୁ ହେଉଛି ଗୋଟିଏ । ନିଷ୍ଠା, ଭକ୍ତି ଓ ମାଲି କୁର୍ବାନୀରେ ଆଗକୁ ବଢୁଥିବା ଜମାତ୍ ମାନଙ୍କ ମଧ୍ୟରୁ ଗୋଟିଏ ଜମାତ୍.... ଜମାତ୍ ଅହେମଦୀୟା ଜାପାନ୍ ଏହାକୁ କିଣିବା ପାଇଁ ମାଲି କୁର୍ବାନୀ ମଧ୍ୟ ଦେଇଛନ୍ତି ଓ ମାଲି କୁର୍ବାନୀର ହକ୍ ମଧ୍ୟ ପ୍ରଦାନ କରିଛନ୍ତି । କିନ୍ତୁ ସର୍ବଦା ମନେରଖନ୍ତୁ କି ପ୍ରକୃତ ହକ୍ ସେତେବେଳେ ପ୍ରଦାନ ହୋଇଥାଏ ଯେବେ ଆମେ ସେ ସବୁ କଥାଗୁଡିକୁ ବୁଝିବା ଓ ତା ଉପରେ ଅମଳ କରିବା ଯେଉଁକଥା ଗୁଡିକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମକୁ କରିବା ପାଇଁ କହିଛନ୍ତି । ଆପଣ ଆ:ସଙ୍କ ବୟତରେ ଆସି ଆମେ ସେହି ସବୁ କଥାଗୁଡିକୁ ବୁଝିବା ଓ ତା ଉପରେ ଅମଳ କରିବା ପାଇଁ ଚେଷ୍ଟା କରିବା ଉଚିତ୍ ଯାହା ଗୋଟିଏ ବାସ୍ତବିକ ମୁସଲ୍‌ମାନ୍ ପାଇଁ ଜରୁରୀ ଅଟେ’’ । (ଖୁତ୍‌ବାଜୁମା ପ୍ରଦତ ୮ ନଭେମ୍ବର୍ ୨୦୧୩, ସ୍ଥାନ- ନାଗୋୟା, ଜାପାନ୍)

ଆଜି ଆମ ହୃଦୟ ଅଲ୍ଲାଃତାଲାଙ୍କ ପ୍ରଶଂସାରେ ଭରିଯାଇଛି ଓ ନିଜ ମୌଲାଙ୍କ ସମ୍ମୁଖରେ ନତମସ୍ତକ ରହିଛି କି ସେ ଆମକୁ ଏହି ପବିତ୍ର ଦିନ ଦେଖାଇଛନ୍ତି ।

‘‘ୟେ ରୋଜ୍‌କର୍ ମୁବାରକ୍
ସୁବ୍‌ହାନା ମୈଁ ୟରାନୀ’’

ସୟଦ୍‌ନ ହଜୁର୍ ଅନୁୱର୍ ଅ:ବ:ଅ କହୁଛନ୍ତି-

‘‘ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦୀଙ୍କୁ ଏ ଶକ୍ତି ଦିଅନ୍ତୁ କି ଆମର ଯେଉଁ ମସ୍‌ଜିଦ୍ ମଧ୍ୟ ନିର୍ମାଣ ହେବ ତାର ମୂଳଦୁଆ ସମ୍ପୂର୍ଣ୍ଣ ରୂପେ ତକ୍‌ୱା (ଧର୍ମପରାୟଣତା) ଉପରେ ପରିବେଷ୍ଟିତ ହେଉ ଓ ସର୍ବଦା ଆମର ଗଣନା ଅଲ୍ଲାଃତାଲାଙ୍କ ଉପାସନାକାରୀଗଣଙ୍କ ମଧ୍ୟରେ କରାଯାଉ । ଅଲ୍ଲାଃତାଲାଙ୍କ ନିକଟରେ ନତମସ୍ତକ ହେବାବାଲା ହେଉ ଓ ନିଜର ସମସ୍ତ ଇଛା ଓ ମନୋବାଞ୍ଛା ତା ନିକଟରେ ତା ନିକଟରେ ଉପସ୍ଥାପନ କରିବା ବାଲା ହେଉ ଓ ସେହି ଇଶ୍ୱରଙ୍କୁ ସମସ୍ତ ଶକ୍ତିର ମାଲିକ ଓ ସମସ୍ତ ଶକ୍ତିର ଉତ୍ସ ରୂପେ ବିବେଚନା କରୁ ଓ କେବଳ ତାହାରି ହିଁ ଆମେ ହୋଇଯାଉ ଓ ତା ନିର୍ଦ୍ଦେଶ ମୁତାବକ ମସ୍‌ଜିଦ୍‌କୁ ଆବାଦ୍ କରିବାବାଲା ମଧ୍ୟ ହେଉ । ଦୁନିଆରେ ଯେଉଁଠି ବି ଜମାତ୍‌ର ମସ୍‌ଜିଦ୍ ରହିଛି ଅଲ୍ଲାଃ କରନ୍ତୁ କି ତାହା ଆମପାଇଁ ଛୋଟ ହୋଇଯାଉ ଓ ନମାଜି ମାନଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଯାଉ । ମନେରଖ ଇସ୍‌ଲାମ୍ ଏବଂ ଅହେମଦୀୟତ୍‌ର ବିଜୟ ଏବେ ସେହି ମସ୍‌ଜିଦ୍ ଗୁଡିକୁ ଆବାଦ କରିବା ଦ୍ୱାରା ହିଁ ନିହିତ । ତେଣୁ ହେ ଅହେମଦୀମାନେ! ଉଠ ଏବଂ ମସ୍‌ଜିଦ୍ ଆଡକୁ ଦୌଡ ଏବଂ ତାକୁ ଆବାଦ କର, ଯଦ୍ୱାରା ଅଲ୍ଲାଃତାଲାଙ୍କ ପ୍ରତିଶ୍ରୁତି ମୁତାବକ ଆମେ ଶିଘ୍ରରୁ ଶିଘ୍ରତର ଇସ୍‌ଲାମ୍ ଏବଂ ଅହେମଦୀୟତ୍‌ର ବିଜୟର ଦିନ ଦେଖିପାରିବା’’ ।

ଏହାପରେ ଅଜିଜା ଫାଏଜା ଅନିସ୍ ତରାନା ଉପସ୍ଥାପନ କଲେ ।

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ଛୋଟ ଛୋଟ ଝିଅପିଲାମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ଅନୁମତି ଦେଲେ ।

### ଛୋଟ ଛୋଟ ଝିଅପିଲାଙ୍କ ପ୍ରଶ୍ନର ଉତର

ଜଣେ ଝିଅ ପ୍ରଶ୍ନ ପଚାରିଲେ କି ଆଜିକାଲି ଯେଉଁ ବିଭିନ୍ନ ପ୍ରକାର ସନ୍ତ୍ରାସବାଦ ଗୋଷ୍ଠୀ ଏ ଦୁନିଆରେ କାମ କରୁଛନ୍ତି ସେମାନେ କଣ ମୁସଲ୍‌ମାନ୍ ଅଟନ୍ତି । ମୋ ୟୁନିଭର୍‌ସିଟିରେ ଝିଅପିଲାମାନେ ମୋତେ ପଚାରୁଛନ୍ତି କି ଆମେ କଣ ସେମାନଙ୍କ ପରି ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆଁ ହଜ୍‌ରତ୍ ସ:ଆ:ସ ଏହି ପେଶ୍‌ଗୋଇ କରିଥିଲେ କି ମୋ ପରେ ଖୋଲୋଫା ହେବେ । ପୁଣି ସମ୍ରାଟଙ୍କ ରାଜୁତି ଆସି । ପୁଣି ତା ପରେ ଅତ୍ୟାଚାରୀ ସମ୍ରାଟ ହେବେ ଅର୍ଥାତ୍ ଚରମପନ୍ଥୀ ରାଜା ହେବେ । ଅନ୍ୟକୁ ଦୁଃଖ ପହଂଚାଉଥିବା ଶାସନ ହେବ ଓ ଏହା ଅନ୍ଧକାରମୟ ଯୁଗ ହେବ । ଏହାପରେ ଖିଲାଫତେ ଆଲା ମିନ୍‌ହାଜେ ନବୁୱତ୍ ହେବ । ଅର୍ଥାତ୍- ନବୀଙ୍କ ମାର୍ଗରେ ଖିଲାଫତ୍ ପରିଚାଳିତ ହେବ ।

ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ କି ସେହି ଶେଷ ଯୁଗରେ ନିଜକୁ ମୁସଲ୍‌ମାନ୍ ବୋଲାଉଥିବା ଲୋକେ ବିଗିଡ଼ି ଯିବେ । ଇସ୍‌ଲାମ୍‌ର ଶିକ୍ଷାକୁ ଭୁଲିଯିବେ । ଯେବେ ଏହିପରି ଅବସ୍ଥା ହେବ ସେତେବେଳେ ମୁସଲ୍‌ମାନ୍ ମାନଙ୍କୁ ପୁଣି ସୁଧାରିବା ପାଇଁ ସେମାନଙ୍କର ହିଦାୟତ୍ ଓ ସଂସ୍କାର ନିମନ୍ତେ ଇମାନ୍ ମେହ୍‌ଦୀ ଆସିବ ।

ସୁତରାଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉକ୍ତ ପେଶ୍‌ଗୋଇ ମୁତାବକ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ ପ୍ରକଟ ହେଲେ ଓ ଆମେ ତାଙ୍କୁ ମାନିନେଲେ ଏବଂ ଆମେ ଏକଥା ଉପରେ ବିଶ୍ୱାସ ରଖିଛୁ କି ଆପଣ ଆ:ସ ହିଁ ହେଉଛନ୍ତି ସେହି ମସିହ୍ ଓ ମେହ୍‌ଦୀ ଯାହାଙ୍କ ଆସିବାର ଖବର ଆଁ ହଜ୍‌ରତ୍ ସ:ଆ:ସ ଦେଇଥିଲେ । ତେଣୁ ଆପଣ ଆ:ସ ଉକ୍ତ ନଷ୍ଟ ହୋଇଯାଇଥିବା ଶିକ୍ଷାକୁ ପୁନର୍ବାର ଠିକ୍ କଲେ ଓ ଭୁଲ୍ କାମର ସଂସ୍କାର କଲେ । ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଗ୍ରହଣ କରିଛେ ଯେବେ କି ଅନ୍ୟ ମୁସଲ୍‌ମାନ୍‌ମାନେ ଗ୍ରହଣ କରିନାହାଁନ୍ତି । ସେଇଥିପାଇଁ ଅନ୍ୟ ମୁସଲ୍‌ମାନ୍ ମାନଙ୍କ ପରି ଆମେ ବିଗିଡ଼ି ଯାଇଥିବା

*ଅବଶିଷ୍ଟାଂଶ ପୃଷ୍ଠା-୦୭ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan